

ଠାକ୍‌ରେ ପରିବାରକୁ ବଦନାମ କରାଯାଉଛି — ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 176 ଭାଗ ୩୪ | ସଂଖ୍ୟା ୧୭୬

Wednesday 16 September 2026 | Page 8 Rs. 5.00

ଭୁବନେଶ୍ୱର ବୁଧବାର, ୧୬ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ବଦଳିଲା ୟୁପିଆଇ ନିୟମ

# ଦୁଇ ହଜାର ପର୍ଯ୍ୟନ୍ତ ପେମେଣ୍ଟ ମାଗଣା

### ବ୍ୟବସାୟୀଙ୍କ ଉପରେ ୦.୪୦% ଚାର୍ଜ

### ଅକ୍ଟୋବର ୧୫ରୁ ନୂଆ ପେମେଣ୍ଟ ବ୍ୟବସ୍ଥା

ନୂଆଦିଲ୍ଲୀ, ୧୫।୯: କେନ୍ଦ୍ର ସରକାର ଆଜି ୟୁପିଆଇ ଉପରେ ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଲାଗୁ କରିବାକୁ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୧୫ରେ ଅନୁଷ୍ଠିତ ୟୁପିଆଇ ପରିଚାଳନା କମିଟି ବୈଠକରେ ୨, ୦୦୦ ଟଙ୍କାରୁ ଅଧିକ ଟ୍ରାଞ୍ଜାକ୍ସନ ପାଇଁ ୟୁପିଆଇ ଏମଡିଆରକୁ ୪୦ ବିପିଏସ୍ କିମ୍ବା ୦.୪ ପ୍ରତିଶତ କରାଯାଇଛି। ଏହାର ଅର୍ଥ ହେଉଛି ୨, ୦୦୦ରୁ ଅଧିକ ପେମେଣ୍ଟ ଉପରେ ବ୍ୟବସାୟୀଙ୍କୁ ୦.୪ ପ୍ରତିଶତ ଚାର୍ଜ ଦେବାକୁ ପଡ଼ିବ।

ଅକ୍ଟୋବର ୧୫, ୨୦୨୬ରୁ କେତେକ ନିର୍ଦ୍ଦିଷ୍ଟ ମର୍ଚାଣ୍ଟ ଟ୍ରାଞ୍ଜାକସନ୍ (ପିଟୁଏମ) ଉପରେ ୟୁପିଆଇ ମର୍ଚାଣ୍ଟ ଡିସକାଉଣ୍ଟ ରେଟର ନୂଆ ଫ୍ରେମୱାର୍କ ଲାଗୁ ହେବ। ତେବେ ପରସ୍ପର ମଧ୍ୟରେ ୟୁପିଆଇ ଜରିଆରେ ଟଙ୍କା ଟ୍ରାନ୍ସଫର କଲେ ଏହି ଚାର୍ଜ ଲାଗିବ ନାହିଁ। ଏହା କେବଳ କେତେକ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ଉପରେ




ହିଁ ଲାଗୁ ହେବ। ଏନପିସିଆଇ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ କାରବାର ଉପରେ ବ୍ୟବସାୟୀଙ୍କଠାରୁ ୦.୪% ଶୁଳ୍କ ନିଆଯିବ। ୭୫, ୦୦୦ କିମ୍ବା ତା'ଠାରୁ ଅଧିକ ଦେୟ ପାଇଁ ସର୍ବାଧିକ ଶୁଳ୍କ ହେଉଛି ୩୦୦। ଏହି ନୂତନ ଢାଞ୍ଚାର ଲକ୍ଷ୍ୟ ୟୁପିଆଇ ଇକୋସିଷ୍ଟମ ପାଇଁ ଏକ ଅଧିକ ସ୍ଥାୟୀ ବ୍ୟବସାୟ ମଡେଲ ସୃଷ୍ଟି କରିବା। ନୂଆ ନିୟମ ଅନୁଯାୟୀ, କ୍ୟୁଆର୍ କୋଡ୍ ଜରିଆରେ ପ୍ରତି ମାସରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ଛୋଟ ମର୍ଚାଣ୍ଟଙ୍କୁ କୌଣସି ଏମଡିଆର୍ ଦେବାକୁ ପଡ଼ିବ ନାହିଁ। ରେଳବାଇ ଓ ଫ୍ୟୁଏଲ୍ (ଇନ୍ଧନ) ଭଳି କ୍ୟାଟେଗୋରୀରେ ୨, ୦୦୦ରୁ ଅଧିକ ଟ୍ରାଞ୍ଜାକ୍ସନ ଉପରେ ୫ ଟଙ୍କାର ଫ୍ଲାଟ୍ ଫି' ଲାଗିବ ଏବଂ ଅଧିକ ଭାଲ୍ୟୁ ଥିବା ଅନ୍ୟ ପିଟୁଏମ୍ ଟ୍ରାଞ୍ଜାକସନ୍ ଉପରେ ୦.୪% ଚାର୍ଜ ଲାଗିବ, ଯାହାର ସର୍ବାଧିକ ସୀମା ୩୦୦ ହେବ।

ଏହାର ଅର୍ଥ ହେଉଛି, ଯଦି ଆପଣ ୨୦୦୦ ଟଙ୍କାରୁ ଅଧିକର ପର୍ସନାଲ୍ ଟୁ ମର୍ଚାଣ୍ଟ ପେମେଣ୍ଟ କରୁଛନ୍ତି, ତେବେ ଟଙ୍କା ଗ୍ରହଣ କରୁଥିବା ବ୍ୟବସାୟୀଙ୍କୁ ସର୍ବାଧିକ ୩୦୦ ଟଙ୍କା ଦେବାକୁ ପଡ଼ିବ। ଏହାଠାରୁ ଅଧିକ ଏମଡିଆର୍ ବ୍ୟବସାୟୀଙ୍କଠାରୁ ଆଦାୟ କରାଯିବ ନାହିଁ। ପେଟ୍ରୋଲ ଏବଂ ଡିଜେଲ ଭଳି ଫ୍ୟୁଏଲ୍ ଉପରେ ମର୍ଚାଣ୍ଟଙ୍କୁ ୟୁପିଆଇରେ ଏମଡିଆର ସର୍ବାଧିକ ୫ ଟଙ୍କା ହିଁ ଦେବାକୁ ପଡ଼ିବ। ➪ପୃଷ୍ଠା-୬



# ନନ୍ଦନକାନନରେ ରହିପାରିବେ ଓରାଙ୍ଗଉଟାନ

### ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି ଓରାଙ୍ଗଉଟାନ

ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ଭୋଗରାଇ ରଣକୋଠା ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ୫ ଓରାଙ୍ଗଉଟାନ ଶାବକଙ୍କୁ ନେଇ ଏବେବି ଚର୍ଚ୍ଚା ଜୋର୍। ଗୋଟିଏ ପଟେ ଉଦ୍ଧାର ଶାବକଙ୍କୁ ସୁସ୍ଥ କରିବାକୁ ଯଥା ସମ୍ଭବ ପ୍ରୟାସ ଚାଲିଥିବା ବେଳେ, ଅନ୍ୟପଟେ ବନ୍ୟଜନ୍ତୁ ଚୋରାଚାଲାଣ ଗ୍ୟାଙ୍ଗ ବିଷୟରେ ଏସଟିଏଫ୍ ଖୋଳତାଡ଼ ଜାରି ରଖିଛି। ଏସବୁ ଭିତରେ ଶାବକମାନେ କେଉଁଠି ରହିବେ ସେନେଇ ସମସ୍ତଙ୍କ ମନରେ ପ୍ରଶ୍ନ। ଏହାରି ଆଉ ଏକ ସୁରାକ ମିଳିଛି ଯେ, ଏହି ଓରାଙ୍ଗଉଟାନ ଏକ ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି। ତେଣୁ ଯଦି ଏହା ସ୍ପଷ୍ଟ ହୁଏ ତେବେ ଏମାନେ ନନ୍ଦନକାନନର ବାସିନ୍ଦା ହୋଇ ରହିପାରିବେ ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ।

ସେ କହିଛନ୍ତି, ଓରାଙ୍ଗଉଟାନ ଓଡ଼ିଶା ବା ନନ୍ଦନକାନନର ବାସିନ୍ଦା ହୋଇ ରହିପାରିବେ। ସେମାନଙ୍କୁ ଆଉ ଇଣ୍ଡୋନେସିଆକୁ ହସ୍ତାନ୍ତର କରିବାକୁ ପଡ଼ିବ ନାହିଁ। କାରଣ ଏମାନେ ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି। ତେଣୁ ଆଇନ ଅନୁଯାୟୀ ଯଦି ବ୍ରିଡିଂ ସେଣ୍ଟରରେ ଜନ୍ମ ହୋଇଛନ୍ତି ସେମାନେ ଚିଡ଼ିଆଖାନାରେ ରହିପାରିବେ। ଆଉ କାହାକୁ ଦେବାକୁ ପଡ଼ିବନି। ନନ୍ଦନକାନନରେ ତାଙ୍କ ପାଇଁ ପୂର୍ବରୁ ମଧ୍ୟ ବ୍ୟବସ୍ଥା ରହିଛି। ଏମାନଙ୍କୁ ବନ୍ଦ ଖୁଆଡ଼ରୁ ବାହାର କରି ଖୋଲା ➪ପୃଷ୍ଠା-୬

### ୟୁସିସିକୁ ନେଇ ରାଜନୈତିକ କରିଡରରେ ଝଡ଼

# ଶାହଙ୍କ ଘୋଷଣା ପରେ ମେଣ୍ଟରେ ମତଭେଦ



### ଅମଙ୍ଗ ଜେଡିୟୁ ଓ ଲୋକ ଜନଶକ୍ତି ପାର୍ଟି

### କଟାକ୍ଷ କଲେ ଓମର ଅବଦୁଲ୍ଲା

ନୂଆଦିଲ୍ଲୀ, ୧୫।୯: ଭାରତର ରାଜନୈତିକ କରିଡରରେ ଏବେ ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ବା ସମାନ ନାଗରିକ ସଂହିତାକୁ ନେଇ ଜୋରଦାର ଝଡ଼ ସୃଷ୍ଟି ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଗାମୀ ୨୦୨୯ ମସିହା ପୂର୍ବରୁ ଦେଶର ସମସ୍ତ ୨୧ଟି ଏନ୍‌ଡିଏ (ଏନଡିଏ) ଶାସିତ ରାଜ୍ୟରେ ୟୁସିସି ଲାଗୁ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିବା ପରେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହି ପ୍ରସଙ୍ଗ କେବଳ ବିରୋଧୀ ଦଳଗୁଡ଼ିକୁ ଆକ୍ରମଣ କରିବାର ସୁଯୋଗ ଦେଇନାହିଁ, ବରଂ ଶାସକ ମେଣ୍ଟ ଏନ୍‌ଡିଏ ଭିତରେ ମଧ୍ୟ ମତଭେଦ ଏବଂ ଫାଟକୁ ସ୍ପଷ୍ଟ କରିଦେଇଛି। ଏଆଇଏମଆଇଏମ ମୁଖ୍ୟ ଆସାଦୁଦ୍ଦିନ ଓୱାଇସୀ ଏହାକୁ ଭାରତର ବହୁବାଦୀ ସଂସ୍କୃତି ତଥା ଆତ୍ମା ଉପରେ ସିଧାସଳଖ ଆକ୍ରମଣ ବୋଲି ଅଭିହିତ କରିଥିବାବେଳେ, ଏନ୍‌ଡିଏର ନିଜସ୍ୱ ସହଯୋଗୀ ଦଳଗୁଡ଼ିକ ମଧ୍ୟ ଏହି ପ୍ରସଙ୍ଗରେ ଭିନ୍ନ ମତ ପୋଷଣ କରିଛନ୍ତି। ଜନତା ଦଳ (ୟୁନାଇଟେଡ୍) ବା ଜେଡିୟୁ ଓ ଲୋକ ଜନଶକ୍ତି ପାର୍ଟି (ରାମ ➪ପୃଷ୍ଠା-୬

# ୧୨ ନୁହେଁ, ୫୦ ବର୍ଷର ଜନସେବା



### ମୋଦିଙ୍କ ରାଜନୀତିରେ 'ଜନସମ୍ପର୍କ' ଏକ ସଫଳ ଫର୍ମୁଲା

ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଓ ସାର୍ବଜନୀନ ଜୀବନକୁ ନେଇ ବଡ଼ ମନ୍ତବ୍ୟ ଦେଇଛନ୍ତି ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଏକ ଜାତୀୟ ଗଣମାଧ୍ୟମକୁ ସ୍ୱତନ୍ତ୍ର ସାକ୍ଷାତକାରରେ ସେ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ସାର୍ବଜନୀନ ଜୀବନକୁ କେବଳ ୧୨ ବର୍ଷର ପ୍ରଧାନମନ୍ତ୍ରୀ ଦାୟିତ୍ୱ କିମ୍ବା ୨୫ ବର୍ଷର ସକ୍ରିୟ ରାଜନୈତିକ ଜୀବନ ଭିତରେ ସୀମିତ କରାଯାଇପାରିବ ନାହିଁ। ଲୋକଙ୍କ ମଧ୍ୟରେ ରହି ସେବା କରିବାର ତାଙ୍କ ଅନୁଭବ ୫୦ ବର୍ଷରୁ ଅଧିକ। ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ମୋଦି ପ୍ରଥମେ ପ୍ରାୟ ୧୩ ବର୍ଷ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଗତ ୧୨ ବର୍ଷ ଧରି ଦେଶର ନେତୃତ୍ୱ



ନେଉଛନ୍ତି। କିନ୍ତୁ ଏହି ସମୟସୀମା ପୂର୍ବରୁ ମଧ୍ୟ ତାଙ୍କର ସାମାଜିକ ଓ ସାର୍ବଜନୀନ ଜୀବନର ଦୀର୍ଘ ଅଭିଜ୍ଞତା

### ଓଡ଼ିଶା ଓ ଜଗନ୍ନାଥଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଭାବଗତ ସମ୍ପର୍କ

### 'ପ୍ରଗତି' ବୈଠକ: ଘୋଷଣା ନୁହେଁ, ଫଳାଫଳ ଉପରେ ଫୋକସ୍

### ଉଜ୍ଜ୍ୱଳାରୁ 'ଗିଭ୍ ଇଟ୍ ଅପ୍', ମୋଦି ମଡେଲର ଉଦାହରଣ

ରହିଛି। ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିନ ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କ କାର୍ଯ୍ୟ ଶୈଳୀ ଓ ବିକାଶ ଅଭିମୁଖୀ ଚିନ୍ତାଧାରାକୁ ତାଙ୍କୁ ଅନ୍ୟ ରାଜନେତାଙ୍କ ➪ପୃଷ୍ଠା-୬

# ଦେଶରେ ୧୫% ବର୍ଷା ଅଭାବ, ୨୧୮ଟି ଜିଲ୍ଲାରେ ମରୁଡ଼ି ସ୍ଥିତି



### ବିହାର, ଆନ୍ଧ୍ର, ପଞ୍ଜାବ, କର୍ଣ୍ଣାଟକରେ ସଂକଟରେ ଖରିଫ ଚାଷ

### ପ୍ରଭାବିତ ହେବ ଧାନ, କପା ଓ ମକା ଚାଷ

ନୂଆଦିଲ୍ଲୀ, ୧୫।୯ (ସଂଚାର ବ୍ୟୁରୋ): ଦକ୍ଷିଣ-ପଶ୍ଚିମ ମୌସୁମୀ ସେପ୍ଟେମ୍ବର ୧୯ ବେଳକୁ ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ଫେରିବା ଆରମ୍ଭ କରିପାରେ। ସାଧାରଣତଃ ଏହି ପ୍ରକ୍ରିୟା ସେପ୍ଟେମ୍ବର ୧୭ ଆଖପାଖରେ ଆରମ୍ଭ ହୋଇଥାଏ, କିନ୍ତୁ ଏବର୍ଷ ଏହା ଟିକିଏ ବିଳମ୍ବରେ ହେଉଛି। ସେପଟେ ସାରା ଦେଶରେ ସେପ୍ଟେମ୍ବର ୧୩ ସୁଦ୍ଧା ମୌସୁମୀ ବର୍ଷାରେ ୧୫% ଅଭାବ ରେକର୍ଡ କରାଯାଇଛି। ଜୁନରେ ଏହି ଅଭାବ ୪୦% ପର୍ଯ୍ୟନ୍ତ ପହଞ୍ଚିଥିଲା, ଯାହା ଜୁଲାଇର ଭଲ ବର୍ଷା ଯୋଗୁଁ କମି ୧୩%କୁ ଆସିଥିଲା। ଅଗଷ୍ଟ ଶେଷସୁଦ୍ଧା ଏହା ୧୪% ଏବଂ ଏବେ ୧୫%ରେ ସ୍ଥିର ରହିଛି। ଏହି ଋତୁରେ ଅଲ୍-ନିନୋର ପ୍ରଭାବ ସ୍ପଷ୍ଟ ଦେଖାଯାଉଛି, ଯାହା ଅନେକ ଅଞ୍ଚଳରେ ବର୍ଷାକୁ ଦୁର୍ବଳ କରିଦେଇଛି।

ଦକ୍ଷିଣ ଉପଦ୍ୱୀପରେ ୨୮% ଏବଂ ପୂର୍ବ-ଉତ୍ତରପୂର୍ବ ଭାରତରେ ୨୫% ବର୍ଷାର ଅଭାବ ରହିଛି। ମଧ୍ୟ ଭାରତରେ ୬% ଏବଂ ଉତ୍ତର-ପଶ୍ଚିମରେ ୧୦% ➪ପୃଷ୍ଠା-୬

# ଜେଲ୍‌ରୁ ମୁକୁଳିବେନି ଦାରା ସିଂ



### ଆଗୁଆ ମୁକ୍ତି ଆବେଦନ ଖାରଜ

### ରାଜ୍ୟଦଣ୍ଡ ସମୀକ୍ଷା ବୋର୍ଡର ଅଗ୍ରାହ୍ୟ

ନୂଆଦିଲ୍ଲୀ, ୧୫।୯: ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜେଲର ଚାରି କାନ୍ଥ ଭିତରେ ବନ୍ଦୀ ଜୀବନ କାଟୁଥିବା ଜଣେ ହାଇ-ପ୍ରୋଫାଇଲ୍ ଅପରାଧୀଙ୍କୁ ନେଇ ଆସିଛି ଏକ ବଡ଼ ଖବର। ଓଡ଼ିଶା ତଥା ସାରା ବିଶ୍ୱକୁ ଦୋହଲାଇ ଦେଇଥିବା ବହୁଚର୍ଚ୍ଚିତ ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲାରେ ନୂଆ ମୋଡ଼ ନେଇଛି। ଏହି ବର୍ବର ହତ୍ୟାକାଣ୍ଡର ମୁଖ୍ୟ ନାୟକ ଦାରା ସିଂହଙ୍କ ଆଗୁଆ ମୁକ୍ତି ଆବେଦନକୁ ଖାରଜ କରିଛନ୍ତି ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ (ଏସଏସଆରବି)। ଏହାଦ୍ୱାରା ଜେଲ୍‌ରୁ ଦାରା ସିଂ ମୁକୁଳିବା ସମ୍ଭାବନା କ୍ଷୀଣ।

ଆଗୁଆ ମୁକ୍ତି ପାଇଁ ହୋଇଥିବା ଆବେଦନକୁ ଗତ ୩୧ ତାରିଖ ହୋଇଥିବା ବୈଠକରେ ଏସଏସଆରବି ଖାରଜ କରାଯାଇଥିବା ସୂଚନା ରହିଛି। ଆସନ୍ତା ୧୭ରେ ସୁପ୍ରିମକୋର୍ଟରେ ଏନେଇ ରହିଛି ଶୁଣାଣି। ଏସଏସଆରବି ରିପୋର୍ଟ ଦେବାରେ ବିଳମ୍ବ କରିଥିବାରୁ କ୍ଷୁବ୍ଧ ହୋଇଥିଲେ କୋର୍ଟ। ପୂର୍ବରୁ ୫ ଥର ଦାରାଙ୍କ ପିଟିସନ୍‌କୁ ଖାରଜ କରିଛି ଏସଏସଆରବି।

ରିପୋର୍ଟ ଅନୁସାରେ, ଦାରା ସିଂହ ୨୬ ବର୍ଷ ୬ ମାସରୁ ଅଧିକ ସମୟ ଜେଲରେ କାଟିସାରିଛନ୍ତି। ଓଡ଼ିଶାର ୨୦୨୨ ମସିହାର ରିମିସନ୍ ନିୟମ ଅନୁସାରେ ତାଙ୍କ ଆଗୁଆ ମୁକ୍ତି ଆବେଦନ ବିଚାରଯୋଗ୍ୟ ହୋଇଥିଲା। ସେ ୨୦୨୪ରେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ଅଗଷ୍ଟ ୩୧ରେ ହୋଇଥିବା ବିଶେଷ ବୈଠକରେ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ତାଙ୍କ ଆବେଦନକୁ ଖାରଜ କରିବାକୁ ସୁପାରିସ କରିଛି। ବୋର୍ଡର ମତରେ, ଦାରା ସିଂହଙ୍କୁ ମୁକ୍ତ କରାଗଲେ ସାମାଜିକ ପ୍ରଭାବ ପଡ଼ିବା ସହ ସାମ୍ପ୍ରଦାୟିକ ଅଶାନ୍ତିର ଆଶଙ୍କା ରହିପାରେ। କେନ୍ଦୁଝର ଜିଲ୍ଲା ପ୍ରଶାସନର ସଦ୍ୟ ରିପୋର୍ଟରେ ମଧ୍ୟ ଏହି ଆଶଙ୍କା ଉଲ୍ଲେଖ ହୋଇଥିବା କୁହାଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ୧୫, ୨୦୨୬ ତାରିଖରେ 'ଦାରା ସେନା' ସହିତ ଜଡିତ କିଛି ବ୍ୟକ୍ତି ଜେଲ୍ ସାମ୍ନାରେ ଏକାଠି ହୋଇ ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ୍ ଦେଇଥିଲେ। ଏହି ପରିସ୍ଥିତିକୁ ବିଚାରକୁ ନେଇ ବୋର୍ଡ ବର୍ତ୍ତମାନ ପାଇଁ ତାଙ୍କୁ ମୁକ୍ତି ଦେବାକୁ ମନା କରିଦେଇଛି।

୧୯୯୯ ମସିହା ଜାନୁଆରୀ ୨୨ ତାରିଖ ରାତିରେ କେନ୍ଦୁଝର ଜିଲ୍ଲାର ମନୋହରପୁରରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ଗାଡ଼ି ଭିତରେ ଜୀବନ୍ତ ଜାଳି ଦିଆଯାଇଥିଲା। ଏହି ଘଟଣା ସାରା ଦେଶରେ ତୀବ୍ର ➪ପୃଷ୍ଠା-୬

### ଆକାଶ ମଝିରେ ଧୂଆଁ ଚେତାବନୀ

## ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୫।୯: ଅଗରତଲାରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋର ୬-ଇ-୬୫୦୪ ବିମାନକୁ ମଙ୍ଗଳବାର ସନ୍ଧ୍ୟାରେ ଲକ୍ଷ୍ନୌକୁ ଡାଇଭର୍ଟ କରାଯାଇଛି। ବିମାନର କାର୍ଗୋ ଅଞ୍ଚଳରେ ଧୂଆଁ ଥିବା ନେଇ ସତର୍କ ସୂଚନା ମିଳିବା ପରେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଲଟ୍ ଏହି ପଦକ୍ଷେପ ନେଇଥିଲେ। ବିମାନଟି ସନ୍ଧ୍ୟା ପ୍ରାୟ ୬ଟା ୨୯ ମିନିଟ୍‌ରେ ଲକ୍ଷ୍ନୌ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ବିମାନ ଲ୍ୟାଣ୍ଡ କରିବା ପୂର୍ବରୁ ଏବଂ ପରେ ଏମର୍ଜେନ୍ସି ରେସପନ୍ସ ଟିମ୍‌କୁ ପ୍ରସ୍ତୁତ ରଖାଯାଇଥିଲା। ବିମାନରେ ୧୦୩ ଜଣ ଯାତ୍ରୀ ଏବଂ ୬ ଜଣ କ୍ରୁ ସଦସ୍ୟ, ଅର୍ଥାତ୍ ମୋଟ ୧୦୯ ଜଣ ଥିଲେ। ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି ଏବଂ କୌଣସି ଆହତ ହେବାର ଖବର ମିଳିନାହିଁ।

### କେନ୍ଦ୍ର ଚାପରେ ନଇଁଲା ମେଟା

## ଶିଶୁ ସୁରକ୍ଷା ନେଇ କେନ୍ଦ୍ରକୁ ଦେଲା ଆନୁଷ୍ଠାନିକ ପତ୍ର

ନୂଆଦିଲ୍ଲୀ, ୧୫।୯: ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକରେ ଶିଶୁ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ କେନ୍ଦ୍ର ସରକାରଙ୍କ ଚାପ ପରେ ଶେଷରେ ନରମିଛି ପ୍ରସିଦ୍ଧ ବୈଷୟିକ କମ୍ପାନୀ 'ମେଟା''। ଶିଶୁ ଯୌନ ନିର୍ଯାତନା ଓ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ସମ୍ବେଦନଶୀଳ ମାମଲାକୁ ସଂପୃକ୍ତ ଆଇନ ପ୍ରବର୍ତ୍ତନ ସଂସ୍ଥା ନିକଟରେ ରିପୋର୍ଟ କରିବାକୁ ମେଟା ସମ୍ମତି ପ୍ରକାଶ କରିଛି। ଏ ନେଇ କମ୍ପାନୀ ପକ୍ଷରୁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ ଏକ ଆନୁଷ୍ଠାନିକ ପତ୍ର ମାଧ୍ୟମରେ ଜଣାଯାଇଛି। ଭାରତରେ ସୋସିଆଲ ମିଡିଆ ବ୍ୟବହାର କରୁଥିବା ଶିଶୁଙ୍କ ଅନଲାଇନ୍ ସୁରକ୍ଷା ସରକାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆପୋଷହୀନ ବିଷୟ ବୋଲି ସରକାର ସ୍ପଷ୍ଟ କରିବା ସହ ମେଟାର ଏହି ନିଷ୍ପତ୍ତିକୁ ସୁରକ୍ଷା ଦିଗରେ ଏକ 'ପ୍ରଥମ ପଦକ୍ଷେପ' ବୋଲି କହିଛନ୍ତି।



### କାନ ଡେରିଥା

ପଶ୍ଚିମ ଓଡିଶା ପାଳୁଅଛି ଆଜି
ଭାଇଚାରାର ପରବ
ନୂଆଁଖାଇ ସଦା ଭ୍ରାତୃଭାବ ଆଣୁ
ଏହା ହିଁ ଆମର ଗରବ
ଆଶୀର୍ବାଦ କର ଦଇବ...
ମଣିଷ ଜାତି ବା ଭୁଲି ଯାଉଥାଏ
ସେଇ ବୁଦ୍ଧି କାଳେ ଅଭାବ ।

■ ଦେବାଶିଷ

# ପ୍ରକଳ୍ପ କାର୍ଯ୍ୟକୁ ନେଇ ତିନି ସାଂସଦଙ୍କ ଉଦ୍‌ବେଗ

- ଦାବି କଲେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ
- ବାବୁଙ୍କ ପାଇଁ ସରକାର ଅଡୁଆରେ





ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ନିଜ ଅଞ୍ଚଳରେ ଠିକଣା ଭାବେ କାମ ହେଉ ନ ଥିବା ନେଇ ଶାସକଦଳର ତିନି ତିନି ଜଣ ସାଂସଦ ଉଦବେଗ ପ୍ରକାଶ କରିଛନ୍ତି। ଏମାନେ ହେଲେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଓ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ। ପୂର୍ବରୁ ସାଂସଦ ପାଣିଗ୍ରାହୀ ଅସନ୍ତୋଷ ପ୍ରକଟ କରିଥିବାବେଳେ ଏବେ ତାଲିକାରେ ଆଉ ଦୁଇ ଜଣ ସାଂସଦ ଯୋଡ଼ିହୋଇ ଯାଇଛନ୍ତି। ନିଜ ନିଜ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଅସନ୍ତୋଷ ପ୍ରକାଶ କରିବା ସହିତ ମାମଲାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହା ଏବେ ଦାୟିତ୍ୱରେ ଥିବା ବାବୁମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶାସକ ଦଳର ତିନି ସାଂସଦଙ୍କ ଅଭିଯୋଗରୁ ଗୋଟିଏ କଥା ସ୍ପଷ୍ଟ କେବଳ ପ୍ରକଳ୍ପ ଘୋଷଣା କିମ୍ବା ଶିଳାନ୍ୟାସ ନୁହେଁ, ସମୟସୀମା ମଧ୍ୟରେ ଉଚ୍ଚମାନର କାମ ଶେଷ କରିବା ଉପରେ ଏବେ ସେମାନେ ଜୋର ଦେଉଛନ୍ତି। ବିଶେଷକରି କଟକଠାରେ ଆୟୋଜିତ ଦଳର କାର୍ଯ୍ୟକାରିଣୀ ବୈଠକ ପରେ ସାଂସଦମାନେ ଅତ୍ୟନ୍ତ ସକ୍ରିୟ ହୋଇଛନ୍ତି। ମୁଣ୍ଡ ଉପରେ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାବେଳେ ଏହା ପରେ ପରେ ସେମାନଙ୍କୁ ୨୦୨୯ ସାଧାରଣ ନିର୍ବାଚନକୁ ସାମ୍ନା କରିବାକୁ ପଡ଼ିବ। ଏଭଳି କ୍ଷେତ୍ରରେ ପ୍ରକଳ୍ପକାର୍ଯ୍ୟ ଯେଭଳି ବିଳମ୍ବ ହେଉଛି ଓ ସରକାରୀ ବାବୁମାନେ ନିଦାବିଷ୍ଟୁ ସାଜିଛନ୍ତି ତାହା ସାଂସଦମାନଙ୍କୁ କ୍ଷୁବ୍ଧ କରିଛି।

ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ ୬୮୦ କୋଟି ଟଙ୍କାର ସମ୍ବଲପୁର-ସୋନପୁର ରାସ୍ତା ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ ବଦଳାଇବାକୁ ଦାବି କରିଛନ୍ତି। ସମ୍ପୃକ୍ତ ସଂସ୍ଥା ରାସ୍ତା ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ➪ପୃଷ୍ଠା-୬

## ସୂଚନା ଅଧିକାର ଓ ଦୁର୍ନୀତି ବିରୋଧୀ ଯୋଦ୍ଧା ଭାବେ ପ୍ରକାଶ ଦାସ ସମ୍ବର୍ଦ୍ଧିତ



ମହାକାଳପଡ଼ା, ୧୫।୯(ସଂଚାର ବ୍ୟୁରୋ): ସୂଚନା ଅଧିକାର ଆଇନର ପ୍ରଭାବଶାଳୀ ପ୍ରୟୋଗ, ଦୁର୍ନୀତି ଓ ଅନ୍ୟାୟ ବିରୋଧୀ ସାମାଜିକ ଅଭିଯାନରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାକାଳପଡ଼ାର ପୁଅ ସାମାଜିକ ତଥା ସୂଚନା ଅଧିକାର କର୍ମୀ ପ୍ରକାଶ ଦାସଙ୍କୁ 'ଦୁର୍ନୀତି ବିରୋଧୀ ଯୋଦ୍ଧା' ଭାବେ ସମ୍ବର୍ଦ୍ଧିତ କରାଯାଇଛି ।

ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନରେ 'ଅସୀମ ଓଡ଼ିଶା' ଗଣମାଧ୍ୟମ ସଂସ୍ଥାର ଉନ୍ମୋଚନ ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ମାନ୍ୟବର ପୂର୍ବତନ ଭୁବନେଶ୍ୱର ସାଂସଦ ଶ୍ରୀ ପ୍ରସନ୍ନ ପାଟ୍ଟଶାଣୀ ପ୍ରକାଶ ଦାସଙ୍କ ସାମାଜିକ ଓ ସୂଚନା ଅଧିକାର ଆନ୍ଦୋଳନ ସମ୍ପର୍କିତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଶ୍ରୀ ପାଟ୍ଟଶାଣୀ କହିଥିଲେ ଯେ, ଯୁବ ବୟସରୁ ଦୁର୍ନୀତି, ଅନିୟମିତତା ଓ ଅନ୍ୟାୟ ବିରୋଧରେ ନିରନ୍ତର ସ୍ୱର ଉତ୍ତୋଳନ କରି ଶ୍ରୀ ପ୍ରକାଶ ଦାସ ଓଡ଼ିଶାରେ ଏକ ସଚେତନ ନାଗରିକ ଭାବେ ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ।

# ଠିପିଖୋଲା ମଦଦୋକାନ ଖୋଲିବାକୁ ବିରୋଧ

କେନ୍ଦ୍ରାପଡ଼ା,୧୫।୯(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଗରଜଙ୍ଗା ବଜାରରେ ପ୍ରସ୍ତାବିତ ଠିପିଖୋଲା ବିଦେଶୀ ମଦ ଦୋକାନ ନ ଖୋଲିବା ପାଇଁ ଗରଜଙ୍ଗା, ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ମୁତାବକ, ଗରଜଙ୍ଗା ମୌଜାର ଖାତା ନଂ-୩୧୯/୩୩୧ପ୍ଲଟ୍ ନମ୍ବର-୭୪୫/୧୨୨୦ ଘରବାରି କିସମ ପ୍ଲଟ୍ ଉପରେ ଏକ ଠିପିଖୋଲା ମଦ ଦୋକାନ ଖୋଲାଯିବା ଏ ସମ୍ପର୍କରେ ଅଂଚଳବାସୀଙ୍କ କୌଣସି ଅଭିଯୋଗ ଥିଲେ ଚଳିତ ମାସ ୧୬ ତାରିଖ ମଧ୍ୟରେ ଲିଖିତ ଭାବେ ଅଭିଯୋଗ କରିପାରିବେ ୧୬ ତାରିଖ ପରେ କୌଣସି ଅଭିଯୋଗ କରାଗଲେ ତାହା ଗ୍ରହଣୀୟ ହେବ ନାହିଁ। ଏହି ନୋଟିସ୍‌କୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଞ୍ଚଳରେ ଢୋଲ ମାଧ୍ୟମରେ ଯଥେଷ୍ଟ ଭାବେ ପ୍ରଚାର ପ୍ରସାର କରାଯିବାକୁ ନିର୍ଦ୍ଦେଶ ରହିଥିଲା ମାତ୍ର ନୋଟିସ୍ ହେବାର ସପ୍ତାହକ ପରେ ସର୍ବସାଧାରଣରେ ନୋଟିସ୍ ଲଗାଯାଇ ନ ଥିଲା କିମ୍ବା

### ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପ୍ରଚାରପ୍ରସାର କରାଯାଇ ନ ଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରୁ ଏକ ଛୋଟ ଡାକବାଜି ଯନ୍ତ୍ରରେ ଅଳ୍ପ କିଛି ସମୟ ପାଇଁ ପ୍ରଚାର କରାଯାଇଥିଲା | ସ୍ଥାନୀୟ ଲୋକମାନେ ଏହା ଜାଣିବା ପରେ ଠିପିଖୋଲା ମଦଦୋକାନ ଖୋଲିବାକୁ ତୀବ୍ର ବିରୋଧ କରିବା ସହ ପ୍ରସ୍ତାବିତ ସ୍ଥାନରେ ଏହା ହେଲେ ଅଞ୍ଚଳର ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହେବ ଏବଂ ସ୍ଥାନୀୟ ଚାଷଜମିରେ ଭଙ୍ଗା କାଚ ବୋତଲ, ପ୍ଲାଷ୍ଟିକ୍ ଗ୍ଲାସ ଓ ପଲିଥିନ୍ ଭର୍ତ୍ତି ହୋଇଯିବ | ଏହା ୧୯ ନମ୍ବର ଡ୍ରେନେଜ୍ କଟରେ ଭାସିଯାଇ ୧୦ରୁ ଅଧିକ ପଞ୍ଚାୟତର ଚାଷଜମିକୁ ପ୍ରଭାବିତ କରିବ। ଖୋଲାରେ ମିଳୁଥିବା ମଦ ପିଇ ନିଶାଶକ୍ତ ଲୋକମାନେ ଚୋରି ରାହାଜାନି ଓ ଦୁଷ୍କର୍ମ ପାଇଁ ପ୍ରୋତ୍ସାହିତ ହେବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରସ୍ତାବିତ ମଦଦୋକାନ ହେବାକୁ ଥିବା ପ୍ଲଟ୍‌କୁ ଯିବା ପାଇଁ କୌଣସି ରାସ୍ତା ନାହିଁ | ତହସିଲ ପ୍ରଶାସନ ପକ୍ଷରୁ ଏହାର କିସମ ଚାଷଜମିରୁ କିପରି ଘରବାଡ଼ି କରାଗଲା ବୋଲି ଅଂଚଳବାସୀ ପ୍ରଶ୍ନ କରିଛନ୍ତି। ଗରଜଙ୍ଗା ଭଳି ଗ୍ରାମାଞ୍ଚଳରେ ଠିପିବନ୍ଦ ବିଦେଶୀ ମଦ ଦୋକାନ ରହିଛି | ସହରୀ ଢାଞ୍ଚାରେ ଗ୍ରାମାଞ୍ଚଳରେ ଆଉ ଏକ ଠିପିଖୋଲା ବିଦେଶୀ ମଦ ଦୋକାନ ଖୋଲି ମଦ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବା ନିନ୍ଦନୀୟ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି |

ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନ ବନ୍ଦ କରା ନ ଗଲେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି | ଅଭିଯୋଗପତ୍ରର ନକଲ ଅବକାରୀ ମନ୍ତ୍ରୀ, ଅବକାରୀ କମିସନର୍, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ କେନ୍ଦ୍ରାପଡ଼ା ଅବକାରୀ ଅଧିକାରୀଙ୍କୁ ଡାକଯୋଗେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ଶ୍ରୀ ବଳଦେବଜୀଉଙ୍କ ବଡପଣ୍ଡା ଭଗବାନ ପତ୍ରୀଙ୍କ ପରଲୋକ



କେନ୍ଦ୍ରାପଡ଼ା,୧୫।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ବଡପଣ୍ଡା, ପଣ୍ଡିତସଭାର ସଦସ୍ୟ ତଥା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଭଗବାନ ପତ୍ରୀଙ୍କର ୭୪ବର୍ଷ ବୟସରେ ବିୟୋଗ ହୋଇଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଚକଡା ଗ୍ରାମରେ ଜନ୍ମିତ ପ୍ରଫେସର ପତ୍ରୀ ଚାକିରୀରୁ ଅବସରଗ୍ରହଣ ପରେ ଶ୍ରୀବଳଦେବଜୀଉଙ୍କ ସେବା କରିବା ସହ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ । ସେ ଜଣେ କର୍ମନିଷ୍ଠ, ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଅସୀତ ଓ ବିଶ୍ୱପ୍ରକାଶଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ଅସୀତ ମୁଖାଗ୍ନି ଦେଇଥିଲେ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବିବେକାନନ୍ଦ ବକ୍ତୃତାମାଳା




କେନ୍ଦ୍ରାପଡ଼ା,୧୫।୯(ସଂଚାର ବ୍ୟୁରୋ): ତୁଳସୀ ମହିଳା ମହାବିଦ୍ୟାଳୟ,କେନ୍ଦ୍ରାପଡ଼ାରେ ମହାବିଦ୍ୟାଳୟର ଆଇକ୍ୟୁଏସି ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କେନ୍ଦ୍ରପଡ଼ା ପକ୍ଷରୁ 'ଉଦ୍‌ବୋଧନୀ' ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏହି ବକ୍ତୃତାମାଳାର ଶୀର୍ଷକ ଥିଲା 'ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ଦର୍ଶନ'।

କାର୍ଯ୍ୟକ୍ରମରେ ଅଟଳ ବିହାରୀ ମହାବିଦ୍ୟାଳୟ, ବାସୁଦେବପୁର, ଭଦ୍ରକର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଲ୍ଲାଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ, ଦର୍ଶନ ଓ ମାନବ ସମାଜ ପ୍ରତି ତାଙ୍କ ଅବଦାନ ଉପରେ ମାର୍ମିକ ଆଲୋଚନା କରିଥିଲେ। ସେ ଯୁବପିଢ଼ିଙ୍କୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ସମାଜ ଗଠନରେ ନିଜର ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବାସନ୍ତୀ ଶୁକ୍ଳା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ, ଆଇକ୍ୟୁଏସି ସଂଯୋଜକ ଡ. ସୁଶାନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଏହି ଅବସରରେ ଡ. ପଦ୍ମଜା କବି ଶତପଥୀ, ଏକାଡେମିକ ବର୍ସର ଏବଂ ପ୍ରଫେସର ସୁରେନ୍ଦ୍ରନାଥ ପଣ୍ଡା, ମାର୍ଶାଘାଇ ମହାବିଦ୍ୟାଳୟର ଗଣିତ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଉପସ୍ଥିତ ରହି ବକ୍ତୃତାମାଳାକୁ ସମୃଦ୍ଧ କରିଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରା ଆଜିର ଯୁବପିଢ଼ି ପାଇଁ ମଧ୍ୟ ପ୍ରେରଣାର ଉତ୍ସ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ବିଶେଷକରି ଆତ୍ମବିଶ୍ୱାସ, ଚରିତ୍ର ଗଠନ, ମାନବସେବା ଓ ଦେଶପ୍ରେମ ତାଙ୍କ ଦର୍ଶନର ମୁଖ୍ୟ ଆଧାର ବୋଲି ଆଲୋଚନା ହୋଇଥିଲା। ଶେଷରେ ଡ. ଶକ୍ତି ଶେଖର ଦାଶ,(ଆଇକିୟୁଏସି)ସଦସ୍ୟ, ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ରହିଥିଲେ।

## ଟାଇଗର କ୍ଲବ ପୂଜା କମିଟି ପକ୍ଷରୁ ଗଜାନନ ପୂଜା



କେନ୍ଦ୍ରାପଡ଼ା,୧୫।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସହର ଉପକଣ୍ଠସ୍ଥିତ ସୁଜାନଗର ଟାଇଗର ପୂଜା କମିଟି ଆନୁକୂଲ୍ୟରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ରୀତି ନୀତି ଅନୁଯାଇ କରାଯାଇଛି। ୧୦ବର୍ଷ ହେବ ପୂଜା କମିଟିର ସଦସ୍ୟମାନେ ବଡ ଧୁମଧାମରେ ଗଜାନନଙ୍କ ପୂଜା କରି ଆସୁଛନ୍ତି । ଚଳିତବର୍ଷ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠାନ ପକ୍ଷରୁ ମହାସମାରୋହର ସହିତ କରାଯାଉଛି । ପୂଜା କମିଟି ସଦସ୍ୟ ଦେବଦ ପାଗଳ, ଓମ୍‌ପ୍ରକାଶ ମହାନ୍ତି, ମୁନାନନ୍ଦ ବାରିକ, ବଳରାମ ଗେରୁ, ଜଗବନ୍ଧୁ ପାତ୍ର, ପୁନାନନ୍ଦ ବାରିକ, ବିଜୟ ପାଗଳ, ପ୍ରଦୀପ ଗେରୁ, ଅନାଦୀ ଚରଣ ଗେରୁ, ଦିଲ୍ଲିପ ସାହୁ, ଶଶିଭୂଷଣ ସାହୁ, ତ୍ରିଲୋଚନ ଦାସ, ବିଜୟ ପାଗଳ ପ୍ରମୁଖ ଗଜାନନଙ୍କ ପୂଜା ଆୟୋଜନ କରିବାରେ ସହଯୋଗ କରିଛନ୍ତି ।

## ଗଜାନନଙ୍କ ଦର୍ଶନ ସହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବାଣ୍ଟିଲେ ଲେଖାଶ୍ରୀ ସାମନ୍ତ ସିଂହାର



ନୀଳଗିରି,୧୫।୯(ସଂଚାର ବ୍ୟୁରୋ):ଗଜାନନଙ୍କ ପୂଜାପାଇଁ ଏବେ ବେସ୍ ଉତ୍ସବ ମୁଖର ହୋଇଉଠିଛି ନୀଳଗିରି ସହର। ସୁନ୍ଦର ସାଜସଜ୍ଜା ସାଙ୍ଗକୁ ଭିନ୍ନ ଭିନ୍ନ ଡିଜାଇନ୍ ରେ ତିଆରି ହୋଇଥିବା ଶ୍ରୀ ଗଣେଶଙ୍କ ମେଢ଼ ଦେଖିବାର ସୁଯୋଗ ନେଉଛନ୍ତି ନୀଳଗିରି ଅଞ୍ଚଳବାସୀ। ନୀଳଗିରି ରେ ଚଳିତ ବର୍ଷ ୧୨ ଟି ପୂଜା ମଣ୍ଡପରେ ପୂଜା ପାଉଛନ୍ତି ଶ୍ରୀ ଗଣେଶ। ଏଥି ମଧ୍ୟରୁ ନୀଳଗିରି ରାଜା ବଗିଚା ନିକଟରେ ଥିବା ମହାରାଜା କ୍ଲବ୍ ରେ ଟିକେ ନିଆରା ଢଙ୍ଗରେ ପୂଜାର୍ଚ୍ଚନା ହେଉଥିବା ଦେଖିବାକୁ ମିଳିଛି। ଏହି କ୍ଲବ ମାନଙ୍କରେ ପୂଜା ଦିନ ଠାରୁ ଆରମ୍ଭ କରି ବିସର୍ଜନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତ ମାନେ କିଭଳି ଶାନ୍ତିଶୃଙ୍ଖଳାର ସହିତ ଆସି ପୂଜା ମଣ୍ଡପ ନିକଟରେ ଦର୍ଶନ କରି ଜିବେ ସେଥିପ୍ରତି ଦୃଷ୍ଟି ଦେବା କୁ ପ୍ରଶାସନ କଡା ନଜର ରଖିଛନ୍ତି ବୋଲି ସୂଚନା ମିଳିଛି। ଆଜି ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ସାମିଲ ହୋଇ ନିଆରା ଆନନ୍ଦ ନେଇ ଥିଲେ । ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡ଼ି ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ସହିତ ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ରବୀନ୍ଦ୍ର ପରିଡ଼ା ଯୋଗ ଦେଇ ପ୍ରସାଦ ବଣ୍ଟନ କରିଥିଲେ । ନୀଳଗିରି. ବସଷ୍ଟାଣ୍ଡ ଠାରୁବାଇପାସ ଶେଷ ପର୍ଯ୍ୟନ୍ତ, ଗରଢ଼ି, ଧରମ ପୁର ପଞ୍ଚାୟତ ଓ ବରହମପୁର. ପଂଚାୟତ ର ଶ୍ରୀଶ୍ରୀ କେତକ ଜାଗାରେ. ଶ୍ରୀଶ୍ରୀ ଗଜାନନଙ୍କୁ ଦର୍ଶନ କରିଆଶ୍ରିବାଦ ଭିକ୍ଷା କରିଥିଲେ ।

## ନଭେମ୍ବର ୧୨ରୁ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ

ବାରିପଦା,୧୫।୯(ସଂଚାର ବ୍ୟୁରୋ): ଆସନ୍ତା ନଭେମ୍ବର ୧୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ଅନୁଷ୍ଠିତ ହେବ ବୋଲି ଦିନ ଧାର୍ଯ୍ୟ ସହିତ ଘୋଷଣା କରାଯାଇଛି। ଏ ନେଇ ସ୍ଥାନୀୟ ମ୍ୟୁନିସପାଲଟି ଗେଷ୍ଟ ହାଉସ ପରିସରରେ ତ୍ରୟୋଦଶ ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ୨୦୨୬ର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପବିତ୍ର ବରାହ ଜୟନ୍ତୀ ଅବସରରେ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ୨୦୨୬ ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତା ଅଧ୍ୟକ୍ଷା ତଥା ମୟୁରୀର କାର୍ଯ୍ୟକାରୀ ସଭାପତି ଡଃ ବନଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ହେବାକୁ ଥିବା ମୟୂରୀର ଦିନ ଧାର୍ଯ୍ୟ ସହିତ ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ପିଲାଙ୍କ ମହୋତ୍ସବ ମୟୁରୀ ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ପାଳନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ବର୍ଷ ପୂର୍ବ ବର୍ଷ ଅପେକ୍ଷା ଏହି ନିଆରା ଶିଶୁ ମହୋତ୍ସବ କିପରି ଅଧିକ ଆକର୍ଷଣୀୟ ହେବ ସେ ନେଇ ଆଲୋଚନା କରାଯାଇଥିଲା। ତେବେ ପରବର୍ତ୍ତୀ ବୈଠକରେ ଅଭିଭାବକ ସମ୍ମିଳନୀ ଜରିଆରେ ସମସ୍ତ ଅଭିଭାବକଙ୍କୁ ନିମନ୍ତ୍ରିତ କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଥିଲା ।



# ଜିଲ୍ଲା ବୋଇତବନ୍ଦାଣ ସମିତିର ସାଧାରଣ ପରିଷଦ ବୈଠକ



କେନ୍ଦ୍ରାପଡ଼ା,୧୫।୯(ସଂଚାର ବ୍ୟୁରୋ): ଜିଲ୍ଲା ବୋଇତବନ୍ଦାଣ ସମିତି, କେନ୍ଦ୍ରାପଡାର ସାଧାରଣ ପରିଷଦ ବୈଠକ ଗୋପସ୍ଥିତ ଜାଭିଅର ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାୟି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨୬ ମସିହା ପାଇଁ ନୂତନ କର୍ମକର୍ତାମାନଙ୍କୁ ଚୟନ କରାଯାଇଥିଲା। ସମିତିର ସଭାପତି ଭାବେ ଚିନ୍ମୟ ପ୍ରସାଦ ବେହୁରା, କାର୍ଯ୍ୟକାରୀ ସଭାପତି ରବିନାରାୟଣ ମହାନ୍ତି ଓ ନିରଞ୍ଜନ ବେହେରା, ଉପସଭାପତି ବୈଷ୍ଣବ ଚରଣ ପ୍ରଧାନ ଓ ଚିତ୍ତରଞ୍ଜନ ଦାସ, ସମ୍ପାଦକ ଗୋଲଖ ଚନ୍ଦ୍ର ପଢିଆରୀ, ସମ୍ପାଦକ 'ବୋଇତ' କବି ନିରାକାର ଦାସ, ସଂଯୋଜକ ମୁକ୍ତାର ଖାଁ ଓ ଲୋହିତ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର ଓ ସରୋଜକାନ୍ତ ସାହୁ, ସହସମ୍ପାଦକ ଶ୍ରୀଧର ମହାନ୍ତି, ସ୍ୱପ୍ନାରାଣୀ ସିଂ ଓ ବଳରାମ ଦାସ, ଯୁଗ୍ମସମ୍ପାଦକ ମିନତୀପ୍ରଭା ସ୍ୱାଇଁ ଓ ପ୍ରଭାତୀ ଧଳ, ସାଂସ୍କୃତିକ ସମ୍ପାଦକ ଅଶୋକ ସାହୁ ଓ ହିମାଂଶୁ ଦାସ, ସାଂଗଠନିକ ସମ୍ପାଦକ ମନୋଜ ଦାସ ଓ ମୀର ମୁର୍ଶିଦ, ବ୍ୟବସ୍ଥାପକ କମଳାକାନ୍ତ ବେହେରା ଓ ଦେବେନ୍ଦ୍ର ମହାନ୍ତି, ଯୋଗାଯୋଗ ସମ୍ପାଦକ ଲକ୍ଷ୍ମୀକାନ୍ତ ନାୟକ ଓ ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଧଳ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଡା. ସୁଧିର କୁମାର ବ୍ରହ୍ମା, ଡା. ବିରିନାରାନାୟଣ ଜଗଦେବ, ସୁଶିଲ କୁମାର ସାମଲ, ଡ. ଅଜୟ କୁମାର ରାଉତ, ପ୍ରଫୁଲ୍ଲ ଦାସ, ଗାୟତ୍ରୀ ମହାନ୍ତି, ସଞ୍ଜୟ କୁମାର ରାଉତ, ଭାଗିରଥି ଜେନା, ପ୍ରଫୁଲ୍ଲ କୁମାର ସାହୁ, ଅବନ୍ତୀ ବେହେରା, ଡ. ଚୈତନ୍ୟ ଚରଣ ପରିଡା, ନିହାର ରଞ୍ଜନ ବଳ ଓ ଶରତ କୁମାର ବେହୁରାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା ।

ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆସନ୍ତା ନଭେମ୍ବର ମାସ ୧୫ତାରିଖରେ ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଂଚାଳନ କମିଟି ଗଠନ କରାଯାଇଥିଲା। ନୂତନ ଭାବରେ ସୁଶିଲ କୁମାର ସାମଲ, ଶରତ କୁମାର ବେହୁରା, ନୃସିଂହ ରାଉତ, ପ୍ରଫୁଲ୍ଲ ସାହୁ ଓ ଅନୁସୟା ଦାସଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଗଲା ।

ଆସନ୍ତା ନଭେମ୍ବରମାସ ୨୪ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରେ ଜଜାଙ୍ଗ ଆଦର୍ଶ ଜେନା ପୋଖରୀରେ ପ୍ରତିବର୍ଷ ଭଳି ବୋଇତବନ୍ଦାଣ ଅନୁଷ୍ଠିତ ହେବ । ବିଗତ ବର୍ଷମାନଙ୍କ ଭଳି ପୂର୍ବସୁରୀମାନଙ୍କ ନାମରେ ନାମିତ ସ୍ମାରକୀ ସମ୍ମାନ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ବିଦ୍ୱାନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଗଲା। ଏହି ଅବସରରେ ସମିତିର ମୁଖପତ୍ର 'ବୋଇତ'ର ଲେଖକ/ଲେଖିକାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କାର୍ଯ୍ୟର ତଦାରଖ ପାଇଁ ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଉପରେ ସଭା ଦାୟୀତ୍ୱ ନ୍ୟସ୍ତ କରିଥିଲା । ନୂତନ କର୍ମକର୍ତା ମାନେ ଆଗାମୀ ଦିନରେ ବୈଠକ କରି ୨୦୨୬ର କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

# ଅସହାୟ ମୃତଦେହକୁ କାନ୍ଧଦେଲେ ଯୁବଗୋଷ୍ଠୀ

### ଟଙ୍କା ନଥିବାରୁ ଘରକୁ ଯାଇପାରିଲାନି ମୃତଦେହ

### ଶେଷରେ ଯୁବକମାନେ କଲେ ଅନ୍ତିମ ସଂସ୍କାର



ପାରାଦୀପ,୧୫।୯(ସଂଚାର ବ୍ୟୁରୋ):ମଣିଷ ମରିଗଲା ପରେ ମଧ୍ୟ ତାଙ୍କ ପ୍ରତି ମଣିଷର କର୍ତ୍ତବ୍ୟ ଶେଷ ହୁଏନି। ଆଉ ଏହି ମାନବିକତାର ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି ପାରାଦୀପରେ। ଆର୍ଥିକ ଅସ୍ୱଚ୍ଛଳତା ପାଇଁ ନିଜ ସ୍ୱାମୀଙ୍କ ମୃତଦେହକୁ ଘରକୁ ନେଇପାରୁନଥିବା ଅସହାୟ ପରିବାର ପାଇଁ ଆଗକୁ ଆସିଲେ କିଛି ଯୁବକ। ନିଜ କାନ୍ଧରେ ମୃତଦେହ ବୋହି ହିନ୍ଦୁ ରୀତିନୀତି ଅନୁସାରେ କରାଇଲେ ଅନ୍ତିମ ସଂସ୍କାର। ମୃତକ ହେଉଛନ୍ତି ବାଲେଶ୍ୱର ଅନନ୍ତପୁର ଅଞ୍ଚଳର ସୁଜିତ ମଲ୍ଲିକ (୩୦)। ରୋଜଗାର ଆଶାରେ ପାରାଦୀପ ମାଛଧରା ବନ୍ଦରକୁ ଆସିଥିବା ସୁଜିତ ଗତ ୯ ତାରିଖରେ କୌଣସି କାରଣରୁ ବୋଟରୁ ପାଣିକୁ ଖସିପଡ଼ିଥିଲେ। ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଦୁଇଦିନ ପରେ ପରିବାର ଲୋକ ପାରାଦୀପରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ।

ସୁଜିତଙ୍କ ପତ୍ନୀ ଅସୁସ୍ଥ ଥିବାବେଳେ ପରିବାରରେ ରହିଛନ୍ତି ୬ ବର୍ଷର ଝିଅ ଓ ୩ ବର୍ଷର ପୁଅ। ମୃତଦେହକୁ ବାଲେଶ୍ୱର ନେବା ପାଇଁ ଆବଶ୍ୟକ ଟଙ୍କା ନଥିବାରୁ ପରିବାର ଏକପ୍ରକାର ଅସହାୟ ହୋଇପଡ଼ିଥିଲା।

ଏହି ଖବର ପାଇ ବିନୋରୀ ସେବା ଫାଉଣ୍ଡେସନର ସଭାପତି ପ୍ରଭାତ ବେହେରାଙ୍କ ସମେତ ସଦସ୍ୟ ଏବଂ ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇଙ୍କ ସମେତ ସଦସ୍ୟମାନେ ଆଗକୁ ଆସିଥିଲେ। ମୃତଦେହକୁ କାନ୍ଧରେ ବୋହି ନେଇ କୁଜଙ୍ଗ ମହାନଦୀ ପଠାରେ ହିନ୍ଦୁ ରୀତିନୀତି ଅନୁସାରେ ଅନ୍ତିମ ସଂସ୍କାର କରିଥିଲେ।

ନିଜ ସ୍ୱାର୍ଥ ଛାଡ଼ି ଜଣେ ଅସହାୟ ପରିବାରର ଶେଷ ସମୟରେ ସାଥୀ ହୋଇଥିବା ଏହି ଯୁବକମାନଙ୍କ ମାନବିକତାକୁ ନେଇ ଏବେ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଜୁଆଡି ଗିରଫ




ହିଞ୍ଜିଳିକାଟୁ, ୧୫।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସିକିରିର ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ ହିଞ୍ଜିଳି ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ମଙ୍ଗଳବାର ଦିନ ଅତର୍କିତ ଚଢ଼ଉ କରି ୫ ଜଣକୁ ଗିରଫ କରିଛି | ସେମାନଙ୍କ ପାଖରୁ ୪୯ ହଜାର ୨୫୦ ଟଙ୍କା ଜବତ କରାଯାଇଛି | ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀଙ୍କ ନିର୍ଦ୍ଦେଶରେ ପୁଲିସ କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ। |

## ଗଣେଶ ପୂଜା ଯୋଗୁଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର



ପଟ୍ଟାମୁଣ୍ଡାଇ,୧୫।୯(ସଂଚାର ବ୍ୟୁରୋ): ବିଘ୍ନବିନାଶକ ଅଗ୍ରପୂଜ୍ୟ ବିଦ୍ୟାଦାତା ପ୍ରଭୁ ଗଣେଶଙ୍କ ପୂଜା ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ଉତ୍ସବ ମୁଖର ହୋଇପଡିଛି । ସମାଜର ସବୁବର୍ଗର ଲୋକମାନେ ଗଣେଶ ପୂଜାରେ ମାତି ଯାଇଛନ୍ତି । ଗଣେଶ ପୂଜା ଯୋଗୁଁ ପଟ୍ଟାମୁଣ୍ଡାଇ ସହରରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ,ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ମଦନପୁର ଯୁ କେ ମହାବୀର କଲେଜ, ଅଣ୍ଡରା ଉଷା ଦେବୀ ମହିଳା କଲେଜ, ଏମ ଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ,ଦାଣ୍ଡିସାହି ହାଇସ୍କୁଲ କଷଣଅଣ୍ଟା ହାଇସ୍କୁଲ ନିମପୁର -ଶାସନ ହାଇସ୍କୁଲ, ଖଡ଼ିଅଣ୍ଟା ହାଇସ୍କୁଲ, ଗୋବିନ୍ଦପୁର ହାଇସ୍କୁଲ, ବାଲିପାଟଣା ହାଇସ୍କୁଲ, ଡାମରପୁର ହାଇସ୍କୁଲ, ଚନ୍ଦନନଗର ହାଇସ୍କୁଲ, ମଦନପୁର ହାଇସ୍କୁଲଆଦି ବିଭିନ୍ନ କଲେଜ ହାଇସ୍କୁଲ ଓ ପ୍ରାଥମିକ ସ୍କୁଲରେ ଗଣେଶ ପୂଜା ପାଳିତ ହୋଇଥିବାବେଳେ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଆଦି ଘରୋଇ ସ୍କୁଲରେ ମଧ୍ୟ ଗଣେଶ ପୂଜା ଉତ୍ସବ ପାଳିତ ହୋଇଯାଇଛି ।

ଏହା ଛଡା ବାଲିପଡ଼ା ଗଣପତି କ୍ଲବ, ପୋଖରୀଆପଡାର ବିଭିନ୍ନ କ୍ଲବ ଗଣେଶ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଜସଜ୍ଜା ସହ ଗଣେଶ ପୂଜା ଉତ୍ସବ ପାଳିତ ହେଉଥିବାବେଳେ କଷଣଅଣ୍ଟା ନିଉ ଜେନେରେସନ ଓ ଗ୍ରୀନ ଗୋଲା ଯୁଥ କ୍ଲବ ପକ୍ଷରୁ ବିଭିନ୍ନ ସାଜ ସଜ୍ଜା ସହ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି । ସେହିପରି ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, କ୍ଲବ ଓ ଯୁବକ ସଂଘ ପକ୍ଷରୁ ମହାସମାରୋହରେ ଗଣେଶ ପୂଜା ପାଳିତ ହୋଇଯାଇଛି । ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଥିବା ପ୍ରଭୁ ଗଣେଶଙ୍କ ନିକଟରେ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳୀ ଦେବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପୂଜା ଓ ପୁଷ୍ପାଞ୍ଜଳି ବ୍ୟବସ୍ଥା କରିବା ସହିତ ସମସ୍ତଙ୍କୁ ପ୍ରଭୁଙ୍କ ଭୋଗ ବଣ୍ଟନ କରିଥିଲେ । ପଟ୍ଟାମୁଣ୍ଡାଇର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସବୁଠି ଗଣେଶ ପୂଜା ପାଇଁ ଭିନ୍ନ ମାହୋଲ ସୃଷ୍ଟି ହୋଇଥିଲେ । ଗଣେଶ ପୂଜା ପାଇଁ ସମସ୍ତେ ଏକାକାର ହୋଇ ପୂଜାରେ ମାତି ଯାଇଥିଲେ । ଏଥି ସହିତ ବ୍ଲକ ଓ ମୁନିସିପାଲିଟିର ବିଭିନ୍ନ ଗାଁରେ ଗଣେଶ ପୂଜା ପାଳିତ ହୋଇଯାଇଛି । ଗଣେଶ ପୂଜା ଯୋଗୁଁ ବିଭିନ୍ନ ସ୍ଥାନରେ ସାଜସଜ୍ଜା ମନମୁଗ୍ଧକର ହୋଇଥିଲା ।

# ପାଣିରେ ଭାସୁଛି ରିଲିଫ ଚୁଡା ଓ ଗୋଖାଦ୍ୟ

### ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଛି ବିତର୍କ



ବାଲିଆପାଳ,୧୫।୯ (ସଂଚାର ବ୍ୟୁରୋ): ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ବାଲିଆପାଳ ବ୍ଲକରେ ନାହିଁ ନଥିବା କ୍ଷତି ହୋଇଛି। ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ବିଷ୍ଣୁପୁର ପଞ୍ଚାୟତ। ସରକାର ଦ୍ୱିତୀୟ ବନ୍ୟାରେ ବିଷ୍ଣୁପୁର ପଞ୍ଚାୟତର ବନ୍ୟା ବିପନ୍ନଙ୍କ ପାଇଁ ୪୫ କ୍ୟୁଣ୍ଟାଲ ଚୁଡା ଓ ଗୃହପାଳିତଙ୍କ ପାଇଁ ୬୫ କ୍ୟୁଣ୍ଟାଲ ଗୋଖାଦ୍ୟର ବ୍ୟବସ୍ଥା କରିଥିଲେ। ତେବେ ଆଜି ମଧ୍ୟାହ୍ନରେ ହଠାତ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଥିବା ଏକ ଖାଲରେ ବହୁ ପରିମାଣର ଚୁଡା ବସ୍ତା ଓ ଗୋଖାଦ୍ୟ ଭାସୁ ଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଯାହାକୁ ନେଇ ପଞ୍ଚାୟତର ରାଜନୈତିକ ବାତାବରଣ ଏକ ପ୍ରକାର ସରଗରମ ହୋଇ ଉଠିଛି। ଆରମ୍ଭ ହୋଇଛି ସାମାଜିକ ଗଣମାଧ୍ୟମରେ ବିତର୍କ।

ଏନେଇ ଯୁବ କଂଗ୍ରେସର ବ୍ଲକ ସଭାପତି ସୁବାଷ ନାୟକ ସାମାଜିକ ଗଣମାଧ୍ୟମରେ ବିଷ୍ଣୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଜୀବନ ଦାସ ଏବଂ ପୂର୍ବତନ ସମିତି ସଦସ୍ୟ ମନ୍ମଥ ଖିଲାରଙ୍କ ମତାମତ ସହିତ ବର୍ତ୍ତମାନର ସରପଞ୍ଚଙ୍କ ଉପରେ ବର୍ଷିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ମହେଶ୍ୱର ଜେନାଙ୍କ ପୁଅ ଚନ୍ଦନ ଜେନା ସାମାଜିକ ଗଣମାଧ୍ୟମରେ ଆସି ସଫେଇ ଦେଇଛନ୍ତି କାହିଁକି ରିଲିଫ ସାମଗ୍ରୀ ପାଣିରେ ଫିଙ୍ଗା ଯାଇଛି ତାହାର କାରଣ କହିଛନ୍ତି।

ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜନ ପାଳଙ୍କୁ ପଚାରିବାରୁ ସେ କହିଛନ୍ତି ଚଳିତ ବର୍ଷ ଦ୍ୱିତୀୟ ବନ୍ୟାରେ ବିଷ୍ଣୁପୁର ପଞ୍ଚାୟତ ପାଇଁ ଏହା ଆସିଥିଲା। ସେଥିମଧ୍ୟରୁ ସୁବର୍ଣ୍ଣରେଖା ନଦୀର ଅପର ପାର୍ଶ୍ୱରେ ଥିବା ତିନୋଟି ୱାର୍ଡ ରସଲପୁର ଓ ରାମନଗର ପାଇଁ ୮ କ୍ୟୁଣ୍ଟାଲ ଚୁଡା (୪୦ ବସ୍ତା) ଓ ଗୃହପାଳିତଙ୍କ ପାଇଁ ୯ କ୍ୟୁଣ୍ଟାଲ (୧୮ବସ୍ତା) ଗୋଖାଦ୍ୟ ଯାଇଥିଲା। ମାତ୍ର ତାହା ସେଠାରେ ବଣ୍ଟନ ହୋଇ ପାରି ନଥିଲା। ଯେଉଁଥିପାଇଁ ସେହି ସବୁ ଚୁଡା ଓ ଗୋଖାଦ୍ୟକୁ ରାମନଗର ପ୍ରାଥମିକ ବିଦ୍ୟାଳୟରେ ରଖାଯାଇଥିଲା। ମାତ୍ର ରାତିରେ ବନ୍ୟା ପାଣି ବିଦ୍ୟାଳୟ ଭିତରେ ପଶିଯିବା ଯୋଗୁଁ ତାହା ନଷ୍ଟ ହୋଇଯାଇଥିଲା। ପରେ ତାହାକୁ ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମ ଘରେ ରଖାଯାଇଥିଲା। ମାତ୍ର ଆଜି ସରପଞ୍ଚ ସେହି ଖରାପ ଚୁଡା ଓ ଗୋଖାଦ୍ୟକୁ ପାଣିରେ ଫିଙ୍ଗି ଦେଇଥିବା ନେଇ ମୁଁ ଜାଣିବାକୁ ପାଇଛି।

ତେବେ ଏଠାରେ ପ୍ରଶ୍ନ ଉଠୁଛି ସରକାରୀ ରାଜସ୍ୱରେ ଦିଆଯାଉଥିବା ରିଲିଫ ସାମଗ୍ରୀ ବିପନ୍ନଙ୍କ ପାଖରେ ନ ପହଞ୍ଚି ପାଣିରେ ପଡିବା କେତେ ଯୁକ୍ତି ସଙ୍ଗତ। ତେବେ ଆଜିର ଏହି ଘଟଣା ପରେ ପଞ୍ଚାୟତ ବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି ଯେ ଏହି ସବୁ ବାଟମାରଣା ପାଇଁ ରଖାଯାଇ ନଥିଲା ତ?

ଏହି ଚୁଡା ଓ ଗୋଖାଦ୍ୟ ଘଟଣାକୁ ନେଇ ପଞ୍ଚାୟତର ରାଜନୈତିକ ବାତାବରଣ ସରଗରମ ହୋଇଛି। ପୂର୍ବତନ ଓ ବର୍ତ୍ତମାନ ସରପଞ୍ଚଙ୍କ ମଧ୍ୟରେ ଆରମ୍ଭ ହୋଇଛି ସାମାଜିକ ଗଣମାଧ୍ୟମ ଲଢେଇ।

# ଥାଇଲାଣ୍ଡର ଚମକିଲେ ଓଡ଼ିଆ ଝିଅ ଆୟାନୀ ଆଲିଶା ଆକାଂକ୍ଷା

## ପିନ୍ଧିଲେ 'ମିସ୍ ଏସିଆ ଟିନ୍' ମୁକୁଟ






ନୟାଗଡ଼ ,୧୫।୯ (ସଂଚାର ବ୍ୟୁରୋ) : ଥାଇଲାଣ୍ଡର ଚମକିଲେ ଓଡ଼ିଆ ଝିଅ ଆୟାନୀ ଆଲିଶା ଆକାଂକ୍ଷା। ନୟାଗଡ଼ ସୁନାଲଟି ଗାଁର ଝିଅ ଆୟାନୀ । ସୁଦୂର ଥାଇଲାଣ୍ଡର ବ୍ୟାଙ୍କକଠାରେ ଆୟୋଜିତ 'ମିସ ଟିନ୍ ସୁପର ଗ୍ଲୋବ' ପ୍ରତିଯୋଗିତାରେ ନିଜର ପ୍ରତିଭା ଦେଖାଇ ଓଡ଼ିଶା ପାଇଁ ସେ ଗୌରବ ଆଣିଛନ୍ତି। ନୟାଗଡ଼ ସୁନାଲଟି ଗାଁର ଗୋପାଳ ଚନ୍ଦ୍ର ଦଳେଇଙ୍କ ସାନ ଝିଅ ଆୟାନି ଆଲିଶା ଆକାଂକ୍ଷା। ବିଭିନ୍ନ ଦେଶରୁ ଶ୍ରେଷ୍ଠ ୩୦ ଜଣ ମହାଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଚଳିତ ବର୍ଷ 'ମିସ ଏସିଆ' ମୁକୁଟ ପିନ୍ଧି ବା ସହ ଏସିଆନ୍ ଟସ୍କର ଆୱାର୍ଡ ହାସଲ କରିଛନ୍ତି । ଆୟାନିଙ୍କ ବୟସ ମାତ୍ର ୧୩ ବର୍ଷ। ସେ ବର୍ତ୍ତମାନ ଖୋର୍ଦ୍ଧାରେ ରହି ନବମ ଶ୍ରେଣୀରେ ପାଠ ପଢୁଛନ୍ତି। କଠିନ ପରିଶ୍ରମ ଓ ଜିଦ୍ ଆଜି ତାଙ୍କୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ସେ କହିଛନ୍ତି ।

## ସମ୍ବଲପୁରରେ ନୂଆଁଖାଇ ପାଳିଲେ ସାଂସଦ

# 'ନବାନ୍ନ'ରୁ ଆଗାମୀ ପିଢ଼ିର 'ପୋଷଣ' ଦାୟିତ୍ୱ ନେବା

ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ସମ୍ବଲପୁର ଗସ୍ତରେ ଥିବା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର 'ନୂଆଁଖାଇ-୨୦୨୬' ଅବସରରେ ନିଜ ସଂସଦୀୟ କ୍ଷେତ୍ରରେ ନବାନ୍ନ ସେବନ କରି ଏହି ଗଣପର୍ବକୁ ପାଳନ କରିବା ସହ ନବାନ୍ନରୁ ଆଗାମୀ ପିଢ଼ିର ପୋଷଣ ଦାୟିତ୍ୱ ନେବା ପାଇଁ ଆହ୍ୱାନ ଦେଇଛନ୍ତି।

ଶ୍ରୀ ପ୍ରଧାନ ଆଜି ପ୍ରଥମେ ସମ୍ବଲପୁରର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ବାସଭବନରେ ପହଞ୍ଚି ପରିବାର ସଦସ୍ୟଙ୍କ ସହ ଏକାଠି ବସି 'ନବାନ୍ନ' ଗ୍ରହଣ କରିଥିଲେ। ପରେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିସରରେ ଦେଶ-ବିଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ରଙ୍ଗବତି ଫୋରମର ସଦସ୍ୟ, ବୁଦ୍ଧିଜୀବୀ ଓ ସାମ୍ବାଦିକ ବନ୍ଧୁମାନଙ୍କ ସହ 'ନବାନ୍ନ' ସେବନ କରିଥିଲେ। ନବାନ୍ନ ଗ୍ରହଣ ପରେ ଶ୍ରୀ ପ୍ରଧାନ 'ରଙ୍ଗବତି ଫୋରମ୍' ଦ୍ୱାରା ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ସାମିଲ ହୋଇ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମଣ୍ଡଳୀଙ୍କ ସହ ନୂଆଁଖାଇର ମହତ୍ତ୍ୱ, ସରସତିଆ ଓ ସ୍ଥାନୀୟ ସମ୍ଭାବନା ଉପରେ ଅଭିଭାଷଣ ରଖିଥିଲେ। 'ମାରୱାଡ଼ି ଯୁବା ମଞ୍ଚ', ଓଡ଼ିଶା ସାଂସ୍କୃତିକ ସମାଜ



ସମେତ ଅନେକ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ଆୟୋଜିତ 'ନୂଆଁଖାଇ ଭେଟଘାଟ୍-୨୦୨୬' କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ।

ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ନୂଆଁଖାଇ କେବଳ ଏକ ପର୍ବ ନୁହେଁ; ଏହା ଆମ ସଂସ୍କୃତିର ପ୍ରତୀକ। ନୂଆଁଖାଇ ହେଉଛି ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନର ଏକ ଅନନ୍ୟ ମହାମିଳନ। ଏହା ଆମ କୃଷି ଓ ସଂସ୍କୃତିର ମାନ୍ୟତାକୁ ଦର୍ଶାଉଛି। ଏହି ପବିତ୍ର ଅବସରରେ ଅନ୍ନଦାତା ଚାଷୀ ଭାଇମାନଙ୍କୁ ପ୍ରଣାମ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ଅନ୍ନର ମହିମା' କାବ୍ୟର ପଂକ୍ତି - "ଅନ୍ନ ଘେନି ରହିଛି ଅଖିଳ ସଂସାର, ଅନ୍ନ ବିନା ଜଗତେ ଉଠେ ହାହାକାର" କୁ ଉଦ୍ଧୃତ କରି ସାଂସଦ କହିଛନ୍ତି ଯେ, ଅନ୍ନ ହିଁ ଜୀବନର ମୂଳ ଆଧାର। ନୂଆଁଖାଇ ସମଗ୍ର ସମାଜକୁ ଏକ ବନ୍ଧନରେ ବାନ୍ଧିଥାଏ। ତେଣୁ ଏହି ସମାଜକୁ ସଶକ୍ତ କରିବାକୁ ହେଲେ ଆମକୁ ଭବିଷ୍ୟତର ପିଢ଼ିକୁ ସୁରକ୍ଷିତ କରିବାକୁ ହେବ। ଏଥିପାଇଁ ଆମକୁ ଏବେଠାରୁ ନବଜାତ ଶିଶୁ ଓ ଯୁବପିଢ଼ିଙ୍କ ପୋଷଣ ଏବଂ ମାଆମାନଙ୍କ ସ୍ୱାସ୍ଥ୍ୟର ଦାୟିତ୍ୱ ନେବାକୁ ପଡ଼ିବ। ସେ କହିଛନ୍ତି ନୂଆଁଖାଇର ମୂଳ ମହତ୍ତ୍ୱ ହେଉଛି ପ୍ରଥମ ଶସ୍ୟ ବା ନବାନ୍ନ ଗ୍ରହଣ କରିବା, ଯାହା ଆମ ସମାଜ, ସଂସ୍କୃତି ଓ କୃଷିର ମୂଳ ଆଧାର। ଆମେ ଏପରି ଏକ

- ଶିଶୁ ଓ ମା'ଙ୍କୁ 'ପୁଷ୍ଟିକର ଖାଦ୍ୟ' ଯୋଗାଇବା ହିଁ ନୂଆଁଖାଇର ପ୍ରକୃତ ସାର୍ଥକତା
- ନୂଆଁଖାଇ ଅବସରରେ ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ
- ରାମଚନ୍ଦ୍ର ମେହେରଙ୍କ ବାସଭବନରେ ପାଳିଲେ ନୂଆଁଖାଇ
- ସମ୍ବଲପୁରର ପରିଚୟ ବଢ଼ାଇବା ପାଇଁ ସାମୂହିକ ପ୍ରୟାସ ଜରୁରୀ

ସମାଜ ଗଢ଼ିବା, ଯେଉଁଠି ପ୍ରତିଟି ଶିଶୁକୁ ପୁଷ୍ଟିକର ଆହାର, ପ୍ରତ୍ୟେକ ମା'ଙ୍କ ପାଖରେ ସୁଷମ ଖାଦ୍ୟ ପହଞ୍ଚିପାରିବ ଏବଂ ପ୍ରତିଟି ପରିବାର ପୋଷଣର ସୁରକ୍ଷା ପାଇପାରିବେ। ସାମାଜିକ ସଙ୍କଳ୍ପ ଓ ଭାଗିଦାରୀ ଦ୍ୱାରା ହିଁ 'ବିକଶିତ ଓଡ଼ିଶାରୁ ବିକଶିତ ଭାରତ'ର ମାର୍ଗ ପ୍ରଶସ୍ତ ହେବ ବୋଲି ସେ କହିଛନ୍ତି।

# ସମାଜସେବୀ ଦେବଭାଇଙ୍କ ଶ୍ରାଦ୍ଧବାର୍ଷିକୀରେ ଖାଦ୍ୟ ବଣ୍ଟନ



କଟକ, ୧୫।୯ (ସଂଚାର ବ୍ୟୁରୋ): କଟକ ୫୨ନଂ ୱାର୍ଡ ଅଞ୍ଚଳର ସମାଜସେବୀ ଦେବେନ୍ଦ୍ର ବେହେରା ସମସ୍ତଙ୍କ ପ୍ରିୟ ଦେବଭାଇଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜେନ୍ଦ୍ର ନଗର ପ୍ରତାପ ଚା' ଖଟି ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଖାଦ୍ୟ ବଣ୍ଟନ କରାଯାଇଥିଲା। ଦେବଭାଇଙ୍କ ସ୍ମୃତିକୁ ମନେପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସମାଜସେବୀ ଡ. ଦିବ୍ୟରଞ୍ଜନ ଜେନା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଲୋକନାଥ ବେହେରା, ଫିରୋଜ ମହାପାତ୍ର, ପ୍ରତାପ ବେହେରା, ମହେଶ ମହାପାତ୍ର, ସପନ ଜେନା, ବସନ୍ତ ସ୍ୱାଇଁ, ମୁକୁନ୍ଦ ବାରିକ, ସତ୍ୟବ୍ରତ ଧଳ, ପ୍ରସନ୍ନ ସାହୁ, ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ ଓ ଚା'ଖଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବନ୍ଦ ପାଇଁ ସଚେତନତା ଅଭିଯାନ




ପୁରୀ, ୧୫।୯ (ସଂଚାର ବ୍ୟୁରୋ): ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବନ୍ଦ ପାଇଁ ପୁରୀ ବେଳାଭୂମିରେ ଆଜି ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମିଶନ ଲାଇଫ୍ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଥରେ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ୍ ବିରୋଧରେ ସଚେତନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ସେଣ୍ଟର ଫର୍ ଏନଭାଇର୍ଣ୍ଣମେଣ୍ଟ ଷ୍ଟଡିଜ୍ଏବଂ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଏକ ସଚେତନତା ରଥ ପରିକ୍ରମା କରାଯାଇଥିଲା। ସେହିପରି ପ୍ଲାଷ୍ଟିକ୍ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରିବା ଲାଗି ବେଳାଭୂମିରେ ଥିବା ଲୋକମାନଙ୍କୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରଶ୍ନୋତ୍ତର, ଚିତ୍ରାଙ୍କନ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମସ୍ତଙ୍କୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବନ୍ଦ କରିବା ସହ ବିକଳ୍ପ ବ୍ୟାଗ୍ ବ୍ୟବହାର କରିବା, ପରିବେଶ ସଂରକ୍ଷଣ ଏବଂ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଯାଇଥିଲା। ପୁରୀ ସମେତ ବାରିପଦା, କେନ୍ଦ୍ରାପଡ଼ା ଓ କୋରାପୁଟରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ୨୫ଶହରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଥିଲେ।

- ନାମଫଳକରେ ଅବସରପ୍ରାପ୍ତ ପୁଲିସ ଇନିସପେକ୍ଟରଙ୍କ ନାମ

# ଘର ଭିତରେ ଦେହ ବ୍ୟବସାୟ



ଅନୁଗୋଳ,୧୫।୯ (ସଂଚାର ବ୍ୟୁରୋ) : ଘର ଆଗରେ ଅବସରପ୍ରାପ୍ତ ପୁଲିସ ଇନିସପେକ୍ଟରଙ୍କ ନେମ୍ ପ୍ଲେଟ୍, ଆଉ ଘର ଭିତରେ ଚାଲିଥିଲା ଦେହ ବ୍ୟବସାୟ। ଖବର ପାଇ ମାଡ଼ି ବସିଲା ସ୍ପେସାଲ ସ୍କ୍ୱାଡ ଓ ଅନୁଗୋଳ ଟାଉନ୍ ଥାନା ପୁଲିସର ମିଳିତ ଟିମ୍। ବାହାର ରାଜ୍ୟର ୨ ଯୁବତୀ, ୨ ଗ୍ରାହକଙ୍କ ସହ ଦେହ ଦଲାଲ ଘର ମାଲିକ ଅଟକ। ସୂଚନା ଅନୁସାରେ, ଅନୁଗୋଳ ଅମଲାପଡ଼ାରେ କୁଞ୍ଜ ମୋହନ ସ୍ୱାଇଁ, ଇନିସପେକ୍ଟର ଅଫ୍ ପୁଲିସ, ରିଟାୟାର୍ଡ, ଲେଖା ଥିବା ଏକ ଘରେ ମୁହଁ ସଞ୍ଜ ବେଳେ ସେକ୍ସ ରାକେଟ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଅନୁଗୋଳ ପୁଲିସ। ତୁରନ୍ତ ସ୍ପେସାଲ୍ ସ୍କ୍ୱାଡ ଓ ଅନୁଗୋଳ ଟାଉନ୍ ଥାନା ପୁଲିସର ଏକ ମିଳିତ ଟିମ ଉକ୍ତ ଘରେ ଛାପା ମାରିଥିଲା। ଚଢ଼ାଉ ବେଳେ ପୁଲିସ ବାହାର ରାଜ୍ୟର ୨ ଦେହଜୀବୀଙ୍କ ସହ ୨ ଜଣ ଗ୍ରାହକଙ୍କୁ ଅସଜ୍ଞତ ଅବସ୍ଥାରେ ଉଦ୍ଧାର କରିଥିଲା। ଏହାସହ ଦେହ ଦଲାଲ ସାଜିଥିବା ଘର ମାଲିକଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି ପୁଲିସ । ତେବେ ଅନୁଗୋଳ ଟାଉନ୍ ଥାନା ଓ ଏସପି ଅଫିସ୍ ଠାରୁ ମାତ୍ର ୪୦୦-୫୦୦ ମିଟର ଦୂରରେ କିଭଳି ଓ କେବେଠୁ ଚାଲିଥିଲା ଏହି ସେକ୍ସ ରାକେଟ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ନବ ନିର୍ମାଣ କୃଷକ ସଂଗଠନରେ ଫାଟ

# ଅକ୍ଷୟ କୁମାରଙ୍କୁ ବାଦ୍‌ଦେଇ ବସିଲା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

କଟକ, ୧୪।୯ (ସଂଚାର ବ୍ୟୁରୋ): ନବ ନିର୍ମାଣ କୃଷକ ସଂଗଠନରେ ଫାଟ ଦେଖାଦେଇଛି। ରାଷ୍ଟ୍ରୀୟ ସଂଯୋଜକ ତଥା ସଂଗଠନର ମୁଖ୍ୟ ନେତା ଅକ୍ଷୟ କୁମାରଙ୍କୁ ଛାଡ଼ି ନବ ନିର୍ମାଣ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଟକର ଗାନ୍ଧି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ସମେତ ରାଜ୍ୟ ପ୍ରତ୍ୟେକ ଛାମୁଆ ସଂଗଠକଙ୍କ ସହ ପ୍ରମୁଖ ସଦସ୍ୟ ବୈଠକରେ ଏକାଠି ହୋଇଥିଲେ। ସଂଗଠନର ରାଜନୈତିକ ବ୍ୟାପାରରେ ମନମୁଖୀ ନିଷ୍ପତ୍ତିକୁ ସଦସ୍ୟମାନେ ବିରୋଧ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭୁବନେଶ୍ୱରରେ ଅକ୍ଷୟ କୁମାର ଚଳାଇ ଆସୁଥିବା ଅନଶନ ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ଶେଷଦେବ କହିଥିଲେ। ଅନଶନ କରିବା ପୂର୍ବରୁ ଏ ବାବଦରେ ନବ ନିର୍ମାଣର ସମସ୍ତ ଯୁବକ ସଂଗଠକ କିମ୍ବା କେନ୍ଦ୍ରୀୟ ନେତାଙ୍କ ଆଲୋଚନା ହୋଇନାହିଁ। ମନଇଚ୍ଛା ନିଷ୍ପତ୍ତି ନେଇ ଅନଶନ କିମ୍ବା ଆନ୍ଦୋଳନ ଡାକରା ଦେଲେ ତାହା ସଫଳ ହଏ ନାହିଁ ବୋଲି ନେତାମାନେ କହିବା ସହ ଭାଷଣରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ନବ ନିର୍ମାଣ ସଂଗଠନ ଗଠିତ ହୋଇଛି। କୃଷକଙ୍କ ସମସ୍ୟା, ବେରୋଜଗାରୀ, ଦାରିଦ୍ର୍ୟ ସମସ୍ୟାକୁ ନେଇ ସଂଗଠନ ଅତୀତରେ ଅନେକ ଆନ୍ଦୋଳନ କରିଛି। ମାତ୍ର ସଂଗଠନରେ ଏବେ କିଛି ନାମ୍ବରସ୍ୱାର୍ଥ ବ୍ୟକ୍ତି ମନମାନି କରୁଥିବାରୁ ସଂଗଠନରେ ଶୃଙ୍ଖଳା ଭଙ୍ଗ ହେଉଛି ବୋଲି ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ କହିଥିଲେ। ସଂଗଠନରେ ସମନ୍ୱୟ ଅଭାବରୁ ରାଜ୍ୟରେ ଏସ୍‌ଏମ୍‌ଡିଆର ଓ ଖଣି ଲୁଟ୍ ବିରୋଧରେ ଅଦ୍ୟାବଧି ସ୍ୱର ଉତ୍ତୋଳନ କରିପାରି ନଥିବାରୁ ବୈଠକରେ ଅନ୍ୟତମ ରାଜ୍ୟ ସହସଂଯୋଜକ ଉମାକାନ୍ତ ରାଉତ ପ୍ରତିକ୍ରିୟା ପ୍ରକାଶ କହିଥିଲେ।

ଆଗାମୀ ଦିନରେ ରିଲିଫ୍ କୋଡ଼ରେ ସଂଶୋଧନ ଓ ବୃଦ୍ଧ ବୃଦ୍ଧାଙ୍କୁ ଠିକ୍ ସମୟରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଓ ଚାଷୀଙ୍କ ସମସ୍ୟାକୁ ନେଇ ସଂଗଠନ ରାଜ୍ୟରେ ଏକ ବଡ଼ ଆନ୍ଦୋଳନ କରିବ ବୋଲି କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଂଯୋଜକ ଶ୍ରୀ ନନ୍ଦ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକାରିଣୀ ବୈଠକରେ ରଶ୍ମିରଞ୍ଜନ ସ୍ୱାଇଁ, ଦେବୀପ୍ରସାଦ ମହାରଣା, ସତ୍ୟ ନାୟକ, ଶ୍ୟାମ ମହନ୍ତ, ମାଧବ ଶାନ୍ତି, ହୃଷିକେଶ ପ୍ରଧାନ, ପରିକ୍ଷିତ ଶତପଥ, ରଣଜିତ୍ ପଟ୍ଟନାୟକ, ପ୍ରସନ୍ନ ପ୍ରଧାନ, ପୁନେଶ ସେନାପତି, ଶ୍ରୀକାନ୍ତ ପ୍ରଧାନ, ସୁଧାକର ପରିଡା ଯୋଗଦେଇଥିଲେ। ଇଂ ପ୍ରଭାତ ମହାଲିକ୍ ଧନ୍ୟବାଦ ଦେଇଥିଲେ।

## ରାଜ୍ୟ କଂଗ୍ରେସର ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି

# ଓଡ଼ିଶା ଆସିବେ ରାହୁଲ, ପ୍ରିୟଙ୍କା



ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅକ୍ଟୋବର ମାସରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଏନେଇ ମଙ୍ଗଳବାର ଦିନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

ଆମେ ଏନେଇ ଏକ ପ୍ରସ୍ତାବ ପଠାଇଛୁ। ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା 'ଛାତ୍ର କି ଗୁଞ୍ଜ' କାର୍ଯ୍ୟକ୍ରମରେ ଯୋଗଦେବାର ଯଥେଷ୍ଟ ସମ୍ଭାବନା ରହିଛି, ଯେଉଁଥିରେ ପ୍ରାୟ ୨୦, ୦୦୦ ଯୁବକ-ଯୁବତୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମ 'ଜେନ୍-ଜେଡ୍'ଙ୍କ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ କେନ୍ଦ୍ରିତ ରହିବ ବୋଲି ସେ କହିଛନ୍ତି। ପିସିସି ସଭାପତି କହିଛନ୍ତି ଯେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ରାଜ୍ୟରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରିବ। ଦଳ ପକ୍ଷରୁ ଅକ୍ଟୋବର ୨ ତାରିଖରେ ନବରଙ୍ଗପୁରରୁ ଏକ ପଦଯାତ୍ରା ଆରମ୍ଭ କରାଯିବ, ଯେଉଁଥିରେ କଂଗ୍ରେସ କର୍ମୀମାନେ ଅଂଶଗ୍ରହଣ କରିବେ। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଦଳର ପ୍ରଚାର ଅଭିଯାନରେ ଅଂଶବିଶେଷ ଭାବେ ଜାନୁଆରୀ ଓ ଫେବୃଆରୀ ମାସ ମଧ୍ୟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଓଡ଼ିଶା ଗସ୍ତ କରିବେ।

## ଜାତୀୟ ଯନ୍ତ୍ରୀ ଦିବସ

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଯନ୍ତ୍ରୀମାନଙ୍କୁ ସମ୍ମାନ

ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ଜାତୀୟ ଯନ୍ତ୍ରୀ ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶା ଏବଂ ଛତିଶଗଡ଼ରେ କାର୍ଯ୍ୟରତ ହଜାର ହଜାର ଯନ୍ତ୍ରୀଙ୍କୁ ହୃଦୟଭରା ସମ୍ମାନ ଜ୍ଞାପନ କରାଯାଇଛି। କମ୍ପାନୀର ବିଶ୍ୱସ୍ତରୀୟ କାର୍ଯ୍ୟକଳାପର ମୂଳକେନ୍ଦ୍ରରେ ରହି ଏହି ଯନ୍ତ୍ରୀମାନେ ଭବିଷ୍ୟତର ଧାତୁ ଭାବେ ପରିଚିତ ଆଲୁମିନିୟମ ଉତ୍ପାଦନକୁ ସଫଳତାର ସହ ଆଗେଇ ନେଉଛନ୍ତି।



ଆଲୁମିନିୟମ ଉତ୍ପାଦନର ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ପର୍ଯ୍ୟାୟରେ ଏହି ଯନ୍ତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଖଣି ଓ ଭୂତତ୍ତ୍ୱ ଯନ୍ତ୍ରୀମାନେ ଦାୟିତ୍ୱପୂର୍ଣ୍ଣ ଭାବେ ଖଣିଜ ସମ୍ପଦ ଉତ୍ତୋଳନ କରୁଥିବାବେଳେ, କଳାହାଣ୍ଡିର ଆଲୁମିନା ବିଶୋଧନାଗାରରେ ରାସାୟନିକ ଓ ପ୍ରକ୍ରିୟା ଯନ୍ତ୍ରୀମାନେ ବକ୍ସାଇଟ୍‌କୁ ଆଲୁମିନାରେ ପରିଣତ କରୁଛନ୍ତି। ଏହାପରେ ଝାରସୁଗୁଡ଼ା ଓ କୋରବାସ୍ଥିତ କାରଖାନାରେ ଧାତୁବିଜ୍ଞାନ ଯନ୍ତ୍ରୀମାନେ ବିଦ୍ୟୁତ୍ ବିଶ୍ଳେଷଣ ମାଧ୍ୟମରେ ଆଲୁମିନାକୁ ତରଳ ଆଲୁମିନିୟମରେ ରୂପାନ୍ତରିତ କରୁଛନ୍ତି। ଏହା ସହିତ ଯାନ୍ତ୍ରିକ, ନିର୍ମାଣ, ସୁରକ୍ଷା ଓ ପରିବେଶ ଯନ୍ତ୍ରୀମାନେ ଧାତୁ ଦଣ୍ଡ, ତାର ଓ ବିଭିନ୍ନ ମୂଲ୍ୟବର୍ଦ୍ଧିତ ଉତ୍ପାଦ ନିର୍ମାଣ ସହ ନିରାପଦ ଓ ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରୁଛନ୍ତି।

ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି ଯେ ଜଟିଳ ପ୍ରକ୍ରିୟା ପରିଚାଳନାଠାରୁ ଆରମ୍ଭ କରି ନୂଆ ଉତ୍ପାଦ ବିକାଶ ପର୍ଯ୍ୟନ୍ତ ସବୁଥିରେ ଯନ୍ତ୍ରୀମାନଙ୍କ ବୈଜ୍ଞାନିକ ଜ୍ଞାନ ଦେଶ ପାଇଁ ଅତିରିକ୍ତ ମୂଲ୍ୟ ସୃଷ୍ଟି କରୁଛି। ସେହିପରି ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବୀଣ ପୁରୋହିତ ମତ ପ୍ରକାଶ କରିଛନ୍ତି ଯେ ଆଇଆଇଟି ଓ ଏନଆଇଟି ଭଳି ଦେଶର ଅଗ୍ରଣୀ ଅନୁଷ୍ଠାନରୁ ପ୍ରତିଭାବାନ ଯୁବ ଯନ୍ତ୍ରୀମାନଙ୍କୁ ନିଯୁକ୍ତ କରାଯାଇ ସେମାନଙ୍କୁ ଆଧୁନିକ ଡିଜିଟାଲ୍ ପ୍ରଯୁକ୍ତି ଓ ଶିଳ୍ପ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିବାର ସୁଯୋଗ ଦିଆଯାଉଛି।

୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀ ୨୪.୫ ଲକ୍ଷ ଟନରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଛି, ଯାହା ଭାରତର ମୋଟ ଆଲୁମିନିୟମ ଉତ୍ପାଦନର ଅର୍ଦ୍ଧାଧିକ ଅଟେ। ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଏଠାକାର ଯନ୍ତ୍ରୀମାନେ ସ୍ୱୟଂଚାଳିତ ପ୍ରଣାଳୀ, କୃତ୍ରିମ ବୁଦ୍ଧିମତା ଏବଂ ଆଇଓଟି ପ୍ରଯୁକ୍ତିର ବ୍ୟବହାର କରି ଉତ୍ପାଦନ ଶିଳ୍ପର ଭବିଷ୍ୟତକୁ ନୂଆ ଆକାର ଦେଉଛନ୍ତି।

# ଛୁରାମାଡ଼ରେ ଯୁବକ ମୃତ

ଖଲ୍ଲିକୋଟ,୧୫।୯ (ସଂଚାର ବ୍ୟୁରୋ) : ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି। ମୃତକ ହେଲେ ଖୋଜାପଲ୍ଲୀ ଗ୍ରାମର ଚିତ୍ରସେନ ଜେନା। ସୂଚନା ଅନୁଯାୟୀ, ସୋମବାର ରାତିରେ ଗ୍ରାମରେ ଯାତ୍ରାନାଟକ ପାଇଁ ଚାଲିଥିବା ରିହର୍ସାଲ ଚିତ୍ରସେନ ଦେଖୁଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇଜଣ ଯୁବକ ତାଙ୍କୁ ଛୁରୀରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଆକ୍ରମଣରେ ଚିତ୍ରସେନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ମଙ୍ଗଳବାର ସକାଳେ ବ୍ରହ୍ମପୁରରେ ଚିକିତ୍ସାଧୀନ ଅବସ୍ଥାରେ ଚିତ୍ରସେନଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ଛୁରୀରେ ଆକ୍ରମଣ କରିଥିବା ଦୁଇ ଯୁବକ ଫେରାର ଥିବା ଜଣାପଡ଼ିଛି। ଖବର ପାଇ ଖଲ୍ଲିକୋଟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ମଙ୍ଗଳବାର ଅପରାହ୍ନରେ ଚିତ୍ରସେନଙ୍କ ମୃତଦେହକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା। ଏହାକୁ ନେଇ ଖୋଜାପଲ୍ଲୀ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଝରିଗାଁ ଅଞ୍ଚଳରେ ଚାଞ୍ଚଲ୍ୟ

# ହୋମ ନିଆଁରେ ଦୃଶ୍ୟମାନ ହେଲେ ବିଘ୍ନ ବିନାଶକ



ଉମରକୋଟ ୧୫।୯ (ସଂଚାର ବ୍ୟୁରୋ): ସାରାରାଜ୍ୟରେ ଗଣେଶ ଚତୁର୍ଥୀ ପାଇଁ ଆଧ୍ୟାତ୍ମିକ ପରିବେଶ ଛାଇ ରହିଥିବା ବେଳେ ନବରଙ୍ଗପୁର ଜିଲ୍ଲା ଝରିଗାଁରୁ ଆସିଛି ଏକ ଚର୍ଚ୍ଚିତ ଖବର। ଝରିଗାଁ ସ୍ଥିତ ଏକ ସ୍କୁଲରେ ଗଣେଶ ପୂଜା ଅବସରରେ ଅନୁଷ୍ଠିତ ହୋଇଥିବା ଯଜ୍ଞ ନିଆଁରେ ଶ୍ରୀଗଣେଶଙ୍କ ସଦୃଶ ଆକୃତି ଦେଖିବାକୁ ମିଳିଛି। ଯାହାକୁ ନେଇ ଏବେ ସାରା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଖବର ଅନୁଯାୟୀ, ଝରିଗାଁର ଏକ ସ୍କୁଲରେ ଗଣେଷ ପୂଜା ଓ ହୋମ ଯଜ୍ଞ ଖୁବ୍ ଆଡ଼ମ୍ବରର ସହ ଚାଲିଥିଲା। ପୁରୋହିତ ପୂଜା କାର୍ଯ୍ୟ ବେଶ ସୁରୁଖୁରୁରେ ପରିଚାଳନା କରୁଥିଲେ। ଠିକ ଏହି ସମୟରେ ସେଠାରେ ଉପସ୍ଥିତ କିଛି ଅଭିଭାବକ ନିଜ ମୋବାଇଲ୍‌ରେ ଫୋଟୋ ଉଠାଉଥିଲେ। ଫଟୋଗୁଡ଼ିକୁ ଦେଖିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ହୋମର ଜଳନ୍ତା ନିଆଁରେ ପ୍ରଭୁ ଗଜାନନଙ୍କ କାନ ଓ ଶୁଣ୍ଢ ସଦୃଶ ଏକ ପ୍ରତିଛବି ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଥିଲା। ଏହି ପ୍ରତିଛବି ସାମ୍ନାକୁ ଆସିବା ପରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଏକ ଅପୂର୍ବ ଆଧ୍ୟାତ୍ମିକ ଶିହରଣ ଖେଳିଯାଇଥିଲା। ଘଟଣା ପରେ ଏହି ମୋବାଇଲ୍ ଫଟୋଟି ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସ୍ଥାନୀୟ ଲୋକେ ଏହାକୁ ପ୍ରଭୁ ଗଣେଶଙ୍କ ଦିବ୍ୟ ଆଶୀର୍ବାଦ ଓ ଆଧ୍ୟାତ୍ମିକ ଅନୁଭୂତି ଭାବେ ଗ୍ରହଣ କରୁଥିବା ବେଳେ, ଏବେ ସାରା ଝରିଗାଁ ଅଞ୍ଚଳରେ ଏହାକୁ ନେଇ ଚର୍ଚ୍ଚା ଲାଗିରହିଛି।

## ବାର୍ଦ୍ଧକ୍ୟ ଭତ୍ତା ବିଳମ୍ବକୁ ନେଇ ବିଜେଡିର ଉଦ୍‌ବେଗ

# ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ଭୁଲିଗଲା

ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୁ): ରାଜ୍ୟରେ ସାମାଜିକ ସୁରକ୍ଷା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ବାର୍ଦ୍ଧକ୍ୟ ଭତ୍ତା ବିଳମ୍ବ ଯୋଗୁଁ ଏହାର ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ରାଜ୍ୟ ସରକାର ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି, ଗତ ମାର୍ଚ୍ଚ ମାସରୁ ଚଳିତ ସେପ୍ଟେମ୍ବର ମାସ ଭିତରେ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ଦେଖାଦେଇଛି। ଯେଉଁଥିପାଇଁ ଏହାର ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଏପ୍ରିଲ ମାସରୁ ଜୁନ ମାସ ପର୍ଯ୍ୟନ୍ତ ପ୍ରାୟ ୨୦ ଲକ୍ଷ ହିତାଧିକାରୀ ସେମାନଙ୍କର ୧୦୦୦ ଟଙ୍କାର ମାସିକ ଭତ୍ତା ପାଇ ନଥିଲେ। ସେହି ସମୟରେ ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା।



ଏହାର ଉତ୍ତରରେ ରାଜ୍ୟ ସରକାରଙ୍କ ତରଫରୁ ବୈଷୟିକ ବା ସଫ୍ଟୱେୟାର ତ୍ରୁଟି ଯୋଗୁଁ ଏହି ଭତ୍ତା ପ୍ରଦାନରେ ବିଳମ୍ବ ହେଉଛି ବୋଲି କୁହାଯାଇଥିଲା। ଏହି ତ୍ରୁଟିକୁ ସୁଧାରିବା ପରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସ୍ୱାଭାବିକ ହୋଇଛି ବୋଲି ସରକାରଙ୍କ ତରଫରୁ ଦାବି ହୋଇଥିଲେ ହେଁ ଏବେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ଠିକ ସମୟରେ ମିଳୁ ନାହିଁ ।

ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରେ ଯୋଡି ହେବା ପାଇଁ ରାଜ୍ୟରେ ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଦରଖାସ୍ତ ସରକାରଙ୍କ ନିକଟରେ ପଡ଼ି ରହିଛି। କିନ୍ତୁ ଏମାନଙ୍କୁ ତାଲିକାରେ ଯୋଡ଼ା ଯାଉ ନାହିଁ। ବିଜେପି ତାର ନିର୍ବାଚନ ଇସ୍ତାହାରରେ, ବାର୍ଦ୍ଧକ୍ୟ ଭତ୍ତାକୁ ୧୦୦୦ ଟଙ୍କାରୁ ୩, ୫୦୦ ଟଙ୍କାକୁ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ସରକାରକୁ ଆସିବା ପରେ ବିଜେପି ଏହା ଭୁଲିଯାଇଛି।

## ଆଜିଠୁ ଫାୟାର ସେଫ୍ଟି ଚେକ୍

# ସୁରକ୍ଷା ନିରାପତ୍ତା ନଥିଲେ ହେବ ଆକ୍ସନ

ଭୁବନେଶ୍ୱର,୧୫।୯ (ସଂଚାର ବ୍ୟୁରୋ) : ସହରରେ ଅଗ୍ନିକାଣ୍ଡ ଅଘଟଣ ଏଡାଇବାକୁ ଆକ୍ସନ ପ୍ଲାନ୍। ଆଜିଠୁ ସରପ୍ରାଇଜ ଚେକ୍ କରିବ ଅଗ୍ନିଶମ ଟିମ୍ । ସୁରକ୍ଷା ନିରାପତ୍ତା ନଥିଲେ ହେବ ଆକ୍ସନ। ଏନେଇ ମହଲତ ସମୟ ସୀମା ପରେ ସମସ୍ତ ସରକାରୀ ଓ ବେସରକାରୀ ଅଗ୍ନି ନିରାପତ୍ତା ନେଇ ରୁହନ୍ତୁ ସଜାଗ । କେଉଁ ମୁହୂର୍ତ୍ତରେ ବି କେଉଁଠି ପଶିପାରେ ଅଗ୍ନିଶମ ଟିମ୍ । ଅଗ୍ନି ନିରାପତ୍ତା ସାର୍ଟିଫିକେଟ ଓ ସରଞ୍ଜାମ ନ ଲଗାଇଥିଲେ ପଡ଼ିବ ମହଙ୍ଗା। ସୁରକ୍ଷିତ ଓଡ଼ିଶା ଓ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ସ୍ୱତନ୍ତ୍ର ଡ୍ରାଇଭ୍ ଆଜିଠାରୁ ଆରମ୍ଭ । ଏନେଇ ଅଗ୍ନିଶମ ଟିମ୍ ର ବିଭିନ୍ନ ମଲ୍,ଅଫିସ ଓ ସିନେମା ହଲ ସମେତ ରେସିଡେନସିଆଲ ବିଲ୍ଡିଂରେ ମଧ୍ୟ କରିବେ ସରପ୍ରାଇଜ ଚେକ୍ ।




ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ପୂର୍ବରୁ ଅବଗତ କରାଯାଇଛି । ଅଗ୍ନିକଣ୍ଡ ଘଟିବା ପରେ ଆକ୍ସନ୍ ନୁହେଁ, ବରଂ ଅଗ୍ନିକାଣ୍ଡକୁ ରୋକିବା ପାଇଁ ଆଗୁଆ ପଦକ୍ଷେପ । ଫାୟାର ସେଫ୍ଟି ନିୟମର କଡ଼ାକଡ଼ି ଲାଗୁ ପାଇଁ ଆସନ୍ତା ୧୫ ସେପ୍ଟେମ୍ବରରୁ ସୁରକ୍ଷିତ ଓଡ଼ିଶା, ବିକଶିତ ଓଡ଼ିଶା ଅଭିଯାନ ଆରମ୍ଭ ହୋଇଛି। ମାସେ ବ୍ୟାପୀ ଚାଲିବ ଏହି ଅଭିଯାନ । ଫାୟାର ସେଫ୍ଟି ସାର୍ଟିଫିକେଟ୍ ଆବଶ୍ୟକ କରୁଥିବା ଅଟ୍ଟାଳିକାର ସର୍ଭେଠାରୁ ଆରମ୍ଭ କରି ଏଆଇ ଆଧାରିତ ଡାଟାବେସ୍, କଣ୍ଟ୍ରୋଲ୍ ରୁମ୍, ହ୍ୱାଟ୍ସଆପ୍ ନମ୍ବର ଓ ଲାଇସେନ୍ସ ପ୍ରକ୍ରିୟାରେ ହଇରାଣ ହେଲେ ଅଭିଯୋଗ ପାଇଁ ଟୋଲ୍ ଫ୍ରି ନମ୍ବର ଏଭଳି ଏକାଧିକ ପଦକ୍ଷେପ ନେଉଛି ଫାୟାର ବିଭାଗ ।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୬ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Wednesday 16 September 2026, Bhubaneswar


# କୃତ୍ରିମ ବୁଦ୍ଧିର କାଳ୍ପନିକ ଜଗତ

ଆଜିର ଯୁବପିଢ଼ି ଡିଜିଟାଲ୍ ଯୁଗର ସୁବିଧା ସହିତ ଅନେକ ନୂତନ ବିପଦର ସମ୍ମୁଖୀନ ହେଉଛି। ସେଥିମଧ୍ୟରେ ସବୁଠାରୁ ଚିନ୍ତାଜନକ ହେଉଛି କୃତ୍ରିମ ବୁଦ୍ଧି (ଏଆଇ) ଆଧାରିତ ଚାଟିଂ ଓ ଡେଟିଙ୍ଗ ଆପ୍‌ଗୁଡ଼ିକ। ଏହି ଆପ୍‌ଗୁଡ଼ିକ ଯୁବକ-ଯୁବତୀଙ୍କୁ ଆକର୍ଷଣ କରି ସେମାନଙ୍କୁ ଏକ କାଳ୍ପନିକ ଜଗତରେ ଫସାଇ ଦେଉଛି। ବାସ୍ତବ ମାନବିକ ସମ୍ପର୍କର ଅଭାବ, ଏକାକୀତ୍ୱ ଓ ତୁରନ୍ତ ସନ୍ତୋଷ ଖୋଜିବାର ମନୋବୃତ୍ତି ଯୋଗୁଁ ଅନେକ ଯୁବକ ଏହି ଜାଲରେ ଆବଦ୍ଧ ହେଉଛନ୍ତି।



ଏଆଇ ଚାଟବଟ୍ ଓ ଡେଟିଙ୍ଗ ଆପ୍‌ଗୁଡ଼ିକ ଏକ ସୁନ୍ଦର ଭ୍ରମ ସୃଷ୍ଟି କରେ। ଏଗୁଡ଼ିକ ବ୍ୟବହାରକାରୀଙ୍କ ରୁଚି, ଭାବନା ଓ କଥୋପକଥନ ଅନୁସାରେ ଉତ୍ତର ଦେଇଥାଏ। ଫଳରେ ଯୁବକମାନେ ଭାବନ୍ତି ଯେ ସେମାନେ ପ୍ରକୃତ ମାନବ ସହିତ କଥା ହେଉଛନ୍ତି। କିଛି ଆପ୍‌ରେ ଏଆଇ ପ୍ରୋଫାଇଲ୍, ଡିପଫେକ୍ ଫଟୋ ଓ ଭିଡିଓ ବ୍ୟବହାର କରି ପୂରା ଭ୍ରାନ୍ତି ସୃଷ୍ଟି କରାଯାଏ। ଏହା ଫଳରେ ଯୁବପିଢ଼ି ପ୍ରତାରଣା, ଆର୍ଥିକ ଠକେଇ ଓ ମାନସିକ ଶୋଷଣର ଶିକାର ହେଉଛନ୍ତି। ଅନେକ କ୍ଷେତ୍ରରେ ଏହି ଆପ୍‌ଗୁଡ଼ିକ ଯୁବକଙ୍କୁ ନିଜର ବ୍ୟକ୍ତିଗତ ତଥ୍ୟ ଦେବାକୁ ପ୍ରୋତ୍ସାହିତ କରେ, ଯାହା ପରେ ଗୋପନୀୟତା ହରଣ ଓ ସାଇବର ଅପରାଧର କାରଣ ହୁଏ। ଏହି ସମସ୍ୟାର ମୂଳରେ ରହିଛି ଆଧୁନିକ ଜୀବନଶୈଳୀ। ସାମାଜିକ ମାଧ୍ୟମର ଅତ୍ୟଧିକ ବ୍ୟବହାର, ପରିବାର ଓ ବନ୍ଧୁମାନଙ୍କ ସହ କମ୍ ସମୟ ବିତାଇବା ଯୋଗୁଁ ଯୁବକମାନେ ଏକାକୀ ଅନୁଭବ କରନ୍ତି। ସେମାନେ ତୁରନ୍ତ ଭାବପ୍ରବଣ ସମର୍ଥନ ଓ ସହାନୁଭୂତି ଖୋଜନ୍ତି। ଏଆଇ ଚାଟବଟ୍ ସେମାନଙ୍କୁ ସେହି ସୁଯୋଗ ଦେଉଥାଏ— କେବେ ବି ଉପଲବ୍ଧ, କେବେ ବି ସମାଲୋଚନା ନକରୁଥିବା ଏକ "ସାଥୀ"। କିନ୍ତୁ ଏହା ଏକ ମିଛ ସାନ୍ତ୍ୱନା। ବାସ୍ତବ ସମ୍ପର୍କର ଅଭାବରେ ଯୁବକମାନେ ଧୀରେ ଧୀରେ ସାମାଜିକ ଦକ୍ଷତା ହରାନ୍ତି। ସେମାନେ ପ୍ରକୃତ ମାନବ ସହିତ କଥା ହେବାରେ ଅସୁବିଧା ଅନୁଭବ କରନ୍ତି ଓ ଆହୁରି ବେଶି କାଳ୍ପନିକ ଜଗତକୁ ଆଶ୍ରୟ ନିଅନ୍ତି। ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଏ— ଉଦ୍‌ବେଗ, ହତାଶା ଓ ଆତ୍ମବିଶ୍ୱାସ ହ୍ରାସ ପାଇଥାଏ। ଡେଟିଙ୍ଗ ଆପ୍‌ରେ ଏଆଇ ବ୍ୟବହାର ଆହୁରି ବିପଜ୍ଜନକ। ଅନେକ ଆପ୍‌ରେ କୃତ୍ରିମ ପ୍ରୋଫାଇଲ୍ ତିଆରି କରି ଯୁବକଙ୍କୁ ଆକର୍ଷିତ କରାଯାଏ। କିଛି କ୍ଷେତ୍ରରେ ଏହି ଆପ୍‌ଗୁଡ଼ିକ ମାଧ୍ୟମରେ ଆର୍ଥିକ ଠକେଇ ଓ ବ୍ଲାକମେଲ୍ ପରି ଅପରାଧ ଘଟୁଛି। ଯୁବପିଢ଼ି ସହଜରେ ଭାବପ୍ରବଣ ହୋଇଯାଆନ୍ତି ଓ ସେମାନଙ୍କ ବିଶ୍ୱାସର ଅପବ୍ୟବହାର ହୁଏ। ଏହା ବ୍ୟତୀତ, ଏଆଇ ଆଧାରିତ ସମ୍ପର୍କ ବାସ୍ତବ ପ୍ରେମ ଓ ବିବାହ ପରି ସାମାଜିକ ବ୍ୟବସ୍ଥାକୁ ଦୁର୍ବଳ କରୁଛି। ଯୁବକମାନେ କାଳ୍ପନିକ ସାଥୀଙ୍କ ସହିତ ସମୟ ବିତାଇ ପ୍ରକୃତ ଜୀବନର ଦାୟିତ୍ୱ ଓ ସମ୍ପର୍କରୁ ଦୂରେଇ ଯାଉଛନ୍ତି।

ଏହି ସମସ୍ୟା କେବଳ ବ୍ୟକ୍ତିଗତ ନୁହେଁ, ସାମାଜିକ ମଧ୍ୟ। ପରିବାର, ଶିକ୍ଷାନୁଷ୍ଠାନ ଓ ସମାଜ ଏ ବିଷୟରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ। ଯୁବପିଢ଼ିଙ୍କୁ ବୁଝାଇବା ଦରକାର ଯେ ଏଆଇ କେବଳ ଏକ ଉପକରଣ— ଏହା ପ୍ରକୃତ ମାନବିକ ସମ୍ପର୍କର ବିକଳ୍ପ ନୁହେଁ। ସରକାର ଓ ପ୍ରଯୁକ୍ତି କମ୍ପାନୀଗୁଡ଼ିକୁ ମଧ୍ୟ ଏହି ଆପ୍‌ଗୁଡ଼ିକର ନିୟନ୍ତ୍ରଣ ଓ ନୈତିକ ମାନଦଣ୍ଡ ଲାଗୁ କରିବାକୁ ହେବ। ଗୋପନୀୟତା ସୁରକ୍ଷା, ପ୍ରତାରଣା ରୋକିବା ଓ ଯୁବକଙ୍କ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ କଡ଼ା ନିୟମ ଆବଶ୍ୟକ।

ଶେଷରେ କହିବାକୁ ହେବ ଯେ, ପ୍ରଯୁକ୍ତି ଜୀବନକୁ ସହଜ କରିବା ପାଇଁ, ନା ଏହାକୁ ନିୟନ୍ତ୍ରଣ କରିବା ପାଇଁ। ଯୁବପିଢ଼ି ଯଦି ଏଆଇର ଜାଲରେ ଫସି ରହେ, ତେବେ ସେମାନେ ବାସ୍ତବ ଜୀବନର ସୌନ୍ଦର୍ଯ୍ୟ, ସମ୍ପର୍କର ଗଭୀରତା ଓ ମାନବିକ ଅନୁଭୂତିରୁ ବଞ୍ଚିତ ହେବେ। ସଚେତନତା, ଶିକ୍ଷା ଓ ବାସ୍ତବ ସମ୍ପର୍କକୁ ଗୁରୁତ୍ୱ ଦେବା ହିଁ ଏହି ସମସ୍ୟାର ସମାଧାନ। ଯୁବପିଢ଼ିଙ୍କୁ ବୁଝିବାକୁ ହେବ ଯେ ପ୍ରକୃତ ସୁଖ କେବଳ ମାନବିକ ସମ୍ପର୍କରେ ଅଛି, କୃତ୍ରିମ ବୁଦ୍ଧିର କାଳ୍ପନିକ ଜଗତରେ ନୁହେଁ।

# ମୋଦକ, ଅଣସର ପରମ୍ପରା ଓ ଶ୍ରୀଜଗନ୍ନାଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ନିକଟରେ ବିଘ୍ନହର୍ତ୍ତା ଗଣେଶଙ୍କର ଚର୍ତ୍ତୁଦଶୀ ପାଳିତ ହୋଇଛି। ପଦ୍ମପୁରାଣରେ ଉଲ୍ଲେଖ ରହିଛି ମୋଦକ ବା ଲଡ୍ଡୁ ଗଜାନନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶ୍ରେଷ୍ଠ ଅର୍ପଣ। ସେହିପରି ଶିବ ପୁରାଣରେ ଉଲ୍ଲେଖ ଅଛି ଯେ ଧନୁ ସଂକ୍ରାନ୍ତିରେ ଅନ୍ୟାନ୍ୟ ଅର୍ପିତ ଭୋଗ ସହ ମହାଦେବଙ୍କୁ ମୋଦକ ଅର୍ପଣ କରାଯାଏ। ତେବେ ମହାପ୍ରଭୁଙ୍କ ଅଣସର ଘରେ ଦଶମୂଳ ମୋଦକ ଲାଗି ହୋଇଥାଏ। ଶ୍ରୀମନ୍ଦିରର ସ୍ୱତ୍ତ୍ୱଲିପିର ବର୍ଣ୍ଣନା ଅନୁଯାୟୀ ଶ୍ରୀଜୀଉ ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ଆକ୍ରାନ୍ତ ହୋଇ ଅଣସରଘରେ ଚିକିତ୍ସା ହୁଅନ୍ତି। ମୋଦକ ଶବ୍ଦର ଉତ୍ପତ୍ତି ମୂଳ ସଂସ୍କୃତ 'ମୁଦ୍' ଧାତୁରୁ ସେହିପରି ଆମ ଓଡ଼ିଆ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ରେ ଲେଖା ରହିଛି ଏହା ହେଉଛି ଶର୍କରାପକ୍ୱ ମିଷ୍ଟ ଔଷଧ। ମାନବୀୟ ଲୀଳାରେ ଶ୍ରୀଜୀଉ ଅଣସର ଘରେ ଜ୍ୱରରେ ଆକ୍ରାନ୍ତ ହୋଇ ଦଶମୂଳ ମୋଦକ ଓ ଫୁଲୁରୀ ତେଲ ଉପଚାରରେ ସୁସ୍ଥ ହୋଇଥାନ୍ତି। ଶ୍ରୀଜୀଉଙ୍କ ଅଣସର ଏକାଦଶୀ ଦିନ ହିଁ ଦଶମୂଳ ମୋଦକ ଅର୍ପଣ ହୋଇଥାଏ। ଏହି ମୋଦକ ହିଁ ଶ୍ରୀଜୀଉଙ୍କୁ ସୁସ୍ଥ କରିଥାଏ।

ମାଦଳା ପାଞ୍ଜି ଓ ଶ୍ରୀମନ୍ଦିରର ସ୍ୱତ୍ତ୍ୱଲିପିର ତଥ୍ୟ ଅନୁଯାୟୀ ଶ୍ରୀମନ୍ଦିରର ବୈଦ୍ୟ ସେବକ ଆୟୁର୍ବେଦୀୟ ଉପଚାର ଭାବରେ ଏହି ମୋଦକ ନିଜ ଘରେ ହିଁ ପ୍ରସ୍ତୁତ କରିଥାନ୍ତି। ଏହାର ନାମ ଦଶମୂଳ ମୋଦକ ହେବା ପଛର କାରଣଟି ହେଉଛି ଏଥିପାଇଁ ଦଶଟି ଆୟୁର୍ବେଦୀୟ ବୃକ୍ଷର ମୂଳ, ଚେର ଓ ପତ୍ର, ଫୁଲ ଆଦି ଦରକାର ପଡ଼ିଥାଏ। ସେଗୁଡ଼ିକ ହେଉଛି ବେଲ, ଗୋଖରା, ଗମ୍ଭାରୀ, ଫଣଫଣା, ଜଟାମାଂଶୀ, ଅଗବଥୁ, ଅଙ୍କରାନ୍ତି, କୃଷ୍ଣପର୍ଣ୍ଣି, ଲବିଙ୍ଗକୋଳି ଓ ଶାଳପର୍ଣ୍ଣି। ଆୟୁର୍ବେଦୀୟ ବର୍ଣ୍ଣନାରେ ଶ୍ରୀଜୀଉଙ୍କ ଜ୍ୱର, କାଶ ଓ ଥଣ୍ଡାର ଉପଶମ ବେଲ ଦ୍ୱାରା ହୋଇଥାଏ। ଏହା ସହିତ ପାକସ୍ଥଳୀର ସୁସ୍ଥତା ଓ ଜିର୍ଣ୍ଣ ଶକ୍ତିର ବୃଦ୍ଧି ହେଉଛି ବେଲର ଦାୟିତ୍ୱ। ଜ୍ୱର ଓ ଶୋଷ କ୍ଷୟ ପାଇଁ ଗମ୍ଭାରୀ, କାଶ ଶ୍ୱାସ ଓ ଚକ୍ଷୁ ରୋଗ ପାଇଁ ଅଙ୍କରାନ୍ତି, ଶ୍ୱାସକଷ୍ଟ ପାଇଁ ଜଟାମାଂଶୀ, ଅତିସାର ପାଇଁ ଫଣଫଣା, ଯକୃତ ରୋଗ, ପାକସ୍ଥଳୀ ସମସ୍ୟା, ଆଣ୍ଠୁଗଣ୍ଠି ବାତ ପାଇଁ ଅଗବଥୁ, ମୁଖ ଦୁର୍ଗନ୍ଧ ଦୂର କରିବା ପାଇଁ ଗୋଖରା, ନେତ୍ର ରୋଗ ଓ କଫ ଜନିତ ସମସ୍ୟା ପାଇଁ କୃଷ୍ଣ ପର୍ଣ୍ଣି, ଜ୍ୱର ଓ ଶ୍ୱାସ ପାଇଁ ଶାଳ ପର୍ଣ୍ଣି, କାଶ ଓ ଶ୍ୱାସ ପାଇଁ ଲବିଂକୋଳି ବୃକ୍ଷର ବିଭିନ୍ନ ସାମଗ୍ରୀ ଏହି ମୋଦକ ପ୍ରସ୍ତୁତିରେ ଲାଗିଥାଏ। ପରେ ଏହା ତିନୋଟି କୁଡୁଆରେ ରଖାଯାଇ ଶ୍ରୀଜୀଉଙ୍କୁ ଏକାଦଶୀ ଦିନ ଲାଗି କରାଯାଇଥାଏ।

ଶ୍ରୀଜୀଉଙ୍କ ଏହି ମୋଦକ ପରମ୍ପରା ହେଉଛି ଯଥେଷ୍ଟ ପୂର୍ବରୁ। ଖ୍ରୀଷ୍ଟପୂର୍ବ ୩୦୦୦ ପୂର୍ବରୁ ଅନେକ ଔଷଧୀୟ ସାମଗ୍ରୀରେ ଆୟୁର୍ବେଦ ଔଷଧ ସାମଗ୍ରୀରେ ମୋଦକ ଦରକାର ପଡ଼ିଥାଏ। ଆମ ହିନ୍ଦୁ ସନାତନ ସଂସ୍କୃତିରେ ମୋଦକ କେବଳ ବୈଭବର ପ୍ରତୀକ ନୁହେଁ ଏହା ହେଉଛି ସୁଖ, ଖୁସି ଓ ଆନନ୍ଦର ପ୍ରତୀକ। ଚରକଙ୍କ ଆୟୁର୍ବେଦ ଚିକିତ୍ସାରେ ମୋଦକ ବ୍ୟବହାର ସମ୍ପର୍କରେ ଉଲ୍ଲେଖ ରହିଛି। ମୋଦକ ସମ୍ପର୍କରେ ଆମେ ତଥ୍ୟ ସଂଗ୍ରହ କଲାବେଳେ ମଧ୍ୟଯୁଗୀୟ 'ମାନସୋଲ୍ଲାସ' ରନ୍ଧନ କଳା ଗ୍ରନ୍ଥରେ ମୋଦକ ସହିତ ଚାଉଳ ଚୁନା, କର୍ପୂର, ଗଜୁରାତି ସହଯୋଗରେ ମସଲାପୁର ପିଠା ଓ ମିଷ୍ଟାନ୍ନ ପ୍ରସ୍ତୁତି ସମ୍ପର୍କରେ ଉଲ୍ଲେଖ ରହିଛି। ଛତ୍ରପତି ଶିବାଜୀ ସାମାଜିକ ଓ ପାର୍ବଣ ଉତ୍ସବ ସମୟରେ ମୋଦକକୁ ଲୋକପ୍ରିୟ କରାଇଥିଲେ। ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦଶମୂଳ ମୋଦକ ହିଁ ତାଙ୍କୁ ଜ୍ୱରରୁ ଆରୋଗ୍ୟ ଲାଭ କରିଥାଏ। ମୋଦକ ପ୍ରସ୍ତୁତି ପ୍ରକ୍ରିୟା ଅତ୍ୟନ୍ତ ସମୟସାପେକ୍ଷ ଓ ଜଟିଳ ମଧ୍ୟ। ଏଥିରେ ଲାଗି ହେଉଥିବା ଅଷ୍ଟବର୍ଗ ସାମଗ୍ରୀ, ବୃହତ ପଞ୍ଚମୂଳ ଓ ଲଘୁ ପଞ୍ଚମୂଳ ସଂଗ୍ରହ ନିମିତ୍ତ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ ବୋଲି ରାଜବୈଦ୍ୟ ସୁଧାଂଶୁ ପ୍ରସାଦ ମିଶ୍ର ମତ ରଖନ୍ତି। ସ୍ନାନ ପୂର୍ଣ୍ଣିମା ଠାରୁ ଏହି ଦିବ୍ୟ ଔଷଧୀୟ ମୋଦକ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏଥିରେ ପ୍ରାଚୀନ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ସଂହିତାକୁ ଦେଖି ଆବଶ୍ୟକସ୍ଥଳେ ଭାଙ୍ଗ ଓ ଶର୍କରା (ନବାତ) ମିଶିଥାଏ। ଏବେ ଶ୍ରୀମନ୍ଦିରରେ ସାତଜଣ ରାଜବୈଦ୍ୟ ଏହାର ପ୍ରସ୍ତୁତି କରୁଛନ୍ତି। ଏହା ଶ୍ରୀଜୀଉଙ୍କ ଅନ୍ୟ ଏକ ଗୁପ୍ତ ସେବା ହୋଇଥିବାରୁ ଅନେକ ତଥ୍ୟ ସର୍ବସାଧାରଣ ପାଇଁ ନିଷିଦ୍ଧ ରହିଥାଏ। ଶ୍ରୀଜୀଉଙ୍କ ମାନବୀୟ ଲୀଳା ଭିତରେ ଏହି ଦଶମୂଳ ମୋଦକ ଦ୍ୱାରା ଆରୋଗ୍ୟ ଲାଭ ଶିକ୍ଷା ଦେଇଥାଏ ଯେ ସେ ହେଉଛନ୍ତି ଆମ ମାନଙ୍କର ନିତିଦିନିଆ ଜୀବନର ଅତି ଆପଣାର ଆରାଧ୍ୟ ସେ ଅନନ୍ତ, ସେ ଅବ୍ୟକ୍ତ, ସେ ପରମବ୍ରହ୍ମ ଶ୍ରୀଜଗନ୍ନାଥ।


**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍:୯୪୩୭୦୫୧୯୫୭**




# ଛାତ୍ରୀଙ୍କ ସୁରକ୍ଷା କବଚ ଶକ୍ତିଶ୍ରୀ



**କିଶୋର ଚନ୍ଦ୍ର ବେହେରା**




ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ସ୍ନାତକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଶକ୍ତିଶ୍ରୀ ଯୋଜନା । ଶିକ୍ଷା ବର୍ଷ ୨୦୨୫- ୨୦୨୬ ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। ୨୦୩୬ ଓ ୨୦୪୭ ସୁଦ୍ଧା ଓଡ଼ିଶାରେ ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି ଏବଂ ଏହାର ରୂପାୟନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ବିଶେଷକରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏକ ଯୁଗାନ୍ତକାରୀ ପଦକ୍ଷେପ ହାତକୁ ନେଇଛନ୍ତି । ବିଗତ ଦିନମାନଙ୍କରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯେଉଁଭଳି ଅପରାଧ ଘଟିଛି, ସେହିଭଳି ଘଟଣା ଆଗାମୀ ଦିନରେ ନଘଟିବା ଓ ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଯୋଜନା ପ୍ରସ୍ତୁତ କରାଯାଇଛି । ସଂପ୍ରତି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଶିକ୍ଷାନୁଷ୍ଠାନରେ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର' ସ୍ଥାପନ ହୋଇଛି । ବଡ଼ କଥା ହେଉଛି ଏହା ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେଉଛି, ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ବରିଷ୍ଠ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବେ ନିଯୁକ୍ତ ଦେଇଛି ମହାବିଦ୍ୟାଳୟର ଅଧ୍ୟକ୍ଷ । ସାମାଜିକ ସେବା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା 'ଶକ୍ତି ଅପା' ଭାବେ କାମ କରିବେ । ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଓ ଆଇନଗତ ଅଧିକାର ନେଇ ଶିକ୍ଷା ଦିଆଯାଉଛି "ଶକ୍ତିଶ୍ରୀ ଆପ୍" ମାଧ୍ୟମରେ ।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି। ପ୍ରଥମଟି ହେଲା ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ "ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର" ସ୍ଥାପନ କରାଯାଇଛି ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଦ୍ୱିତୀୟଟି ହେଉଛି ଶକ୍ତିଶ୍ରୀ ମୋବାଇଲ ଆପ୍ ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେଉଛି। ଏହି ଆପ୍ ମାଧ୍ୟମରେ ଛାତ୍ରୀମାନଙ୍କର ସଚେତନତା ଓ ଅବଗତି ନିମନ୍ତେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯାଉଛି। ତୃତୀୟ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଆଚରଣ ବିଧି

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ କରାଯାଇଛି । ସେହି ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଆଭାସି ତାଲିମ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ। ଚତୁର୍ଥ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ମାଧ୍ୟମରେ ବାର୍ଷିକ ଗୋଟିଏ ଥର ସାତଦିନଆ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରାଯାଉଛି । ପଞ୍ଚମମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସର ସୁରକ୍ଷାକୁ ନେଇ ଏକ ସବିସ୍ତୃତ ବିବରଣୀ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଷଷ୍ଠରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯାଇଛି, ଯାହାଦ୍ୱାରା ମହାବିଦ୍ୟାଳୟ ପରିସରକୁ ୨୪ ଘଣ୍ଟା ପ୍ରତ୍ୟେକ ସ୍ଥିତିକୁ ଅନୁଧ୍ୟାନ କରାଯାଉଛି । ସପ୍ତମ ଦିଗଟି ହେଉଛି କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ପୋଷ ନିୟମାବଳୀ ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଆଭାସି ମାଧ୍ୟମରେ ତାଲିମ୍ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଅଷ୍ଟମ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ କର୍ମଶାଳା "ଶକ୍ତି ସ୍ୱରୂପିଣୀ"ର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି।

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା, ସଶକ୍ତୀକରଣ ଓ ସାମଗ୍ରିକ କଲ୍ୟାଣକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ 'ଶକ୍ତିଶ୍ରୀ' ଯୋଜନା ଅଧୀନରେ ପ୍ରତି ଜିଲାରେ ନିଯୁକ୍ତ ହେବେ 'ଶକ୍ତି ଅପା'। ଏମାନଙ୍କୁ ମନୋନୟନ କରି ଏକ ନାମ ତାଲିକା ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲ୍ଲାର ସ୍ନାତକ ନୋଡାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଜିଲାରେ ୫ଜଣ ବିଶିଷ୍ଟ ପେସାଦାର ମହିଳାଙ୍କୁ 'ଶକ୍ତି ଅପା' ଭାବେ ମନୋନୀତ କରାଯିବ। ଜିଲାର ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳମାନେ ଏହି ସଂଖ୍ୟାକୁ ସର୍ବାଧିକ ୧୦ଜଣ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। 'ଶକ୍ତି ଅପା' ଚୟନ ପାଇଁ ଏ କ୍ଷେତ୍ରରେ ସର୍ବନିମ୍ନ ୧୫ ବର୍ଷର ବୃତ୍ତିଗତ ଅଭିଜ୍ଞତା ଥିବା ମହିଳାଙ୍କୁ ପ୍ରାଥମିକତା ଦିଆଯିବ। ବିଶେଷକରି ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସାମାଜିକ କର୍ମୀ, ଅବସରପ୍ରାପ୍ତ ମହିଳା ସରକାରୀ କର୍ମଚାରୀ, ଆରକ୍ଷୀ ଓ ସଶସ୍ତ୍ର ବାହିନୀର ପୂର୍ବତନ କର୍ମଚାରୀ, ଆଇନ ଓ ସାଇବର ସୁରକ୍ଷା ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଶିକ୍ଷାବିତ୍, ଅଧ୍ୟାପକ, ମହିଳା ଉଦ୍ୟୋଗୀ ଓ ଶିଳ୍ପ କ୍ଷେତ୍ରର ଅଭିଜ୍ଞ ମହିଳାମାନେ ସାମିଲ ହୋଇପାରିବେ। ଏହାବ୍ୟତୀତ, ମହିଳା ସଶକ୍ତୀକରଣ ପ୍ରତି ପ୍ରତିବଦ୍ଧ ଅନ୍ୟ କୌଣସି ଯୋଗ୍ୟ ଓ ବିଶିଷ୍ଟ ମହିଳାଙ୍କୁ ମଧ୍ୟ ଜିଲା ପ୍ରଶାସନ ବିଚାର କରିପାରିବେ। ଶକ୍ତି ଅପାମାନେ ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ପାଇଁ ଆଦର୍ଶ ବ୍ୟକ୍ତି, ପରାମର୍ଶ ଦାତା ଓ ଉତ୍ସ ବ୍ୟକ୍ତି ଭାବେ କାର୍ଯ୍ୟ କରିବେ। ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଉଚ୍ଚଶିକ୍ଷାନୁଷ୍ଠାନକୁ ପ୍ରତି ୩ ମାସରେ ଥରେ ଯାଇ ଛାତ୍ରୀମାନଙ୍କ ସହ ଆଲୋଚନା ଓ ମାର୍ଗଦର୍ଶନ କରିବେ।

ଶିକ୍ଷାରେ ମନ୍ଦିରରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ସରକାର ଉଠାଇଥିବା ପଦକ୍ଷେପକୁ ଶିକ୍ଷାବିତ, ଅଭିଭାବକ ଜନସାଧାରଣ ସ୍ୱାଗତ କରିଛନ୍ତି । ହେଲେ ଏହାର କାର୍ଯ୍ୟକାରୀତାକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ସରକାର କେବଳ ଯୋଜନା ଘୋଷଣା କରି ରୂପାୟନର ତଦାରଖ ନକଲେ ଛାତ୍ରୀ ସୁରକ୍ଷା ପଦକ୍ଷେପ ପ୍ରହସନ ପାଲଟିବ । ସାଧାରଣରେ ଚର୍ଚ୍ଚା ହେଉଛି, ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଘଟଣକୁ ନେଇ ସରକାର ଓ ପ୍ରଶାସନ ଯେତିକି ତତ୍ପରତା ଦେଖାଇଛନ୍ତି। ଯଦି ପୂର୍ବରୁ ନାରୀ ନିର୍ଯାତନା ରୋକିବାକୁ ସେତିକି ସତର୍କ ଓ କଠୋର ହୋଇଥିଲେ ଆଜି ଏଭଳି ଦିନ ଦେଖିବାକୁ ପଡିନଥାନ୍ତା । ଭାରତରେ ନାରୀ ନିର୍ଯାତନା ବୃଦ୍ଧିର କାରଣ ନିର୍ଣ୍ଣୟ ପାଇଁ ଅନେକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇପାରେ। ଅତ୍ୟାଧୁନିକତାର ବଶବର୍ତ୍ତୀ ହୋଇ କ୍ରମେ ପାଶ୍ଚାତ୍ୟ ଚଳଣିକୁ ଆପଣାଇ ନେଉଛି। ଫଳରେ ଦୀର୍ଘଦିନରୁ ପ୍ରଚଳିତ ଧାର୍ମିକ ପରମ୍ପରା ଆଧ୍ୟାତ୍ମିକ ଭାବନାଠାରୁ ଦୂରେଇଯାଉଛି। ନିଷ୍ଠାପରତାର ସହ ଓଷାବ୍ରତ ପାଳନ ଆଉ ପୂର୍ବପରି ଦୃଶ୍ୟମାନ ହେଉନାହିଁ। ଉଚ୍ଛୃଙ୍ଖଳ ଜୀବନଚର୍ଯ୍ୟା, ଭୟଶୂନ୍ୟ ବାତାବରଣ, ମାତାପିତାଙ୍କର ପିଲାମାନଙ୍କର ସ୍ୱେଚ୍ଛାଚାରିତାକୁ ଅନ୍ଧ ଭାବେ ଅନୁମୋଦନ, ନୈତିକତାବିହୀନ ବ୍ୟବସାୟିକ ଶିକ୍ଷା ଇତ୍ୟାଦି ନାରୀ ପାଇଁ ବିଶୃଙ୍ଖଳା ଆଚରଣ ନିମିତ୍ତ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି। କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ମହିଳାଙ୍କ ଉନ୍ନତି ଓ ସୁରକ୍ଷା ପାଇଁ ବାଧ୍ୟ ହୋଇ ଶକ୍ତଶ୍ରୀ ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି।

ନାରୀଙ୍କ ସୁରକ୍ଷା ଓ ସମ୍ମାନ ଆମ ସମାଜର ଏକ ପ୍ରମୁଖ କର୍ତ୍ତବ୍ୟ। ଏକ ସୁସ୍ଥ ଏବଂ ପ୍ରଗତିଶୀଳ ସମାଜ ଗଠନ ପାଇଁ ମହିଳାମାନଙ୍କୁ ସୁରକ୍ଷିତ ମାହୋଲ ଯୋଗାଇଦେବା ଆମ ସମସ୍ତଙ୍କର ଦାୟିତ୍ୱ। ତେଣୁ,ନାରୀମାନଙ୍କୁ ନିଜର ସୁରକ୍ଷା ପାଇଁ କାହା ଉପରେ ନିର୍ଭରଶୀଳ ନ ହୋଇ ନିଜେ ନିଜକୁ ସୁରକ୍ଷା ଦେବା ଉଚିତ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲାଃ କୋରାପୁଟ**
**ମୋବାଇଲ୍:୯୪୩୭୯୫୫୫୬୮**


# ଜ୍ଞାନକୌଶଳର ଦେବତା ବିଶ୍ୱକର୍ମା



**ବିକ୍ରମ ମହାପାତ୍ର**

ବାର ମାସରେ ତେର ଓଷା ବ୍ରତ ଭିତରେ ବିଶ୍ୱକର୍ମା ପୂଜା ଅନ୍ୟତମ। ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା। ପୁରାଣମାନଙ୍କରୁ ଜଣାଯାଏ ଯେ ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛି ସୃଷ୍ଟିକର୍ତ୍ତା। ତେଣୁ କେତେକ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରନ୍ତି। ତା ଛଡ଼ା ବଙ୍ଗ, ବିହାର, ପ୍ରଭୃତି ସ୍ଥାନ ମାନଙ୍କରେ ଶ୍ରୀ ଶ୍ରୀ ନାରାୟଣ ଦେବଙ୍କୁ ପୂଜା କରନ୍ତି ବିଶ୍ୱକର୍ମା ପୂଜାଭାବରେ। କାରଣ ସେମାନଙ୍କର ଧାରଣା ଯେ ବିଶ୍ୱକର୍ମା ସ୍ୱୟଂ ବିଷ୍ଣୁ।

ଓଡ଼ିଶାରେ କଳାକାରମାନେ ବିଶ୍ୱକର୍ମାଙ୍କୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି। କିମ୍ବଦନ୍ତୀ କହେ ସ୍ୱୟଂ ଜଗନ୍ନାଥଙ୍କୁ ବିଶ୍ୱକର୍ମା ନିଜେ ନିର୍ମାଣ କରିଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ। କିନ୍ତୁ ସେମାନଙ୍କର ନିହଣ ମୁନରେ ସେ ଦାରୁ ଖୋଳଯାଇ ପାରିଲା ନାହିଁ। ବରଂ ସେଗୁଡ଼ିକର ଧାର ଓଲଟିଗଲା। ପ୍ରତ୍ୟେକ ନିରାଶରେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା, ରାଣୀଙ୍କ ମନରେ ଭାଳେଣି ପଡ଼ିଲା। ଶେଷରେ ଦିନେ ଗୋଟିଏ ବୁଢ଼ା ବଢ଼େଇ ଆସି ପହଞ୍ଚିଲା ସେ ସ୍ଥାନରେ। ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବ ରାଜା-ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ। ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ଦିଆଗଲା। ବୁଢ଼ା ବଢ଼େଇ ସର୍ତ୍ତ ରଖିଥିଲା ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ। ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବ। ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ। ପ୍ରତ୍ୟେକ ଦିନ ରାଜା ଭିତରର ଠକ ଠକ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାଆନ୍ତି। ହଠାତ୍ ଆଉ ଶବ୍ଦ ନ ଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ। ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ। ମନ୍ଦିର ମାରାହେବା ଭୟରେ ଓ ଗୁଣ୍ଡିଚା ରାଣୀଙ୍କ ଅନୁରୋଧକ୍ରମେ ଦ୍ୱାର ଉନ୍ମୁକ୍ତ କରାଗଲା। ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି - ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି। ଏଥିରେ। ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ, 'ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି - ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ' ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ସ୍ୱର୍ଗ କାରିଗର ବିଶ୍ୱକର୍ମା।

ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କର ରୂପ ବୋଲି କଳ୍ପନା କରାଯାଏ। ଲକ୍ଷ୍ମୀ ପୁରାଣରୁ ମଧ ଜଣାଯାଏ ଯେ, ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର। ଶ୍ରୀୟାଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା' ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରରୁ ବାହାର କରିଦେଲେ ସେତେବେଳେ ମା'ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ମନ୍ଦିର ନିର୍ମାଣ ପାଇଁ। ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ପାଇଁ ବୈକୁଣ୍ଠ ସମାନ ନବର ନିର୍ମାଣ କରିଥିଲେ।

ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରିକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ, ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ ତାଙ୍କୁ। ସୁଦାମା ନିଜର ମନକଥା କୃଷ୍ଣଙ୍କ ନିକଟରେ ପ୍ରକାଶ କରି ନଥିଲେ ମଧ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର। ସଙ୍ଗେ ସଙ୍ଗେ ଦେବ ଦେବ କୃଷ୍ଣ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମାର ପ୍ରାସାଦ ନିର୍ମାଣ କରି ଧନଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିବା ଲାଗି। ଦ୍ୱାରିକା ଭୁବନରେ ଥିବା କୃଷ୍ଣଙ୍କର ପୁର ମଧ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭାଗବତରୁ ଜଣାଯାଏ।

ଆଶ୍ୱିନ ସଂକ୍ରମଣ ଦିନରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୁଏ। ଏ ପୂଜାର ତିଥି ନକ୍ଷତ୍ର ମୁହୂର୍ତ୍ତାଦିର ବିଚାର ନାହିଁ। ଅତୀତରୁ ଏହି ପର୍ବ ପ୍ରାୟ ପ୍ରତ୍ୟେକ ଶିଳ୍ପୀଙ୍କ ଘରେ ପାଳିତ ହେଉଥିଲା। ଓଡ଼ିଶାରେ ବଢ଼େଇ, କମାର, ତନ୍ତୀ ଇତ୍ୟାଦି ଜାତିର ଲୋକେ ହାତ ହତିଆରକୁ ପୂଜା କରୁଥିଲେ। ଯେପରି ଧନର ଅଧିଶ୍ୱର ଗଣେଶ, ବିଦ୍ୟାର ଅଧିଶ୍ୱରୀ ସରସ୍ୱତୀ, ଗନ୍ତାଘରର ରକ୍ଷକ କୁବେର ଠିକ୍ ସେହିପରି ଶିଳ୍ପକଳା, ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ କରାଯାଏ। ଅତୀତରେ ଏ ମୂର୍ତ୍ତିପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା। ତାଛଡ଼ା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ କରାଯାଉଥିଲା। ସ୍ଥାନେ ସ୍ଥାନେ ଗୋଟିଏ ବୁଢ଼ା ବଢ଼େଇର ମୂର୍ତ୍ତିକୁ ମଧ ଅୟୁଧ ସଙ୍ଗେ ପୂଜା କରାଯାଉଥିବାର ପ୍ରମାଣ ରହିଛି। ଏହି ଦିନଟି ଠିକ୍ ସରସ୍ୱତୀ ପୂଜା ବା ଗଣେଶ ପୂଜା ପରି ପାଳିତ ହେଉଥିଲା। ପ୍ରତ୍ୟେକ ନିଜ ନିଜର ଅୟୁଧମାନ ପୂଜାରେ ବସାଇ ସେଦିନ ଉପବାସ କରୁଥିଲେ ଓ କେତେକ ସ୍ଥାନରେ ନୂତନ ବସ୍ତ୍ର ମଧ ପରିଧାନ କରୁଥିଲେ। ଭାଗବତ ପୁରାଣର ଆଖ୍ୟାୟିକାରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ ଦେବଶିଳ୍ପୀ ବିଶ୍ୱକର୍ମା ବିଶ୍ୱର ସୃଷ୍ଟିକର୍ତ୍ତା। ତାଙ୍କ ସୃଷ୍ଟିର ସର୍ଜନା ପାଇଁ ସେ ଶିଳ୍ପୀ, ସେ ବୈକୁଣ୍ଠବାସୀ, ସେ ସର୍ବଗୁଣ ସମ୍ପନ୍ନ, ସେ ସର୍ବଶକ୍ତିମାନ, ସର୍ବନିୟନ୍ତା। ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ନାନା ରୂପରେ କଳ୍ପନା କରାଯାଇଛି। ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ସେ ବିଷ୍ଣୁ, ପୁଣି ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର। ସେହିପରି ତାଙ୍କରି ଇଛାରେ ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି। ସେ ପ୍ରତ୍ୟେକ ପ୍ରାଣୀଙ୍କ ହୃଦୟରେ ରହି ତାଙ୍କରି ଇଛାମତେ ପ୍ରତ୍ୟେକ କାର୍ଯ୍ୟର ନିୟନ୍ତ୍ରଣ କରନ୍ତି।

ଆଧୁନିକ ଯୁଗରେ ନାନା ଶିଳ୍ପର ଘଟିଛି ପରିପ୍ରକାଶ। ତା' ସଙ୍ଗେ ସଙ୍ଗେ ବିଶ୍ୱକର୍ମାଙ୍କ ପ୍ରଚାର ଓ ପ୍ରସାର ସବୁଠାରେ ଆଦର ଅଭ୍ୟର୍ଥନା ପାଉଛି। ସ୍ଥାନେ ସ୍ଥାନେ ନିର୍ମିତ ମୂର୍ତ୍ତିପୂଜା ପରେ ଦୁଇ ତିନିଦିନ ରହୁଥିବାର ଦେଖାଯାଏ। ବିଶ୍ୱକର୍ମାଙ୍କ ପୂଜା ପୂର୍ବରୁ ଆବାହନୀ ପୂଜା କରାଯାଇଥାଏ। ପରେ ଶ୍ରୀଗଣେଶଙ୍କ ପୂଜା, ହୋମ, ଷୋଡ଼ଶମାତୃକାର ପୂଜା, ବ୍ରହ୍ମାଦି ଦେବତା ମାନଙ୍କ ପୂଜା, ଲକ୍ଷ୍ମୀ ଦେବୀଙ୍କ ପୂଜା, ପୁଷ୍ପାଞ୍ଜଳୀ ଓ ପରେ ଘଟପୂଜା ଆରମ୍ଭ କରାଯାଇ ପବିତ୍ର ମନ୍ତ୍ର ପାଠ କରାଯାଏ - 'କଳସ୍ୟ ମୁଖେ ରୁଦ୍ରଃ କଣ୍ଠେ ବିଷ୍ଣୁଃ ପ୍ରକଷ୍ଟିତଃ, ଅଧର୍ଶ୍ଚୈବ ସ୍ଥିତୋ ବ୍ରହ୍ମା ମଧେ ମାତୃଗଣା ସ୍ମୃତାଃ, କୃକ୍ଷୌଂ ଚ ସାଗରାଃ ସପ୍ତ ସପ୍ତଦ୍ୱିପାଶ୍ୱ ମେଦିନୀ, ଉଦରେ ସର୍ବତୀର୍ଥାନି ଚିନ୍ତୟିତ୍ୱା ପ୍ରପୂଜୟେତ୍।' ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ସ୍ତୁତି - 'ଦେବଶିଳ୍ପୀ ମହାମୃଗ ଦେବାନଂ କାର୍ଯ୍ୟ ସାଧକ, ବିଶ୍ୱକର୍ମନ୍ନମସ୍ତୁଭ୍ୟଂ ସର୍ବାଭୀଷ୍ଟ ପ୍ରଦାୟକ।' ଓଡ଼ିଶାରେ କେତେକ ସ୍ଥାନରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ତିଆରି କରାଯାଇ ଭକ୍ତିପୂତ ଆଡ଼ମ୍ବର ସହକାରେ ଦୁଇତିନି ଦିନ ଧରି ପୂଜା କରାଯାଏ। ବିଶ୍ୱକର୍ମାଙ୍କ ପୂଜା ହେଉଛି ସୃଷ୍ଟିର ନିର୍ମାଣର ଅନ୍ୟତମ ପାର୍ବଣ।


**ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋବାଇଲ୍:୯୪୩୭୦୨୧୬୧୫**

# ଇରାନ ଯୁଦ୍ଧରେ ପ୍ରଭୂତ କ୍ଷତି ସହିଛି ଆମେରିକା

## ତଥ୍ୟ ପ୍ରକାଶ କଲା ପେଣ୍ଟାଗନର ୱାଚଡଗ୍



ୱାଶିଂଟନ, ୧୫।୯: ଇରାନ ଯୁଦ୍ଧରେ ଏପର୍ଯ୍ୟନ୍ତ ଆମେରିକାର କେତେ କ୍ଷତି ହୋଇଛି ତାହାର ପରିମାଣ ପ୍ରଥମ ଥର ପାଇଁ ପ୍ରକାଶ ପାଇଛି। ଏପର୍ଯ୍ୟନ୍ତ ପେଣ୍ଟାଗନ କେବଳ ଆମେରିକୀୟ ସୈନ୍ୟଙ୍କ ଉପରେ ଆକ୍ରମଣର ତଥ୍ୟ ପ୍ରଦାନ କରୁଥିଲା। ତେବେ ପ୍ରଥମ ଥର ପାଇଁ, ଏକ ପର୍ଯ୍ୟବେକ୍ଷକ ରିପୋର୍ଟ ପ୍ରକାଶ କରିଛି ଯେ ଯୁଦ୍ଧ ସମୟରେ ଆମେରିକା ଅନ୍ୟ ତିନୋଟି ସ୍ଥାନରେ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ କ୍ଷତି ସହିଛି, ଯାହାର ତଥ୍ୟ ଏପର୍ଯ୍ୟନ୍ତ ଲୁଚାଇ ରଖାଯାଇଥିଲା।ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ସଂଘର୍ଷରେ ସାତଟି ଆମେରିକୀୟ ବିମାନ ଏବଂ ୩୦ଟି ଏମକ୍ୟୁ-୯ ଡ୍ରୋନ୍ କ୍ଷତିଗ୍ରସ୍ତ ଅବା ନଷ୍ଟ ହୋଇଥିବା ରିପୋର୍ଟ ହୋଇଛି। ଇରାନ ଆକ୍ରମଣରେ ୧୮ ଜଣ ଆମେରିକୀୟ ସେବା ସଦସ୍ୟଙ୍କ ଜୀବନ ଯାଇଛି। ମାତ୍ର ପେଣ୍ଟାଗନ୍ ଆନୁଷ୍ଠାନିକ ଭାବରେ କେବଳ ୧୨ ଜଣଙ୍କ ମୃତ୍ୟୁକୁ ସ୍ୱୀକାର କରିଛି।

ପେଣ୍ଟାଗନର ୱାଚଡଗ୍ ରିପୋର୍ଟ ଅନୁସାରେ ଇରାନ ଯୁଦ୍ଧରେ ଆମେରିକୀୟ ଉପକରଣ ପ୍ରତିରକ୍ଷା ବିଭାଗର କ୍ଷୟକ୍ଷତିର ପ୍ରଥମ ଆନୁଷ୍ଠାନିକ ହିସାବ ପ୍ରକାଶ କରିଛି। ସେଥିରେ ମଧ୍ୟପ୍ରାଚ୍ୟରେ ଆମେରିକୀୟ ସାମରିକ ଘାଟି ଏବଂ କୂଟନୈତିକ ସୁବିଧାଗୁଡ଼ିକର ବ୍ୟାପକ କ୍ଷତିର ବିସ୍ତୃତ ବିବରଣୀ ଦିଆଯାଇଛି। ପ୍ରତିରକ୍ଷା ବିଭାଗର ଇନ୍ସପେକ୍ଟର ଜେନେରାଲଙ୍କ ଦ୍ୱାରା ଫେବୃଆରି ୨୮ ରୁ ଜୁନ ୩୦ ପର୍ଯ୍ୟନ୍ତ ପ୍ରସ୍ତୁତ ସ୍ୱତନ୍ତ୍ର ରିପୋର୍ଟରେ କୁହାଯାଇଛି ଯେ, ଇରାନୀ ଆକ୍ରମଣରେ କୁଏତ, ବାହାରିନ, କତାର, ୟୁଏଇ, ସାଉଦି ଆରବ, ଇରାକ, ଓମାନ ଏବଂ ଜୋର୍ଡାନ ପ୍ରଭୃତି ୮ ଦେଶରେ ଥିବା ଆମେରିକୀୟ ଘାଟିରେ ଶହ ଶହ କୋଠା ଏବଂ ନିର୍ମାଣ ଭିତ୍ତିଭୂମି କ୍ଷତିଗ୍ରସ୍ତ ତଥା ଧ୍ୱଂସ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ ଇରାନୀ ସେନା ଏବଂ ସେମାନଙ୍କର ପ୍ରକ୍ସି ଗୋଷ୍ଠୀମାନେ ଆମେରିକୀୟ ସ୍ଥାନଗୁଡ଼ିକୁ ଟାର୍ଗେଟ କରିବାରୁ ଆକ୍ରମଣ ଯୋଗୁଁ ଆମେରିକୀୟ କେନ୍ଦ୍ରୀୟ କମାଣ୍ଡ କର୍ମଚାରୀ, ସମ୍ପତ୍ତି ଏବଂ ସଂରକ୍ଷଣ ସୁବିଧା ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିଲା।

ପେଣ୍ଟାଗନର ମୁଖ୍ୟ, ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍, ଆମେରିକୀୟ କଂଗ୍ରେସକୁ କହିଛନ୍ତି, ଯୁଦ୍ଧ ପାଇଁ ଏପର୍ଯ୍ୟନ୍ତ ୩୭ ବିଲିୟନ ଡଲାର (୩.୫୯ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ ହୋଇଛି। ତେବେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଏହାକୁ ଭୁଲ୍ ପ୍ରମାଣିତ କରିଛି। ଗଣମାଧ୍ୟମ ଅନୁଯାୟୀ, ଆମେରିକା ଏପର୍ଯ୍ୟନ୍ତ ଯୁଦ୍ଧରେ ୬୦ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିଛି। ପେଣ୍ଟାଗନ୍ ଯୁଦ୍ଧ ସହିତ ଜଡିତ ଅନ୍ୟ କୌଣସି ତଥ୍ୟ ପ୍ରକାଶ କରିନାହିଁ। ତେବେ ପ୍ରଥମ ଥର ପାଇଁ ୩ଟି ତଥ୍ୟ ପ୍ରକାଶ ପାଇଛି। ପ୍ରଥମରେ ଆମେରିକୀୟ ପର୍ଯ୍ୟବେକ୍ଷକ ଅନୁଯାୟୀ, ଯୁଦ୍ଧ ଯୋଗୁଁ ଉପସାଗରରେ ଥିବା ଆମେରିକୀୟ କୂଟନୈତିକ ପ୍ରତିଷ୍ଠାନଗୁଡ଼ିକୁ ପ୍ରାୟ ୧୮୪ ନିୟୁତ ଡଲାର କ୍ଷତି ହୋଇଥିଲା। ଇରାନ ପକ୍ଷରୁ ବାହାରିନ ଏବଂ କୁଏତର ଦୂତାବାସ ଉପରେ ଜୋରଦାର ଆକ୍ରମଣ କରାଯାଇଥିଲା।

ଦ୍ୱିତୀୟରେ ରିପୋର୍ଟ ଅନୁଯାୟୀ, ଉପସାଗରରୁ ଆମେରିକୀୟ ନାଗରିକଙ୍କୁ ଜରୁରୀକାଳୀନ ସ୍ଥାନାନ୍ତର ପାଇଁ ୧୧୩ ନିୟୁତ ଡଲାର ଖର୍ଚ୍ଚ ହୋଇଥିଲା। ଯୁଦ୍ଧ ସମୟରେ ପ୍ରାୟ ୯, ୦୦୦ ଆମେରିକୀୟ ନାଗରିକଙ୍କୁ ଉପସାଗରରୁ ସ୍ଥାନାନ୍ତର କରାଯାଇଥିଲା।

## ଆମେରିକା ସହ ଆଲୋଚନାକୁ ପ୍ରତ୍ୟାଖ୍ୟାନ କଲା ଇରାନ



ତେହରାନ: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ପୁଣି ଥରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା କହିବା ପରେ ଇରାନର ସୁରକ୍ଷା ମୁଖ୍ୟ ମଙ୍ଗଳବାର ଆମେରିକା ସହିତ କୌଣସି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସେନ ରେଜା ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି, ଟ୍ରମ୍ପଙ୍କର ଏଭଳି ମନ୍ତବ୍ୟକୁ ବିଶ୍ୱାସ କରନ୍ତୁ ନାହିଁ। ଏପରି ମନ୍ତବ୍ୟ ନେଇ ଭ୍ରମିତ ହେବା ଅନାବଶ୍ୟକ।ତେଲ ଏବଂ ହର୍ମୁଜ୍ ପ୍ରଣାଳୀ ପ୍ରସଙ୍ଗରେ ଏବେ ବାଜି ପଲଟି ଯାଇଛି। ଏହାକୁ କେହି ରୋକିପାରିବ ନାହିଁ। ଇରାନର ସର୍ତ୍ତ ପୂରଣ ନହେବା ପର୍ଯ୍ୟନ୍ତ କୌଣସି ଆଲୋଚନା ହେବ ନାହିଁ। ଯୁଦ୍ଧ ସମାପ୍ତ କରିବା ପାଇଁ ଚୁକ୍ତି ବହୁ ଶୀଘ୍ର ହେବ ବୋଲି ସପ୍ତାହେ ଧରି କହିବା ପରେ ସୋମବାର ଟ୍ରମ୍ପ କହିଥିଲେ ଯେ, ସେ ଇରାନ ସହିତ ଆଲୋଚନା କରିବାକୁ ରାଜି ଅଛନ୍ତି। ବିଫଳ ଦେଶ ଇରାନ ଏକ ଚୁକ୍ତି କରିବାକୁ ଚାହୁଁଛି। ଆମେରିକା ଏଥିରେ ସାମିଲ ହେବ କି ନାହିଁ ତାହା ମୁଁ ନିର୍ଣ୍ଣୟ କରିବି ବୋଲି ଟ୍ରମ୍ପ ତାଙ୍କ ଟ୍ରୁଥ ସୋସିଆଲରେ କହିଥିଲେ।

ତେବେ ଇରାନ ଯୁଦ୍ଧ ସମାପ୍ତ କରିବା ଏବଂ ହର୍ମୁଜ୍ ପ୍ରଣାଳୀରେ ଆମେରିକାର ଅବରୋଧ ପାଇଁ ଯୁଦ୍ଧ କ୍ଷତିପୂରଣ ତଥା ପ୍ରତିବନ୍ଧକ ପ୍ରତ୍ୟାହାର ସମେତ ଅନ୍ୟ ଦାବିଗୁଡ଼ିକୁ ବାରମ୍ବାର ସର୍ତ୍ତ ଭାବରେ ଦୋହରାଇ ଆସୁଛି।

### ଗୁରୁଗ୍ରାମ ବାଇକ୍ ଦୁର୍ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ



ଗୁରୁଗ୍ରାମ, ୧୫।୯: ହରିୟାଣାର ଗୁରୁଗ୍ରାମ ଗୋଲ୍ଫ କୋର୍ସ ରୋଡରେ ଘଟିଥିବା ଚର୍ଚ୍ଚିତ ବାଇକ୍ ଦୁର୍ଘଟଣା ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ କଲ୍ୟାଣ ବାଇଁସଲାଙ୍କୁ ରାଜସ୍ଥାନରୁ ଗିରଫ କରାଯାଇଛି। ଆପ୍ରିଲିଆ ସ୍ପୋର୍ଟସ ବାଇକ୍ ଚଲାଉଥିବା ନୂଆଦିଲ୍ଲୀର ଶିଆ ନାମ୍ନୀ ଜଣେ ମହିଳା ରାଇଡରଙ୍କୁ କାରରେ ପିଟିବା ଭିଡିଓ ସୋସିଆଲ ମିଡିଆରେ ଭାଏରାଲ ହେବା ପରେ ପୁଲିସ ନିଜଆଡୁ ମାମଲା ରୁଜୁ କରିଥିଲା। ପ୍ରଥମେ ବେପରୁଆ ଗାଡ଼ି ଚାଳନା ଓ ଜୀବନପ୍ରତି ବିପଦ ସୃଷ୍ଟି କରିବା ଅଭିଯୋଗରେ ସାଧାରଣ ନିୟମ ଅନୁସାରେ ମାମଲା ରୁଜୁ ହୋଇଥିବା ବେଳେ, ପରବର୍ତ୍ତୀ ସମୟରେ ଗୁରୁଗ୍ରାମ ପୁଲିସ ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସ)ର ଦଫା ୧୦୯ ଅଧୀନରେ ହତ୍ୟା ଉଦ୍ୟମ ଅଭିଯୋଗ ଯୋଡ଼ିଛି।

## ଲସ୍କର-ଇ-ତୋଏବାର ୩ ସହଯୋଗୀ ଗିରଫ, ଆଇଇଡି ଜବତ



ଶ୍ରୀନଗର, ୧୫।୯: ଜମ୍ମୁ ଏବଂ କାଶ୍ମୀର ପୁଲିସ ରାଜୌରୀରେ ଏକ ଓଭର-ଗ୍ରାଉଣ୍ଡ ୱାର୍କର (ଓଜିଡବ୍ଲୁ) ନେଟୱାର୍କର ପର୍ଦ୍ଦାଫାସ୍ କରିଛି। ଏହା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ସହିତ ଜଡିତ ଥିବା ସନ୍ଦେହ କରାଯିବା ସହ ତିନି ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ରିପୋର୍ଟ ଅନୁସାରେ, ଗିରଫ ହୋଇଥିବା ତିନି ଜଣ ବ୍ୟକ୍ତି ଆତଙ୍କବାଦୀଙ୍କ ସହାୟକ। ସେମାନେ ସମସ୍ତେ ରାଜୌରୀର ବାସିନ୍ଦା। ଗିରଫ ଅଭିଯୁକ୍ତମାନେ ହେଲେ ରାଜୌରୀର କୋଟଚରୱାଲ ତେରିଆଥ ନିବାସୀ ଗୁଲାମ ହୁସେନଙ୍କ ପୁଅ ଜାକିର ହୁସେନ, ରାଜୌରୀର କୋଟଚରୱାଲ ତେରିଆଥ ନିବାସୀ ଅଲି ବାହାଦୁରଙ୍କ ପୁଅ ମହମ୍ମଦ ଆଜମ ଏବଂ ରାଜୌରୀର ଉର୍ଦ୍ଧାନ ନିବାସୀ ମହମ୍ମଦ ଇକବାଲଙ୍କ ପୁଅ ମହମ୍ମଦ ମୁସ୍ତାକ। ପିର୍ ପଞ୍ଜାଲ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏକ ଆତଙ୍କବାଦୀ ମଡ୍ୟୁଲ୍ ସମ୍ପର୍କରେ ପୁଲିସ ତଦନ୍ତ ସମୟରେ ଏହି ଗିରଫଦାରୀ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ଆତଙ୍କବାଦୀମାନଙ୍କୁ ଲଜିଷ୍ଟିକ୍ ସମର୍ଥନ, ନିରାପଦ ପଥ ଏବଂ ଅନ୍ୟାନ୍ୟ ଭୂମି ସହାୟତା ଯୋଗାଇବାରେ ସମ୍ପୃକ୍ତ ଥିଲେ।

## ଲିଥୁନିଆରେ ସନ୍ଦିଗ୍ଧ ଡ୍ରୋନ୍, ଗୁଳି କରି ଖସାଇଲା ନାଟୋ



ଭିଲନିଅସ୍, ୧୫।୯: ଲିଥୁନିଆ ବାୟୁମଣ୍ଡଳରେ ମଙ୍ଗଳବାର ମଧ୍ୟରାତ୍ରିରେ ପ୍ରବେଶ କରିଥିବା ଏକ ସନ୍ଦିଗ୍ଧ ଡ୍ରୋନ୍‌କୁ ନାଟୋର ଏକ ଲଢୁଆ ବିମାନ ଗୁଳି କରି ଖସାଇ ଦେଇଛି। ଲିଥୁନିଆର ଜାତୀୟ ସଙ୍କଟ ପରିଚାଳନା କେନ୍ଦ୍ର ଏହି ଘଟଣାକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି। ସଙ୍କଟ ପରିଚାଳନା କେନ୍ଦ୍ରର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ଡ୍ରୋନ୍‌ଟି ଦେଶର ଦ୍ୱିତୀୟ ବୃହତ୍ତମ ସହର କୌନାସ୍ ନିକଟରେ ଦକ୍ଷିଣ ଲିଥୁନିଆର ପ୍ରାଟକୁନାଇ ଗ୍ରାମ ଉପରେ ଉଡୁଥିଲା। ପ୍ରାରମ୍ଭିକ ତଥ୍ୟ ଆଧାରରେ ଅନୁମାନ କରାଯାଉଛି ଯେ, ଡ୍ରୋନ୍ ପଡ଼ୋଶୀ ବେଲାରୁସରୁ ଲିଥୁନିଆର ଆକାଶ ସୀମାରେ ପ୍ରବେଶ କରିଥିଲା। ଖସି ପଡ଼ିଥିବା ଡ୍ରୋନ୍‌ର ଭଗ୍ନାବଶେଷ ଖୋଜା ଚାଲିଛି। ତଦନ୍ତ ଏଜେନ୍ସିଗୁଡ଼ିକ ଏହାର ପ୍ରକୃତ ଉତ୍ପତ୍ତି ଏବଂ ଏହା କେଉଁ ଦେଶର ଥିଲା ତାହା ନିର୍ଣ୍ଣୟ କରିବା ପାଇଁ କାର୍ଯ୍ୟ କରୁଛନ୍ତି।ସନ୍ଦିଗ୍ଧ ଡ୍ରୋନ୍ ଲିଥୁନିଆର ଆକାଶ ସୀମାରେ ପ୍ରବେଶ କରିବା ମାତ୍ରେ, ଏୟାର ପୁଲିସିଂ ମିଶନର ଅଂଶ ଭାବରେ ନିୟୋଜିତ ନାଟୋ ଲଢୁଆ ବିମାନଗୁଡ଼ିକ ପାଲଟା ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେଇଥିଲେ। ନାଟୋର ଦ୍ରୁତ ପ୍ରତିକ୍ରିୟା ପୂର୍ବ ୟୁରୋପରେ ସୀମା ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିଛି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ନାଟୋର ପୂର୍ବ ବ୍ଲକ୍ ସୀମାରେ ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି।

### କଂଗ୍ରେସରେ ସାଙ୍ଗଠନିକ ଅଦଳବଦଳ ସମ୍ଭାବନା

## ଏଆଇସିସି ସଚିବଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୂଆଦିଲ୍ଲୀ, ୧୫।୯: କଂଗ୍ରେସରେ ସାଙ୍ଗଠନିକ ପୁନର୍ଗଠନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ପୁରୁଣା ନେତାଙ୍କ କାର୍ଯ୍ୟଦକ୍ଷତାର ସମୀକ୍ଷା ସହ ଯୁବ ଓ ସକ୍ରିୟ ନେତାଙ୍କୁ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ଦିଗରେ ଦଳ ଆଗକୁ ବଢ଼ୁଛି। ଏହି ପ୍ରକ୍ରିୟାରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ପ୍ରାୟ ୧୩୦ ଜଣ ନେତାଙ୍କ ଇଣ୍ଟରଭ୍ୟୁ ନେଇଛନ୍ତି। ସଂଗଠନ ମହାସଚିବ କେ.ସି. ବେଣୁଗୋପାଳ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏଆଇସିସି ସ୍ତରରେ କିଛି ବଡ଼ ପରିବର୍ତ୍ତନ କରିବାକୁ କଂଗ୍ରେସ ଯୋଜନା କରୁଛି। ବର୍ତ୍ତମାନର ସଚିବମାନଙ୍କ ମଧ୍ୟରୁ ପ୍ରାୟ ଅଧା ନେତାଙ୍କୁ ଦାୟିତ୍ୱରୁ ହଟାଇ ନୂଆ ଚେହେରାଙ୍କୁ ସୁଯୋଗ ଦିଆଯାଇପାରେ।

ଗତ ସପ୍ତାହରେ ପ୍ରାୟ ୧୩୦ ଜଣ ସମ୍ଭାବ୍ୟ ଦାବିଦାରଙ୍କ ସ୍କ୍ରିନିଂ କରାଯାଇଥିଲା। ସେପ୍ଟେମ୍ବର ୭ରୁ ଆରମ୍ଭ ହୋଇଥିବା ଇଣ୍ଟରଭ୍ୟୁ ପ୍ରକ୍ରିୟାରେ ନେତାମାନଙ୍କ ସାଙ୍ଗଠନିକ ଅଭିଜ୍ଞତା, ପୂର୍ବ କାର୍ଯ୍ୟକଳାପ, ମାଟିସ୍ତରରେ ସକ୍ରିୟତା ଓ ନିର୍ବାଚନୀ ପ୍ରଦର୍ଶନ ସମ୍ପର୍କରେ ବିସ୍ତୃତ ଭାବେ ପଚରାଯାଇଥିଲା। ପ୍ରତ୍ୟେକ ନେତାଙ୍କର ଏକ ବିସ୍ତୃତ ଡୋଜିୟର ମଧ୍ୟ ପ୍ରସ୍ତୁତ ଥିଲା। ମଙ୍ଗଳବାର, ସେପ୍ଟେମ୍ବର ୧୫ରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ବର୍ତ୍ତମାନର ଏଆଇସିସି ସଚିବମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ଏଥିରେ ସଚିବମାନଙ୍କ ଏପର୍ଯ୍ୟନ୍ତର କାର୍ଯ୍ୟକଳାପ ଓ ପ୍ରଦର୍ଶନର ସମୀକ୍ଷା କରାଯିବ। ନେତାମାନଙ୍କୁ ସେମାନଙ୍କ ପ୍ରଦର୍ଶନ ଆଧାରରେ ସିଧାସଳଖ ଫିଡ୍‌ବ୍ୟାକ୍ ମଧ୍ୟ ଦିଆଯାଇପାରେ। ଏହି ବୈଠକ ପରେ କଂଗ୍ରେସ ନୂଆ ସଚିବ ତାଲିକାକୁ ଚୂଡ଼ାନ୍ତ ରୂପ ଦେଇପାରେ।

## ବିଜୟଙ୍କ ଶୈଳୀରେ ଗଣେଶ ମୂର୍ତ୍ତି

### ଆୟୋଜକଙ୍କ ଗିରଫଦାରୀ ଦାବି କଲା ଭାଜପା



ଚେନ୍ନାଇ, ୧୫।୯: ଗଣେଶ ଚତୁର୍ଥୀ ପୂର୍ବରୁ ତାମିଲନାଡୁରେ ଏକ ନୂଆ ରାଜନୈତିକ ବିବାଦ ଦେଖାଦେଇଛି। ଚେନ୍ନାଇର କୋରୁକ୍କୁପେଟ ଅଞ୍ଚଳରେ ସ୍ଥାପିତ ଭଗବାନ ଗଣେଶଙ୍କ ମୂର୍ତ୍ତିଗୁଡ଼ିକ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଟିଭିକେ ମୁଖ୍ୟ ବିଜୟଙ୍କ ରୂପ ସଦୃଶ ହୋଇଥିବାରୁ ଭାରତୀୟ ଜନତା ପାର୍ଟି (ଭାଜପା) ଏହାକୁ ନେଇ ଦୃଢ଼ ଆପତ୍ତି ଉଠାଇଛି।

ତାମିଲନାଡୁ ଭାଜପା ସଭାପତି ନୈନାର ନାଗେନ୍ଦ୍ରନ ଦାବି କରିଛନ୍ତି ଯେ ଏହି ମୂର୍ତ୍ତିଗୁଡ଼ିକୁ ତୁରନ୍ତ ହଟାଯାଉ ଏବଂ ଏଥିପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଗିରଫ କରାଯାଉ। ରାଜନୈତିକ ପ୍ରଚାର ପାଇଁ ଦେବତାଙ୍କ ରୂପ ବ୍ୟବହାର କରିବା ଲକ୍ଷ ଲକ୍ଷ ଭକ୍ତଙ୍କ ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେଉଛି। ବିବାଦ ବଢ଼ିବା ସହ ଟିଭିକେ ଦଳର ସୂତ୍ରରୁ ଜଣାପଡ଼ିଛି ଯେ ମୂର୍ତ୍ତିଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଦଳୀୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ପ୍ରଶଂସକମାନେ କହିଛନ୍ତି ଯେ ସେମାନେ ଗତ ଆଠ ବର୍ଷ ଧରି ଏଭଳି ମୂର୍ତ୍ତି ସ୍ଥାପନ କରିଆସୁଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଦ୍ୱାରା ପୂଜିତ ଏକ ଦିବ୍ୟ ସ୍ୱରୂପକୁ ବ୍ୟକ୍ତିଗତ ଲାଭ ଓ ରାଜନୈତିକ ପ୍ରଚାର ପାଇଁ ବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ।

### ୟୁପିଆଇ ପେମେଣ୍ଟକୁ ନେଇ ରାହୁଲଙ୍କ ଅଭିଯୋଗ

## ପରୋକ୍ଷରେ ପଡ଼ିବ ସାଧାରଣ ଖାଉଟିଙ୍କ ଉପରେ ଚାପ



ନୂଆଦିଲ୍ଲୀ, ୧୫।୯: ଦେଶର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ମାଧ୍ୟମ ୟୁପିଆଇକୁ ନେଇ ଏବେ ରାଜନୈତିକ ବିବାଦ ଚର୍ଚ୍ଚା ଜୋର୍ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ ୟୁପିଆଇ ପେମେଣ୍ଟରେ ଚାର୍ଜ ଲାଗୁ କରିବାର ବାଟ ଖୋଲିଥିବା ଅଭିଯୋଗ ଆଣିଛନ୍ତି। ରାହୁଲଙ୍କ ଦାବି ଅନୁସାରେ, ୨, ୦୦୦ ଟଙ୍କାରୁ ଅଧିକ ବ୍ୟବସାୟିକ ୟୁପିଆଇ ପେମେଣ୍ଟ ଉପରେ ଚାର୍ଜ ଲାଗିପାରେ। ଯଦିଓ ସରକାର କହୁଛନ୍ତି ଯେ ଗ୍ରାହକଙ୍କଠାରୁ ସିଧାସଳଖ କୌଣସି ଚାର୍ଜ ନିଆଯିବ ନାହିଁ, ରାହୁଲଙ୍କ ଯୁକ୍ତି ହେଉଛି ଯେ ବ୍ୟବସାୟୀଙ୍କ ଉପରେ ପଡୁଥିବା ଅତିରିକ୍ତ ଖର୍ଚ୍ଚ ଶେଷରେ ଜିନିଷର ଦାମ ବଢ଼ାଇ ଗ୍ରାହକଙ୍କ ଉପରେ ପଡ଼ିପାରେ।

ୟୁପିଆଇ ପେମେଣ୍ଟକୁ ମୁଖ୍ୟତଃ ଦୁଇ ପ୍ରକାରରେ ବୁଝିହେବ। ପ୍ରଥମଟି ହେଉଛି ବ୍ୟକ୍ତିରୁ ବ୍ୟକ୍ତି (ପିଟୁପି) ପେମେଣ୍ଟ। ଯେପରିକି ଜଣେ ବ୍ୟକ୍ତି ନିଜ ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବା। ଦ୍ୱିତୀୟଟି ହେଉଛି ବ୍ୟକ୍ତିରୁ ବ୍ୟବସାୟୀ (ପିଟୁଏମ୍) ପେମେଣ୍ଟ। ଅର୍ଥାତ୍ ଦୋକାନ, କମ୍ପାନୀ କିମ୍ବା ଅନ୍ୟ କୌଣସି ବ୍ୟବସାୟୀଙ୍କୁ ୟୁପିଆଇ ମାଧ୍ୟମରେ ଟଙ୍କା ଦେବା।

## ଉଦ୍ଧବ ଗୋଷ୍ଠୀକୁ ବଦନାମ କରିବାର ଷଡ଼ଯନ୍ତ୍ର:ସଞ୍ଜୟ



### ଦିଶା ସାଲିଆନ୍ ମାମଲା

ମୁମ୍ବାଇ, ୧୫।୯: ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ସିବିଆଇ ପକ୍ଷରୁ ମାମଲା ରୁଜୁ ହେବା ପରେ ଏବେ ମହାରାଷ୍ଟ୍ର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ଘଟଣାରେ ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ଗୋଷ୍ଠୀର ସାଂସଦ ସଞ୍ଜୟ ରାଉତ ପ୍ରଥମ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ବମ୍ବେ ହାଇକୋର୍ଟଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ବିରୋଧରେ ପ୍ରତ୍ୟକ୍ଷ ଅଭିଯୋଗ ପ୍ରମାଣିତ ହୋଇନାହିଁ, ସେ ପର୍ଯ୍ୟନ୍ତ ତାଙ୍କୁ ଅଭିଯୁକ୍ତ କୁହାଯାଇପାରିବ ନାହିଁ କିମ୍ବା ଏଫଆଇଆରରେ ତାଙ୍କ ନାମ ଯୋଡ଼ା ଯାଇପାରିବ ନାହିଁ। ବର୍ତ୍ତମାନ ସିବିଆଇ ଯେଉଁ ଏଫଆଇଆର ରୁଜୁ କରିଛି, ତାହା ସମ୍ପୂର୍ଣ୍ଣ ଭାବେ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ କରାଯାଇଛି। ଏହାସହ ଶାସକ ଦଳକୁ ସିଧାସଳଖ ଟାର୍ଗେଟ କରି ସଞ୍ଜୟ ରାଉତ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀ ମହାରାଷ୍ଟ୍ର ଗସ୍ତରେ ଆସି ସ୍ଥାନୀୟ ନେତାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିବା ପରେ ହିଁ ଏହି ଏଫଆଇଆର ରୁଜୁ ହୋଇଛି।

## ନନ୍ଦିଗ୍ରାମରୁ ଚନ୍ଦ୍ରନାଥଙ୍କ ମାଆଙ୍କୁ ଟିକେଟ୍

କୋଲକାତା, ୧୫।୯: ପଶ୍ଚିମବଙ୍ଗର ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି। ତାଙ୍କର ପୂର୍ବତନ ବ୍ୟକ୍ତିଗତ ସହାୟକ(ପିଏ) ଚନ୍ଦ୍ରନାଥ ରଥଙ୍କ ମାତା ହାସିରାଣୀ ରଥଙ୍କୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଟିକେଟ୍ ଦିଆଯାଇଛି। ମଙ୍ଗଳବାର ହାସିରାଣୀ ତାଙ୍କର ନାମାଙ୍କନ ଦାଖଲ କରିବେ। ନାମାଙ୍କନ ସମୟରେ ଶୁଭେନ୍ଦୁ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ। ନିର୍ବାଚନ କମିସନ ଅକ୍ଟୋବର ୬ ତାରିଖରେ ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନ ପାଇଁ ନିର୍ବାଚନ ଘୋଷଣା କରିବା ପରେ ହାସିରାଣୀ ସମ୍ଭାବ୍ୟ ବିଜେପି ପ୍ରାର୍ଥୀଙ୍କ ଦୌଡ଼ରେ ଆଗୁଆ ଥିଲେ। ଚନ୍ଦ୍ରନାଥଙ୍କୁ ମେ’ ୬ ତାରିଖ ରାତିରେ ଗୁଳିକରି ହତ୍ୟା କରାଯାଇଥିଲା। ନନ୍ଦିଗ୍ରାମ ଆସନ ଶୁଭେନ୍ଦୁ ଅଧିକାରୀଙ୍କ ଗଡ଼। ଏଥର ମୁଖ୍ୟମନ୍ତ୍ରୀ ତାଙ୍କର ପାରମ୍ପରିକ ନନ୍ଦିଗ୍ରାମ ଆସନ ସହିତ ଭବାନୀପୁରରୁ ଜିତିଥିଲେ। ଭବାନୀପୁରରେ ସେ ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ପରାସ୍ତ କରିଥିଲେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ନନ୍ଦିଗ୍ରାମ ଆସନ ଛାଡି ଦେଇଥିଲେ।

### ଚନ୍ଦ୍ରହୀନ ଶୁକ୍ର ଗ୍ରହର ରହସ୍ୟ

## ନିଜ ଚନ୍ଦ୍ରକୁ ନିଜେ ଗ୍ରାସ କରିଛି ଶୁକ୍ର



କାଲିଫର୍ଣ୍ଣିଆ, ୧୫।୯: ବିଜ୍ଞାନ ଜଗତରେ ଶୁକ୍ର ଗ୍ରହକୁ ନେଇ ଏକ ବଡ଼ ଏବଂ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ପୃଥିବୀର ଯାଆଁଳା ଭାବେ ପରିଚିତ ଶୁକ୍ର ଗ୍ରହ ନିକଟରେ ଅତୀତରେ ଏକ ଚନ୍ଦ୍ର ଥିଲା, କିନ୍ତୁ ଗ୍ରହଟି ନିଜର ଅତି ମନ୍ଥର ଆବର୍ତ୍ତନ ଯୋଗୁଁ ସେହି ଚନ୍ଦ୍ରକୁ ନିଜ ଆଡ଼କୁ ଟାଣି ନିଜ ଭିତରେ ହିଁ ଗ୍ରାସ କରିଦେଇଛି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ରିଭରସାଇଡ୍‌ର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏବଂ ‘ଦ ଆଷ୍ଟ୍ରୋଫିଜିକାଲ ଜର୍ଣ୍ଣାଲ’ ରେ ପ୍ରକାଶିତ ଏକ ନୂତନ ଅଧ୍ୟୟନରୁ ଏହି ରହସ୍ୟ ଉନ୍ମୋଚିତ ହୋଇଛି।

ଶୁକ୍ର ଓ ପୃଥିବୀ ଆକାର, ବସ୍ତୁତ୍ୱ ଓ ଆଭ୍ୟନ୍ତରୀଣ ଗଠନ ଦୃଷ୍ଟିରୁ ପ୍ରାୟ ସମାନ ହୋଇଥିଲେ ମଧ୍ୟ ପୃଥିବୀର ଏକ ବଡ଼ ଚନ୍ଦ୍ର ରହିଛି, କିନ୍ତୁ ଶୁକ୍ର ଗ୍ରହ ସମ୍ପୂର୍ଣ୍ଣ ଚନ୍ଦ୍ରହୀନ। ପୂର୍ବରୁ ବୈଜ୍ଞାନିକମାନେ ମତ ଦେଉଥିଲେ ଯେ ଶୁକ୍ର ଗ୍ରହ କେବେ ବଡ଼ ଧରଣର ଧକ୍କାର ସମ୍ମୁଖୀନ ହୋଇନଥିବ କିମ୍ବା ଏହା ବିଶାଳ ବାହ୍ୟଗ୍ରହର ପ୍ରଭାବରେ ନଷ୍ଟ ହୋଇଯାଇଥିବ। କିନ୍ତୁ ନୂତନ ଗବେଷଣା ଏକ ସମ୍ପୂର୍ଣ୍ଣ ଭିନ୍ନ ସତ୍ୟ ସାମ୍ନାକୁ ଆଣିଛି। ପୃଥିବୀ ନିଜ ଅକ୍ଷରେ ପ୍ରତି ୨୪ ଘଣ୍ଟାରେ ଥରେ ଘୂରୁଥିବାରୁ ଏହାର ଦ୍ରୁତ ଆବର୍ତ୍ତନ ଯୋଗୁଁ ଶକ୍ତି ଚନ୍ଦ୍ରକୁ ସ୍ଥାନାନ୍ତରିତ ହୋଇଥାଏ ଓ ଚନ୍ଦ୍ର ପ୍ରତିବର୍ଷ ପ୍ରାୟ ୪ ସେଣ୍ଟିମିଟର ଦୂରକୁ ଖସିଯାଉଛି।

କିନ୍ତୁ ଶୁକ୍ର ଗ୍ରହର ସ୍ଥିତି ସମ୍ପୂର୍ଣ୍ଣ ଓଲଟା। ଶୁକ୍ର ଏତେ ମନ୍ଥର ଭାବରେ ଘୂର୍ଣ୍ଣନ କରେ ଯେ, ଏହାର ଗୋଟିଏ ଦିନ ହେବାକୁ ପୃଥିବୀର ୨୪୩ ଦିନ ଲାଗେ। ଏଭଳି ଅତି ମନ୍ଥର ଆବର୍ତ୍ତନ କାରଣରୁ ମାଧ୍ୟାକର୍ଷଣ ଶକ୍ତି ଓଲଟା ଦିଗରେ କାମ କରିଥାଏ। ଏହାର ଅର୍ଥ ହେଲା, ଶୁକ୍ରର ଯଦି କୌଣସି ଚନ୍ଦ୍ର ଥାଆନ୍ତା, ତେବେ ତାହା ଦୂରକୁ ଯିବା ବଦଳରେ କ୍ରମଶଃ ଶକ୍ତି ହରାଇ ଗ୍ରହ ଆଡ଼କୁ ଆସିଥାନ୍ତା ଓ ଶେଷରେ ଗ୍ରହ ସହିତ ଧକ୍କା ହୋଇ ମିଶିଯାଇଥାନ୍ତା।

ମୁଖ୍ୟ ଗବେଷକ ଷ୍ଟିଫେନ୍ କେନ୍ ଏକ କମ୍ପ୍ୟୁଟର ସିମୁଲେସନ ମାଧ୍ୟମରେ ଶୁକ୍ର ଓ ଏହାର କାଳ୍ପନିକ ଚନ୍ଦ୍ରମାନଙ୍କ ମଧ୍ୟରେ ମାଧ୍ୟାକର୍ଷଣ ପ୍ରଭାବର ଅଧ୍ୟୟନ କରିଥିଲେ। ସମସ୍ତ ସିମୁଲେସନରୁ

### କମ୍ପ୍ୟୁଟର ସିମୁଲେସନରେ ବଡ଼ ସତ୍ୟ ଉନ୍ମୋଚିତ

ଗୋଟିଏ ହିଁ ପରିଣାମ ବାହାରିଥିଲା ଯେ, ଶେଷରେ ଚନ୍ଦ୍ରଟି ଶୁକ୍ର ଗ୍ରହ ସହିତ ଧକ୍କା ହୋଇ ବିଲୟ ହୋଇଯାଇଥିଲା। ବଡ଼ ଆକାରର ଚନ୍ଦ୍ରଗୁଡ଼ିକ ଆହୁରି ଦ୍ରୁତ ଗତିରେ ଗ୍ରହ ସହ ଧକ୍କା ହୋଇଥିଲେ।

ପ୍ରାୟ ଏକ ବିଲିୟନ ବର୍ଷ ପୂର୍ବେ ଏକ ବିଶାଳ ଭୂତତ୍ତ୍ୱଗତ ପରିବର୍ତ୍ତନ କାରଣରୁ ଶୁକ୍ରର ପୃଷ୍ଠଭାଗର ପ୍ରାୟ ୮୦ ପ୍ରତିଶତ ଅଂଶ ବଦଳି ଯାଇଥିଲା। ଏହି କାରଣରୁ ପୁରୁଣା କୌଣସି ଘଟଣାର ପ୍ରମାଣ ବାହାର କରିବା କଷ୍ଟକର ଅଟେ। ତେବେ ଭୂକମ୍ପ ବିଜ୍ଞାନ ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଶୁକ୍ରର ଭୂଗର୍ଭରୁ ଏହି ପ୍ରାଚୀନ ଧକ୍କାର କିଛି ସୂଚନା ମିଳିପାରେ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ଏହି ପ୍ରାଚୀନ ଘଟଣା ଶୁକ୍ରର ଜଳବାୟୁ ଏବଂ ଆବର୍ତ୍ତନକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଥିବା ଅନୁମାନ କରାଯାଉଛି।




# ପୁଣି ହାରିଲା ଆଫଗାନିସ୍ତାନ | ଟି-୨୦ ସିରିଜ ଜିତିଲା ଭାରତ

ନୂଆଦିଲ୍ଲୀ, ୧୫ା୯ଃ ଚଳିତ ଟି-୨୦ ସିରିଜକୁ ୨-୦ରେ ଜିତି ନେଇଛି। ଆଜି ଏଠାରେ ଖେଳାଯାଇଥିବା ସିରିଜର ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ୭ ୱିକେଟରେ ପରାଜୟ ବରଣ କରିଛି। ଏଥିସହ ଭାରତ ସିରିଜ ସରିବା ପୂର୍ବରୁ ସିରିଜରେ ଅପରାଜେୟ ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୯ ୱିକେଟରେ ୧୫୯ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ତଥା ଅଧିନାୟକ ଇବ୍ରାହିମ୍ ଜାଦ୍ରାନ ସର୍ବାଧିକ ୩୯, ରଶିଦ ଖାନ ୨୮ ଓ ଡାରୱିସ ରସୁଲି ୨୬ ରନ୍ କରିଥିଲେ। ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ୩ଟି ଓ ଅର୍ଶଦୀପ ସିଂ ୨ଟି ୱିକେଟ ନେଇଥିଲେ। ବ୍ୟାଟିଂରେ ଦୁଇ ଓପନର ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂ କରିଥିଲେ। ସଞ୍ଜୁ ମାତ୍ର ୨୨ ବଲରେ ୭ଟି ଚଉକା ଓ ୪ଟି ଛକା ସହ ସର୍ବାଧିକ ୫୭ ରନ୍ କରିଥିଲେ। ଏହାଛଡ଼ା ଅଭିଷେକ ୨ଟି ଚଉକା ଓ ୪ଟି ଛକା ସହ ୩୯ ରନ୍ କରିଥିଲେ। ସେହିପରି ଇଶାନ କିଶନ ୩ଟି ଚଉକା ଓ ୨ଟି ଛକା ଜରିଆରେ ଅପରାଜିତ ୩୮ ରନ୍ କରିଥିଲେ। ଦଳ ୧୪.୩ ଓଭରରେ ୩ ୱିକେଟ ହରାଇ ୧୬୩ ରନ୍ କରି କ୍ରମାଗତ ସହଜ ବିଜୟ ହାସଲ କରିଥିଲା। ଆଫଗାନିସ୍ତାନ ପକ୍ଷରୁ ରଶିଦ ୩ଟିଯାକ ୱିକେଟ ନେଇଥିଲେ। ନୀତିଶ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## କାର୍ଗୋ ଟର୍ମିନାଲ ଉଦ୍‌ଘାଟନ କଲେ କେନ୍ଦ୍ର ରେଳମନ୍ତ୍ରୀ






ନୂଆଦିଲ୍ଲୀ, ୧୫ା୯ଃ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଗୁଜରାଟରେ ପାଞ୍ଚଟି ଗତି ଶକ୍ତି କାର୍ଗୋ ଟର୍ମିନାଲ (ଜିସିଟି) ର ଉଦଘାଟନ କରିଛନ୍ତି। ସେହିପରି ଶ୍ରୀ ବୈଷ୍ଣବ ଶିବଲଖା ଜି ସି ଟିରୁ ମିଠାପୁର ପର୍ଯ୍ୟନ୍ତ ଲୁଣ ଭର୍ତ୍ତି ମାଲବାହୀ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ଗୁଜରାଟରୁ ଗନ୍ତବ୍ୟ ସ୍ଥଳକୁ ଲୁଣ ପରିବହନ ପାଇଁ ରେଳର ଅଧିକ ବ୍ୟବହାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପାଞ୍ଚଟି ଜିସିଟି ମଧ୍ୟରୁ କଚ୍ଛର ଶିବଲଖା ଓ ଭୀମସରଠାରେ ଜିସିଟି, ମୋରବିର ଦେବଲିୟାଠାରେ ଜିସିଟି ଓ ବନାସକଣ୍ଠାର ଚାନ୍ଦିସରଠାରେ ଜିସିଟିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ମହେସାନାର ଲିଞ୍ଚଠାରେ ଜିସିଟି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଟର୍ମିନାଲଗୁଡ଼ିକ ମାଲ ପରିବହନ ପାଇଁ ରେଳ କ୍ଷମତାକୁ ବୃଦ୍ଧି କରିବାରେ, ବନ୍ଦର ସ୍ଥାନଗୁଡ଼ିକରେ ଭିଡ଼ ଏବଂ ବାଧାବିଘ୍ନକୁ ହ୍ରାସ କରିବାରେ ଏବଂ ଗୁଜରାଟର ବନ୍ଦର ଏବଂ ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳ ମଧ୍ୟରେ ମାଲ ପରିବହନ ସଂଯୋଗକୁ ମଜବୁତ କରିବାରେ ସାହାଯ୍ୟ କରିବ। ଲୁଣ ପରିବହନରେ ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ଉଲ୍ଲେଖ କରିଥିଲେ ଯେ ଲୁଣ ହେଉଛି ଗରିବ ଏବଂ ମଧ୍ୟବିତ୍ତ ପରିବାର ସମେତ ପ୍ରତ୍ୟେକ ପରିବାର ଦ୍ୱାରା ବ୍ୟବହୃତ ଏକ ଅତ୍ୟାବଶ୍ୟକ ଦ୍ରବ୍ୟ। ଦେଶର ବିଭିନ୍ନ ଅଞ୍ଚଳକୁ ଲୁଣ ପରିବହନ କରିବା ପାରମ୍ପରିକ ଭାବେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ ଯେ ଯେତେବେଳେ ପାରମ୍ପରିକ ରେଳ ୱାଗନରେ ଲୁଣ ପରିବହନ କରାଯାଉଥିଲା, ସେତେବେଳେ ୱାଗନର ବହନ କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ୱାଗନ ଦ୍ୱାରା ହିଁ ଗ୍ରହଣ କରାଯାଉଥିଲା। ଆହୁରି ଲୁଣ ଆର୍ଦ୍ରତା ଶୋଷଣ କରିଥାଏ, ଯାହାର ଫଳସ୍ୱରୂପ ପରିବହନ ସମୟରେ ମାଲ ଭିଜି ଯାଇଥାଏ। ଏହା ଲୋଡିଂ ଏବଂ ଅନଲୋଡିଂ ସମୟରେ ଅସୁବିଧା ସୃଷ୍ଟି କରିଥିଲା। ବର୍ତ୍ତମାନ ନୂତନ ହାଲୁକା ଓଜନର ଷ୍ଟେନଲେସ୍ ଷ୍ଟିଲ୍ ଲୁଣ କଣ୍ଟେନରକୁ ସ୍ୱତନ୍ତ୍ର ଭାବରେ ଏହି ଆହ୍ୱାନର ମୁକାବିଲା ପାଇଁ ଡିଜାଇନ୍ କରାଯାଇଛି।

## ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୧୫ା୯ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପବିତ୍ର ନୂଆଁଖାଇ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ନୂଆଁଖାଇ ଆମ ଚାଷୀ, ଫସଲ ଓ ଏକତା ଭାବନାର ପର୍ବ। ଏହି ବିଶେଷ ଅବସର ସମାଜରେ ସଦ୍ଭାବନା ଏବଂ ଏକତାର ଭାବନାକୁ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ନିଜର ସୋସିଆଲ ମିଡ଼ିଆ ଏକ୍ସର ଏକ ପୋଷ୍ଟରେ ନୂଆଁଖାଇ ଜୁହାର୍ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ଆମ କୃଷକ, ଫସଲ ଏବଂ ଏକତାର ପର୍ବ ନୂଆଁଖାଇର ଅନେକ ଅନେକ ଶୁଭକାମନା। ଏହି ସ୍ୱତନ୍ତ୍ର ଅବସର ଆମ ସମାଜରେ ସଦ୍ଭାବନାର ବନ୍ଧନକୁ ସୁଦୃଢ଼ କରୁ ଏବଂ ଖୁସି ଓ ସମୃଦ୍ଧି ନେଇ ଆସୁ ବୋଲି ଉଲ୍ଲେଖ କରିଛନ୍ତି।

■ ବିମଲ ଇଲାଇଚି ବିଜ୍ଞାପନ ବିବାଦ

## କମ୍ପାନୀର ଆବେଦନ ଖାରଜ କଲେ କୋର୍ଟ




ନୂଆଦିଲ୍ଲୀ ୧୫ା୯ଃ ବିମଲ ଇଲାଇଚି ପ୍ରସ୍ତୁତକାରୀ କମ୍ପାନି ପିଜି ଏଗ୍ରୋ ବା ପିବି ଏଗ୍ରୋ ଏଲଏଲପିକୁ ଦିଲ୍ଲୀ ହାଇକୋର୍ଟରୁ ବଡ଼ ଝଟକା ଲାଗିଛି। ମହାରାଷ୍ଟ୍ର ଏଫଡିଏ ଦ୍ୱାରା ବଲିଉଡ ଅଭିନେତା ଶାହରୁଖ ଖାନ, ଅଜୟ ଦେବଗନ ଏବଂ ଟାଇଗର ଶ୍ରଫଙ୍କୁ ପଠାଯାଇଥିବା କାରଣ ଦର୍ଶାଅ ନୋଟିସକୁ ଚ୍ୟାଲେଞ୍ଜ କରି କମ୍ପାନୀ ଦାୟର କରିଥିବା ଆବେଦନକୁ କୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଜଷ୍ଟିସ ସ୍ୱର୍ଣ୍ଣ କାନ୍ତା ଶର୍ମାଙ୍କ ପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ ଏହି ବିଷୟରେ ଶୁଣାଣି କରିବାର ଆଇନଗତ ଅଧିକାର କ୍ଷେତ୍ର ଦିଲ୍ଲୀ ହାଇକୋର୍ଟ ପାଖରେ ନାହିଁ। ଏହି ସମ୍ପୂର୍ଣ୍ଣ ମାମଲା ମହାରାଷ୍ଟ୍ର ଏଫଡିଏର କାର୍ଯ୍ୟାନୁଷ୍ଠାନ ସହ ଜଡ଼ିତ ଏବଂ ଘଟଣାଟି ମହାରାଷ୍ଟ୍ରରେ ଘଟିଛି।

## ରୋଟାରୀ କ୍ଲବ୍ ଭୁବନେଶ୍ୱର ମେଟ୍ରୋ ଦ୍ୱାରା ଦନ୍ତ ଚିକିତ୍ସା ଶିବିର



ଭୁବନେଶ୍ୱର,୧୫ା୯ (ସଂଚାର ବ୍ୟୁରୋ) ଃ ରୋଟାରୀ କ୍ଲବ ଭୁବନେଶ୍ୱର ମେଟ୍ରୋଙ୍କ ଆନୁକୁଲ୍ୟ ରେ ପିପିଲି ହେଲଥ ଇନଷ୍ଟିଚ୍ୟୁଟ ପରିସରରେ ଏକ ମେଗା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି। ସମ ଇନଷ୍ଟିଚ୍ୟୁଟ ଅଫ ଡେଣ୍ଟାଲ ସାଇନ୍ସର ଡାକ୍ତରୀ ପ୍ରତିନିଧିଦଳ ଭ୍ରାମ୍ୟମାଣ ଦନ୍ତ ଚିକିତ୍ସାଗାର ମାଧ୍ୟମରେ ଶତାଧିକ ବ୍ୟକ୍ତିଙ୍କ ଦନ୍ତ ପରୀକ୍ଷଣ ସହ ଆବଶ୍ୟକ ଅନୁଯାଇ ସମସ୍ତ ଚିକିତ୍ସା ଏବଂ ଔଷଧ ଯୋଗାଇ ଦେଇଥିଲେ। କ୍ଲବ ପ୍ରେସିଡେଣ୍ଟ ମିହିର କୁମାର ପଟ୍ଟନାୟକଙ୍କ ସହ ଅନେକ ରୋଟାରିଆନ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ପିପିଲି ହେଲଥ ଇନଷ୍ଟିଚ୍ୟୁଟର ସମସ୍ତ ଡାକ୍ତର ଓ ସହକର୍ମୀମାନେ ଉଲ୍ଲେଖ ଯୋଗ୍ୟ ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ।

## ଓଡ଼ିଶା ଟି-ଟ୍ୱେଣ୍ଟି ଲିଗ୍-ସିଏମ ଟ୍ରଫି ପାଇଁ କାଉଣ୍ଟଡାଉନ ଆରମ୍ଭ

### ଯୁବ କ୍ରିକେଟରଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି ଆମର ଲକ୍ଷ୍ୟ



କଟକ, ୧୫ା୯ (ସଂଚାର ବ୍ୟୁରୋ)ଃ ଓଡ଼ିଶା ଟି-ଟ୍ୱେଣ୍ଟି ଲିଗ୍-ସିଏମ ଟ୍ରଫି ଆରମ୍ଭ ହେବାକୁ ଆଉ ମାତ୍ର କିଛି ଦିନ ବାକି ଥିବା ବେଳେ ସାରା ରାଜ୍ୟରେ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ନୂଆ ସିଜନ୍ ପାଇଁ ଦଳଗୁଡ଼ିକ ନିଜ ନିଜ ପ୍ରସ୍ତୁତି ଜୋରଦାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକର ଐତିହାସିକ ବାରବାଟୀ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ୬ଟି ଫ୍ରାଞ୍ଚାଇଜି - ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, କେନ୍ଦୁଝର ମାଇନର୍ସ, ରାଉରକେଲା ସୁପରଷ୍ଟାର୍ସ, ସମ୍ବଲପୁର ୱାରିଅର୍ସ ଏବଂ କଟକ ପାନ୍ଥର୍ସ ଟ୍ରଫି ପାଇଁ ଲଢ଼େଇ କରିବେ।

ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି ଯେ, ଓଡ଼ିଶା ଟି-ଟ୍ୱେଣ୍ଟି ଲିଗ୍‌କୁ ନେଇ ଉତ୍ସାହ ଦିନକୁ ଦିନ ବଢ଼ୁଛି। ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚକର ସିଜନ୍ ପାଇଁ ଆମେ ଅପେକ୍ଷା କରିଛୁ। ଏହି ଲିଗ୍ ଓଡ଼ିଶା କ୍ରିକେଟ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ। ଏହା ଆମ ଖେଳାଳିମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଟି-ଟ୍ୱେଣ୍ଟି କ୍ରିକେଟ୍ ଖେଳିବା, ଚାପ ମଧ୍ୟରେ ପ୍ରଦର୍ଶନ କରିବା ଏବଂ ମୂଲ୍ୟବାନ ଅଭିଜ୍ଞତା ହାସଲ କରିବାର ସୁଯୋଗ ଦେବ।

ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ଓଡ଼ିଶା ଟି-ଟ୍ୱେଣ୍ଟି ଲିଗ୍ ରାଜ୍ୟର ପରବର୍ତ୍ତୀ ପିଢ଼ିର କ୍ରିକେଟର୍‌ମାନଙ୍କ ପାଇଁ ଏକ ପଥ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ହେଉଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଯୁବ ଖେଳାଳିଙ୍କୁ ଚାପପୂର୍ଣ୍ଣ ପରିସ୍ଥିତିରେ ନିଜକୁ ପରୀକ୍ଷା କରିବା, ଅଭିଜ୍ଞ ଖେଳାଳିଙ୍କଠାରୁ ଶିଖିବା ଏବଂ ଉଚ୍ଚସ୍ତରରେ ପ୍ରଦର୍ଶନ ପାଇଁ କ'ଣ ଆବଶ୍ୟକ ତାହା ବୁଝିବାର ସୁଯୋଗ ଦେବ। ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ମହିଳା କ୍ରିକେଟ୍‌ର ଏକ ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଆୟୋଜିତ ହେବ। ଏହା ମହିଳା କ୍ରିକେଟର୍‌ମାନଙ୍କୁ ବଡ଼ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେବା ସହ ପ୍ରଶଂସକଙ୍କ ପାଇଁ ମଧ୍ୟ ଏକ ଅତିରିକ୍ତ ଆକର୍ଷଣ ହେବ।

## ବୃନ୍ଦାବନରେ ଶ୍ରୀଜଗନ୍ନାଥ ମହୋତ୍ସବ ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ, ୧୫ା୯ଃ ପବିତ୍ର ଦଶହରା ପର୍ବ ତଥା ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ପ୍ରାର୍ଥନା ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରଥମ ଥର ପାଇଁ ବୃନ୍ଦାବନରେ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ଭଗବାନ ବେଦବ୍ୟାସ କୃତ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟ ପାରାୟଣ ସହିତ ପ୍ରବଚନ, ଘୃତ ଯଜ୍ଞ, ନାମ ସଂକୀର୍ତ୍ତନ ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଲଭ ଚବିଶ ବେଶ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଧାରାବାହିକ ପ୍ରବକ୍ତ ଭାବେ ବାବା ସତ୍ୟାନନ୍ଦ ଦାସ ମହାରାଜ ପ୍ରତ୍ୟେହ ପ୍ରବଚନ ପ୍ରଦାନ କରିବା ସହିତ ବୃନ୍ଦାବନର କଥାବ୍ୟାସ ପୂଜ୍ୟ ବାବା ଦୀନବନ୍ଧୁ ଦାସ ମହରାଜ ପ୍ରତ୍ୟେହ ସଂଧ୍ୟାରେ ମାର୍ଗଦର୍ଶନ କରାଇବେ। ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି, ଓଡିଶାର ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ସହିତ ବାବା ପରମାନନ୍ଦ ଦାସ, ବାବା ଦୟାନିଧି ଦାସ, ନିର୍ମଳଚନ୍ଦ୍ର ଧଳ, ବିଷ୍ଣୁ ଚରଣ ସ୍ୱାଇଁ, ଘନଶ୍ୟାମ ଓଝା, ଗୋପାଳ ଖଟୁଆ, ସନ୍ତୋଷ କୁମାର ନୀଳାଞ୍ଚଳ ସେବା ସଂଧ୍ୟା ନୂଆଦିଲ୍ଲୀ ସଂପାଦକ ରବିନ୍ଦ୍ର ପ୍ରଧାମ କାର୍ଯ୍ୟକ୍ରମକୁ ପରିଚାଳନା କରିବେ।

## ଗୁଗଲ୍ ଡିପ୍-ମାଇଣ୍ଡରୁ ଇସ୍ତଫା ଦେଲେ ଦୁଇ ଗବେଷକ

ସାନଫ୍ରାନ୍ସିସ୍କୋ, ୧୫ା୯ଃ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶ ଓ ଏହାର ସମ୍ଭାବ୍ୟ ବିପଦକୁ ନେଇ ସାରା ବିଶ୍ୱରେ ଚିନ୍ତା ବୃଦ୍ଧି ପାଉଥିବା ବେଳେ ଗୁଗଲ୍ ଡିପ୍ ମାଇଣ୍ଡରୁ ଦୁଇଜଣ ପ୍ରମୁଖ ଗବେଷକ ଇସ୍ତଫା ଦେଇଛନ୍ତି। ଗବେଷକ ବିଲାଲ ଚୁଘତାଇ ଓ ଜୋସ୍ ଏଞ୍ଜେଲ୍ସ ଏହି ପ୍ରଯୁକ୍ତିବିଦ୍ୟାର ନିୟନ୍ତ୍ରଣହୀନ ଗତି ମାନବଜାତି ପାଇଁ ବିନାଶକାରୀ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରି ନିଜ ପଦରୁ ଓହରି ଯାଇଛନ୍ତି। ସୋସିଆଲ ମିଡିଆରେ ନିଜର ଚିନ୍ତା ପ୍ରକାଶ କରି ବିଲାଲ ଲେଖିଛନ୍ତି ଯେ, ଏଆଇ ମାନବଜାତିର ବିଲୋପର କାରଣ ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି ଏବଂ ଏହି ମହାବିପତ୍ତିକୁ ଏଡ଼ାଇବା ପାଇଁ ଆମ ପାଖରେ ସମୟ ଅତ୍ୟନ୍ତ କମ୍ ରହିଛି। ସେହିପରି ଜୋସ୍ ଏଞ୍ଜେଲ୍ସ ଚେତାବନୀ ଦେଇଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ଉନ୍ନତ ଏଆଇ ସିଷ୍ଟମ ବ୍ୟାପକ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି, ଯାହାକୁ ଦୃଷ୍ଟିରେ ରଖି ସେ ଏଆଇ ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ଗବେଷଣା ସଂସ୍ଥା ମେଟାରେ ଯୋଗ ଦେଇଛନ୍ତି।



■ ଓରାକଲରେ ବ୍ୟାପକ ଛଟେଇ

## ସକାଳ ୬ରେ ମେଲ୍ ଆସିଲା ଆଜିଠୁ ଅଫିସ୍ ଆସନି




ନୂଆଦିଲ୍ଲୀ, ୧୫ା୯ଃ ପ୍ରମୁଖ ଟେକ୍ କମ୍ପାନୀ 'ଓରାକଲ୍' ପକ୍ଷରୁ ପୁଣିଥର କର୍ମଚାରୀ ଛଟେଇ ଆରମ୍ଭ ହୋଇଛି। ପ୍ରଭାବିତ କର୍ମଚାରୀମାନଙ୍କୁ ସକାଳୁ ସକାଳୁ ଇମେଲ୍ ମାଧ୍ୟମରେ ଏହି ସୂଚନା ଦିଆଯାଇଛି। କମ୍ପାନୀର ବଡ଼ ସାଂଗଠନିକ ପରିବର୍ତ୍ତନ ଆଳ ଦେଖାଇ ସେମାନଙ୍କ ପଦବୀକୁ ଶେଷ କରାଯାଇଛି ଏବଂ ଯେଉଁଦିନ ଇମେଲ୍ ମିଳିଛି ସେହିଦିନଟି ହିଁ ସେମାନଙ୍କର ଶେଷ କାର୍ଯ୍ୟଦିବସ ବୋଲି କୁହାଯାଇଛି। ଓରାକଲ୍ ପକ୍ଷରୁ ପୂର୍ବରୁ ମଧ୍ୟ ପ୍ରାୟ ୨୧, ୦୦୦ କର୍ମଚାରୀ ଅର୍ଥାତ୍ ମୋଟ୍ କର୍ମଚାରୀଙ୍କର ୧୩ ପ୍ରତିଶତଙ୍କୁ ଛଟେଇ କରାଯାଇସାରିଛି। ଛଟେଇର ଏହି ନୂତନ ପର୍ଯ୍ୟାୟ ସୋମବାର ଦିନ ଆରମ୍ଭ ହୋଇଥିଲା। ପ୍ରଭାବିତ କର୍ମଚାରୀମାନେ ଲିଙ୍କଡଇନ୍, ରେଡିଟ୍ ଏବଂ ବ୍ଲାଣ୍ଡ୍ ପ୍ଲାଟଫର୍ମରେ ନିଜର ଦୁଃଖ ପ୍ରକାଶ କରିଛନ୍ତି। ଇମେଲ୍ ରେ କୁହାଯାଇଥିଲା ଯେ କମ୍ପାନୀର କମ୍ପ୍ୟୁଟର, ଇମେଲ୍, ଭଏସ୍‌ମେଲ୍ ଏବଂ ଫାଇଲ୍‌ଗୁଡ଼ିକର ଆକ୍ସେସ୍ ବନ୍ଦ କରାଯାଉଛି। କୌଣସି ବି ତଥ୍ୟ ଡାଉନଲୋଡ୍ ବା କପ୍ କରି ନ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। କ୍ରମାଗତ ଭାବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କ୍ଲାଉଡ୍ ସେବାଗୁଡ଼ିକର ଚାହିଦା ପୂରଣ କରିବା ପାଇଁ ଓରାକଲ୍ ନିଜର ଡାଟା-ସେଣ୍ଟର ଇନଫ୍ରାଷ୍ଟ୍ରକଚରକୁ ବ୍ୟାପକ ଭାବେ ବିସ୍ତାର କରୁଛି, ଯାହା ଏହି ଛଟେଇର ମୁଖ୍ୟ କାରଣ ବୋଲି ଅନୁମାନ କରାଯାଉଛି।

● କ୍ୟାରିୟର ବାଛିବାରେ ରହିବନି ଦ୍ୱନ୍ଦ୍ୱ

# ଦିଗ ଦେଖାଇବ 'ପଦ୍ଧତି'




ଭୁବନେଶ୍ୱର, ୧୫ା୯ (ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରରେ ଶୁଭାରମ୍ଭ ହେଲା ନୂଆ ଏଡୁକେସନ୍ ଓ କ୍ୟାରିୟର ଗାଇଡାନ୍ସ ପ୍ଲାଟଫର୍ମ। ଶିକ୍ଷା ଓ କ୍ୟାରିୟର ବାଛିବା ସମୟରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଦୂର କରି ସଠିକ୍ ଦିଗ ଦେଖାଇବା ପାଇଁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଏକ ଅଭିନବ ଏଆଇ ପ୍ଲାଟଫର୍ମ, 'ପଦ୍ଧତି'। ଛାତ୍ରଛାତ୍ରୀଙ୍କ ରୁଚି, ଦକ୍ଷତା ଓ ଆକାଂକ୍ଷାକୁ ଆଧାର କରି ଉପଯୁକ୍ତ କ୍ୟାରିୟର ପଥ ଚିହ୍ନଟ କରିବା ଏହି ପ୍ଲାଟଫର୍ମର ମୂଳ ଲକ୍ଷ୍ୟ। ଆଜିର ସମୟରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ଶିକ୍ଷା ଓ କ୍ୟାରିୟର କ୍ଷେତ୍ରରେ ବିକଳ୍ପ ବଢ଼ିବା ସହିତ ସଠିକ୍ ବିକଳ୍ପ ଚୟନ କରିବା ଏକ ବଡ଼ ଆହ୍ୱାନ ପାଲଟିଛି। 'ପଦ୍ଧତି' ଏହି ସମସ୍ୟାର ସମାଧାନ ଭାବେ ମାର୍ଗଦର୍ଶନ, ତଥ୍ୟ, ସୁଯୋଗ ଓ ପ୍ରଯୁକ୍ତିକୁ ଏକତ୍ର କରି ଛାତ୍ରଛାତ୍ରୀଙ୍କୁ ନିଜ ସମ୍ଭାବନା ଅନୁଧ୍ୟାନ କରିବାର ସୁଯୋଗ ଦେବ।

ପ୍ଲାଟଫର୍ମର ଲଞ୍ଚ ଅବସରରେ ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ଶୀତଲ ପାତ୍ର, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସଂଗ୍ରାମ କେଶରୀ ଷଡ଼ଙ୍ଗୀ, କୂଟନୀତିଜ୍ଞ ସଞ୍ଜୟ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ବାବୁ, ମିଡିଆ ପ୍ଲାନର ପ୍ରଣୟ ଜେଠୀ, ଆଇଆଇଟିଆନ ତୃପ୍ତି ଆଚାର୍ଯ୍ୟ ଓ ହୋଷ୍ଟ ଅମୃତା ରଥଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ। ଅଭିନେତ୍ରୀ ସୁଚରିତା ସ୍ୱାଇଁ, ପାୟଲିଆ ଓ ଅର୍ପିତା ମଧ୍ୟ ଉପସ୍ଥିତ ଥିଲେ।

## ପୂଜା ପରେ ବଢ଼ିବ ବସ୍ ଭଡ଼ା

କୋଲକାତା, ୧୫ା୯(ସଂଚାର ବ୍ୟୁରୋ)ଃ ପୂଜା ଉତ୍ସବ ପରେ ବସ୍ ଭଡ଼ା ବୃଦ୍ଧି ପାଇବାର ସମ୍ଭାବନା ଅଛି ବୋଲି ପରିବହନ ମନ୍ତ୍ରୀ ଅର୍ଜୁନ ସିଂହ ସୂଚନା ଦେଇଛନ୍ତି। ରାଜ୍ୟ ମନ୍ତ୍ରୀ ଦିଲୀପ ଘୋଷ ବୃଦ୍ଧି ସପକ୍ଷରେ ମତ ଦେଇଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ ବସ୍, ଟ୍ରେନ୍ ଓ ଲୋକାଲ ଟ୍ରେନ୍ ଭଡ଼ା ଦୀର୍ଘ ବର୍ଷ ଧରି ବୃଦ୍ଧି କରାଯାଇନାହିଁ। ତେଣୁ ଏହାକୁ ବୃଦ୍ଧି କରିବାରେ କୌଣସି ଅସୁବିଧା ନାହିଁ।

## ଗ୍ୟାଙ୍ଗଷ୍ଟର ପ୍ରିନ୍ସ ଖାନଙ୍କ ଭାଇ ବଣ୍ଟି ଖାନ ଗିରଫ

କୋଲକାତା, ୧୫ା୯ (ସଂଚାର ବ୍ୟୁରୋ)ଃ ବିଦେଶରେ ରହି ଦାଦାବଟି ଆଦାୟକାରୀ ଗ୍ୟାଙ୍ଗ୍ ଚଳାଉଥିବା ଅଭିଯୋଗ ଥିବା ଫେରାର ଗ୍ୟାଙ୍ଗଷ୍ଟର ପ୍ରିନ୍ସ ଖାନର ଭାଇ ବଣ୍ଟି ଖାନକୁ ଧନବାଦ ପୁଲିସ କୋଲକାତା ବିମାନବନ୍ଦରରୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବଣ୍ଟି ଦୁବାଇ ପଳାଇବାକୁ ପ୍ରସ୍ତୁତି ଚଳାଇଥିଲା। ତା' ନିକଟରୁ ଏକ ନକଲି ପାସପୋର୍ଟ ଓ ଭିସା କାଗଜପତ୍ର ସମେତ ବିଦେଶ ଯାତ୍ରା ସମ୍ବନ୍ଧୀୟ ଅନେକ ଦସ୍ତାବିଜ ଜବତ କରାଯାଇଛି।

## ନକଲି ଡାକ୍ତର ଗିରଫ, ରୋଗୀ ସାଜି ଚଢ଼ାଉ କଲା ପୁଲିସ

କୋଲକାତା, ୧୫ା୯(ସଂଚାର ବ୍ୟୁରୋ)ଃ ପୁଲିସ ସୋନାରପୁରର ଘାସିଆରା ଅଞ୍ଚଳରୁ ଜଣେ ନକଲି ଡାକ୍ତରଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ପରିଚୟ ବିଶ୍ୱରୂପ ଆଚାର୍ଯ୍ୟ ଭାବେ ଚିହ୍ନଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ନିଜକୁ କର୍କଟ ରୋଗ ବିଶେଷଜ୍ଞ ଭାବେ ପରିଚୟ ଦେଉଥିଲେ। ଏକାଧିକ ନକଲି ଡିଗ୍ରୀ ବ୍ୟବହାର କରି ଦୀର୍ଘ ଦିନ ଧରି ଚିକିତ୍ସା ସେବା ଯୋଗାଇ ଆସୁଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଇ ହଜାର ପର୍ଯ୍ୟନ୍ତ...

ନୂଆ ନିୟମରେ କୁହାଯାଇଛି ଯେ, ୨୦୦୦ ଟଙ୍କାରୁ କମ୍ ପେମେଣ୍ଟ ଗ୍ରହଣ କରୁଥିବା ବ୍ୟବସାୟୀଙ୍କୁ କୌଣସି ଚାର୍ଜ ଦେବାକୁ ପଡ଼ିବ ନାହିଁ। ୟୁପିଆଇରେ ଏହିପରି ମୋଟ ଟ୍ରାଞ୍ଜାକ୍ସନ ୯୫ ପ୍ରତିଶତ ରହିଛି। ଏହାର ଅର୍ଥ ହେଉଛି କେବଳ ୫ ପ୍ରତିଶତ ମର୍ଚ୍ଚେଣ୍ଟ ବ୍ୟବସାୟୀଙ୍କୁ ଏହି ଚାର୍ଜ ଦେବାକୁ ପଡ଼ିବ। ସରକାରଙ୍କ ଏହି ପଦକ୍ଷେପ ଅଧୀନରେ ଛୋଟ ଲେଣ୍ଡେର ଏବଂ ଟାୟାର-୩ ଜୋନର ପାଇଁ ଡିଜିଟାଲ୍ ପେମେଣ୍ଟ ଇନଫ୍ରାଷ୍ଟ୍ରକ୍ଚରକୁ ଅପଗ୍ରେଡ୍ କରିବା ପାଇଁ ଏକ ସ୍ୱତନ୍ତ୍ର ଫଣ୍ଡ ମଧ୍ୟ ତିଆରି କରାଯିବ। ତେବେ ବ୍ୟକ୍ତିଗତ ସ୍ତରରେ ଗୋଟିଏ ବ୍ୟାଙ୍କ ଖାତାରୁ ଅନ୍ୟ ଏକ ବ୍ୟାଙ୍କ ଖାତାକୁ ହେଉଥିବା ସିଧାସଳଖ ନେଣଦେଣ ପୂର୍ବପରି ସମ୍ପୂର୍ଣ୍ଣ ମାଗଣା ରହିବ।

### ଶାହଙ୍କ ଘୋଷଣା...

ବିକାଶ) ଭଳି ପ୍ରମୁଖ ସହଯୋଗୀମାନେ ଏହାକୁ ବିହାର କିମ୍ବା ନିଜ ରାଜ୍ୟରେ ଲାଗୁ କରିବାକୁ ନେଇ ସତର୍କ ଓ ବିରୋଧୀ ମନୋଭାବ ଗ୍ରହଣ କରିଛନ୍ତି। ସେତେବେଳେ କି ଟିଡିପି, ଶିବସେନା ଓ ଏଡ୍‌ଏମ୍‌କେ ଭଳି ଦଳ ଏହାକୁ ସମର୍ଥନ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ଘୋଷଣାକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା କଡ଼ା ପ୍ରତିକ୍ରିୟା ରଖିଛନ୍ତି। ଯେତେବେଳେ ଖୋଦ୍ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)ର ନିଜ ସହଯୋଗୀମାନେ ଏହାକୁ ଲାଗୁ କରିବା ପାଇଁ ପ୍ରସ୍ତୁତ ନାହାନ୍ତି, ସେତେବେଳେ ଗୃହମନ୍ତ୍ରୀ କେଉଁଠି ୟୁସିସି କିପରି କାର୍ଯ୍ୟକାରୀ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏନ୍‌ଡିଏର ସମସ୍ତ ଦଳ ଏଥିପାଇଁ ରାଜି ନୁହଁନ୍ତି ଓ ବିଜେପିର ପ୍ରମୁଖ ସହଯୋଗୀ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ବିହାରରେ ଏହା ଲାଗୁ ହେବ ନାହିଁ ବୋଲି ସ୍ପଷ୍ଟ ଭାବେ କହିସାରିଛି। ଯଦି ସେମାନଙ୍କ ନିଜ ଲୋକମାନେ ହିଁ ଏଥିପାଇଁ ପ୍ରସ୍ତୁତ ନାହାନ୍ତି, ତେବେ ସମଗ୍ର ଦେଶରେ ଏହା କିପରି ଲାଗୁ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ସଂସଦରେ ଏହି ବିଧେୟକ ପାସ୍ କରିବାରେ ସଫଳ ହେବେ ନାହିଁ ବୋଲି ସେ ମତ ଦେଇଛନ୍ତି।

### ଦେଶରେ ୧୫%...

ଅଭାବ ରହିଛି। ଅନେକ ପ୍ରମୁଖ କୃଷି ପ୍ରଧାନ ରାଜ୍ୟରେ ଏହି ଅଭାବ ପୂରଣ ହେବାର ଆଶା ଖୁବ୍ କମ୍। ମୌସୁମୀ ଆରମ୍ଭରେ କମ୍ ବର୍ଷାର ଆଶଙ୍କାକୁ ଦୃଷ୍ଟିରେ ରଖି ସରକାର ୩୧୫ଟି ଜିଲ୍ଲା ପାଇଁ ଆକସ୍ମିକ ଯୋଜନା କାର୍ଯ୍ୟକାରୀ କରିଥିଲେ। ଏଥିମଧ୍ୟରୁ ୧୧୧ଟି ଜିଲ୍ଲା ସବୁଠାରୁ ଅଧିକ ସଂବେଦନଶୀଳ ଥିଲେ, କାରଣ ସେଠାରେ ଜଳସେଚନ ସୁବିଧା ୨୫%ରୁ କମ୍ ଥିଲା। ୭୬ଟି ଜିଲ୍ଲା ମଧ୍ୟମ ସମ୍ବେଦନଶୀଳ ଏବଂ ୧୨୮ଟି ଜିଲ୍ଲାରେ ଜଳସେଚନ ସୁବିଧା ତୁଳନାତ୍ମକ ଭାବେ ଭଲ ଥିଲା। ଏହି ଜିଲ୍ଲାଗୁଡ଼ିକ ମୁଖ୍ୟତଃ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତରପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ବିସ୍ତୃତ। ମୌସୁମୀ ସମ୍ପୂର୍ଣ୍ଣ ଫେରିବା ପୂର୍ବରୁ କିଛି ଅଞ୍ଚଳରେ ବର୍ଷା ଜାରି ରହିବ। ୧୫ରୁ ୧୭ ସେପ୍ଟେମ୍ବରରେ ଜମ୍ମୁ-କାଶ୍ମୀର ଓ ଲଦାଖରେ ବ୍ୟାପକ ବର୍ଷାର ସମ୍ଭାବନା ରହିଛି। ୧୬ରୁ ୧୭ ସେପ୍ଟେମ୍ବରରେ ପଞ୍ଜାବ, ହରିୟାଣା ଓ ଦିଲ୍ଲୀରେ ବର୍ଷା ହୋଇପାରେ। ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ତାମିଲନାଡୁ, ପୁଡୁଚେରୀରେ ୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଏବଂ କେରଳରେ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ବର୍ଷା ଅନୁମାନ କରାଯାଇଛି। ଓଡ଼ିଶା ଓ ବିହାରରେ ମଧ୍ୟ କେତେକ ସ୍ଥାନରେ ବର୍ଷା ସମ୍ଭାବନା ଅଛି। ଏହି ବର୍ଷା ସ୍ଥାନୀୟ ସ୍ତରରେ ସାମାନ୍ୟ ଆଶ୍ୱସ୍ତି ଦେଇପାରେ, କିନ୍ତୁ ବଡ଼ ସ୍ତରରେ ବର୍ଷାର ଅଭାବକୁ ପୂରଣ କରିବା ପାଇଁ ଯଥେଷ୍ଟ ନୁହେଁ। ବର୍ଷା ଅଭାବ ଯୋଗୁଁ ଖରିଫ ଫସଲ ମୁଖ୍ୟତଃ ଧାନ, ମକା, କପା ଓ ଡାଲି ଜାତୀୟ ଫସଲ ଉପରେ ଚାପ ବଢ଼ିପାରେ। କମ୍ ଜଳସେଚନ ଥିବା ଅଞ୍ଚଳରେ ଚାଷୀଙ୍କୁ କମ୍ ପାଣି ଆବଶ୍ୟକ କରୁଥିବା ଫସଲ ଲଗାଇବାକୁ ପରାମର୍ଶ ଦିଆଯାଉଛି।

### ନନ୍ଦନକାନନରେ...

ଖୁଆଡ଼ରେ ରଖିବା ଦରକାର। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ଶାବକ ବାଂଲାଦେଶର ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି। ତେବେ କିଏ, କାହିଁକି ଓ କେଉଁଠିକୁ ନେଉଥିଲା ଏନେଇ ଆହୁରି ଖୋଲତାଡ଼ ହେବାର ଆବଶ୍ୟକତା ରହିଛି। ଓଡ଼ିଶାରୁ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ତଦନ୍ତ ହେବା ଦରକାର ଓ ଏହି ଆନ୍ତର୍ଜାତୀୟ ସ୍ମଗଲିଙ୍ଗରେ ରୋକ୍ ଲଗାଯିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ।

### ୧୨ ନୁହେଁ...

ଠାରୁ କିପରି ଭିନ୍ନ କରିଛି ସେ ସମ୍ପର୍କରେ କହିଛନ୍ତି। ତାଙ୍କ ମତରେ, ମୋଦି ଦେଶର ବିଭିନ୍ନ ଅଞ୍ଚଳରେ ରହି ଲୋକଙ୍କ ସହ ନିକଟରୁ କାମ କରିଛନ୍ତି। ଏହି ଅଭିଜ୍ଞତା ତାଙ୍କୁ ଭାରତର ସମାଜ, ସଂସ୍କୃତି ଓ ଲୋକଙ୍କ ଭାବନାକୁ ଗଭୀର ଭାବରେ ବୁଝିବାରେ ସହାୟତା କରିଛି। ତାଙ୍କ ନେତୃତ୍ୱର ଏହି ଦିଗଟି ତାଙ୍କୁ ଅନ୍ୟ ନେତାଙ୍କଠାରୁ ଅଲଗା କରୁଛି ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଓଡ଼ିଶା ସହ ସମ୍ପର୍କକୁ ନେଇ ମଧ୍ୟ ଧର୍ମେନ୍ଦ୍ର କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ମୋଦିଙ୍କର ଗଭୀର ଆସ୍ଥା ଓ ଆକର୍ଷଣ ରହିଛି। ସୁଯୋଗ ମିଳିଲେ ପ୍ରଧାନମନ୍ତ୍ରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିବାକୁ ଗୁରୁତ୍ୱ ଦେଇଥାନ୍ତି। ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟର ଭାଷାର ଶବ୍ଦକୁ ନିଜ ଭାଷଣରେ ବ୍ୟବହାର କରନ୍ତି। କାରଣ ସେ ଭାରତୀୟ ଭାଷାଗୁଡ଼ିକର ଜଣେ ବଡ଼ ସମର୍ଥକ। ଦେଶର ସମସ୍ତ ଭାଷା ପରସ୍ପର ସହ ଜଡ଼ିତ ଏବଂ ଭାଷା ମାଧ୍ୟମରେ ଲୋକଙ୍କ ସହ ନିକଟତର ହେବାର ଆବଶ୍ୟକତାକୁ ମୋଦି ବୁଝିଛନ୍ତି ବୋଲି ସେ କହିଛନ୍ତି। ଓଡ଼ିଶା ଗସ୍ତ ସମୟରେ ଓଡ଼ିଆ ଭାଷାର ଶବ୍ଦ ବ୍ୟବହାର କରିବା ଏବଂ ଅନ୍ୟ ରାଜ୍ୟକୁ ଗଲେ ସେଠାକାର ଭାଷାକୁ ନିଜ ଭାଷଣରେ ସାମିଲ କରିବା ମୋଦିଙ୍କ ଲୋକସମ୍ପର୍କର ଏକ ବିଶେଷ ଦିଗ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୋଦି ସରକାରଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବଡ଼ ବଡ଼ ଯୋଜନା କେବଳ ଘୋଷଣାରେ ସୀମିତ ନ ରହି ତାହାର ଲାଭ ଯେପରି ଲୋକଙ୍କ ପାଖରେ ପହଞ୍ଚେ, ପ୍ରଧାନମନ୍ତ୍ରୀ ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତି। ପ୍ରତିମାସ 'ପ୍ରଗତି' ବୈଠକ ମାଧ୍ୟମରେ ଦେଶର ବିଭିନ୍ନ ବଡ଼ ପ୍ରକଳ୍ପର ସମୀକ୍ଷା କରାଯାଏ। ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ କେଉଁଠି ସମସ୍ୟା ରହିଛି, କେଉଁଠି ବିଳମ୍ବ ହେଉଛି ଏବଂ କିପରି ତାହାର ସମାଧାନ କରାଯିବ, ଏସବୁ ଦିଗ ଉପରେ ପ୍ରଧାନମନ୍ତ୍ରୀ ନିଜେ ଅଧିକାରୀମାନଙ୍କ ସହ ଆଲୋଚନା କରନ୍ତି। ଏହା ଫଳରେ ବିକାଶ ପ୍ରକଳ୍ପଗୁଡ଼ିକର ଗତି ବଢ଼ିଛି ବୋଲି ସେ ଦାବି କରିଛନ୍ତି। ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ନିଜ ଅନୁଭୂତି ବାଣ୍ଟିବାକୁ ଯାଇ ସେ କହିଛନ୍ତି ଯେ, ଯେତେବେଳେ ସେ ଏହି ଯୋଜନାର ପ୍ରସ୍ତାବ ନେଇ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯାଇଥିଲେ, ସେତେବେଳେ ଏହାର ଯୋଜନା ଓ କାର୍ଯ୍ୟାନ୍ୱୟନ ନେଇ ପ୍ରସ୍ତୁତି କରାଯାଇଥିଲା। ଏହି ସମୟରେ 'ଗିଭ୍ ଇଟ୍ ଅପ୍' ଅଭିଯାନ ଆରମ୍ଭ କରାଯାଇଥିଲା। ଯେଉଁ ସମ୍ପନ୍ନ ପରିବାରଗୁଡ଼ିକୁ ଏଲ୍‌ପିଜି ସବସିଡିର ଆବଶ୍ୟକତା ନାହିଁ, ସେମାନେ ସବସିଡି ଛାଡ଼ିଦେଇ ଗରିବ ପରିବାରଙ୍କୁ ଏହାର ସୁଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ। ମୋଦିଙ୍କ ଏହି ଭାବନାପ୍ରବଣ ଆହ୍ୱାନର ପ୍ରଭାବରେ ବହୁ ସଂଖ୍ୟକ ଲୋକ ଏଲ୍‌ପିଜି ସବସିଡି ଛାଡ଼ିଥିଲେ। ମୋଦି ୧୨ ବର୍ଷର କାର୍ଯ୍ୟକାଳରେ କେନ୍ଦ୍ର ସରକାର ବହୁ ବଡ଼ ଓ ବ୍ୟାପକ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି। ଯୋଜନା ଓ ନୀତିକୁ କେବଳ ଘୋଷଣା କରିବା ନୁହେଁ, ତାହାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି।

### ଜେଲ୍‌ରୁ ମୁକୁଳିବେନି...

ପ୍ରତିକ୍ରିୟା ସୃଷ୍ଟି କରିଥିଲା। ମାମଲାରେ ଦାରା ସିଂହଙ୍କୁ ୨୦୦୩ରେ ଟ୍ରାଏଲ୍ କୋର୍ଟ ମୃତ୍ୟୁଦଣ୍ଡ ଦେଇଥିଲେ। ପରେ ୨୦୦୫ରେ ଓଡ଼ିଶା ହାଇକୋର୍ଟ ଏହି ଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ଦୋଷସିଦ୍ଧିକୁ ବଜାୟ ରଖିଥିଲେ। ଉଲ୍ଲେଖଯୋଗ୍ୟ, ଦାରା ସିଂହଙ୍କ ଆଗୁଆ ମୁକ୍ତି ଆବେଦନ ପୂର୍ବରୁ ମଧ୍ୟ ୨୦୧୬, ୨୦୧୯, ୨୦୨୦, ୨୦୨୨ ଓ ୨୦୨୩ରେ ଖାରଜ ହୋଇଥିଲା। ଏବେ ବୋର୍ଡର ନୂଆ ନିଷ୍ପତ୍ତି ପରେ ସମସ୍ତଙ୍କ ନଜର ସେପ୍ଟେମ୍ବର ୧୭ରେ ସୁପ୍ରିମକୋର୍ଟରେ ହେବାକୁ ଥିବା ଶୁଣାଣି ଉପରେ।

### ପ୍ରକଳ୍ପ କାର୍ଯ୍ୟକୁ...

କାମରେ ଆଖିଦୃଶିଆ ଅଗ୍ରଗତି ନଥିବା ଏବଂ ସମୟସୀମା ମଧ୍ୟରେ କାମ ଶେଷ କରିବା ନେଇ ପ୍ରତିବଦ୍ଧତା ଦେଖାଯାଉ ନଥିବା ସେ ଦର୍ଶାଇଛନ୍ତି। ଏହାର ତଦାରଖ କାମ ସୋନପୁର ଆର-ଆଣ୍ଡ-ବି ଡିଭିଜନକୁ ଦେବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ନବରଙ୍ଗପୁର ବାଇପାସ୍ ନିର୍ମାଣରେ ଅତ୍ୟଧିକ ବିଳମ୍ବକୁ ନେଇ ସାଂସଦ ବଳଭଦ୍ର ମାଝୀ ଆପତ୍ତି ଉଠାଇଛନ୍ତି। ୨୦୨୪ ଡିସେମ୍ବରରେ କାମ ଆରମ୍ଭ ପାଇଁ ଠିକା ଦିଆଯାଇଥିବା ବେଳେ ୨୪ ମାସ ମଧ୍ୟରେ କାମ ଶେଷ କରିବାର ଲକ୍ଷ୍ୟ ରହିଥିଲା। କିନ୍ତୁ ୨୧ ମାସ ବିତିଥିଲେ ମଧ୍ୟ ଅଗ୍ରଗତି ମାତ୍ର ପ୍ରାୟ ୧୦% ବୋଲି ସେ ଦର୍ଶାଇଛନ୍ତି। ବିଳମ୍ବର କାରଣ ନେଇ ସରକାରୀ ତଦନ୍ତ ସହିତ ଦାୟୀ ସଂସ୍ଥା କିମ୍ବା ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ବ୍ରହ୍ମପୁର ଗେଟ୍ ବଜାର ଫ୍ଲାଏଓଭର୍ ନିର୍ମାଣରେ ବ୍ୟବହୃତ ସାମଗ୍ରୀର ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେପି ସାଂସଦ ପ୍ରଦୀପ ପାଣିଗ୍ରାହୀ। ସ୍ଥାନୀୟ ବାସିନ୍ଦା, ଯାତାୟାତକାରୀ ଓ ବିଭିନ୍ନ ସଂଗଠନରୁ ଅଭିଯୋଗ ମିଳିଥିବା ଦର୍ଶାଇ ସେ ଫ୍ଲାଏଓଭର୍ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଏଥିସହ କାମରେ ବିଳମ୍ବ ଯୋଗୁଁ ଟ୍ରାଫିକ୍ ସମସ୍ୟା, ଧୂଳି ପ୍ରଦୂଷଣ ଓ ବ୍ୟବସାୟୀଙ୍କ କ୍ଷତି ହେଉଥିବା ସେ କହିଛନ୍ତି। ଫ୍ଲାଏଓଭର୍ର ନିର୍ମାଣ ସାମଗ୍ରୀ, ଷ୍ଟ୍ରକଚରାଲ୍ ଡିଜାଇନ୍ ଓ ସୁରକ୍ଷା ମାନ ଯାଞ୍ଚ ପାଇଁ ସ୍ୱାଧୀନ ବୈଷୟିକ ଅଡିଟ୍ କରିବାକୁ ପାଣିଗ୍ରାହୀ ଦାବି କରିଛନ୍ତି। ଏଥିସହ କାମ ପାଇଥିବା ଠିକାଦାର ଓ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ସେ ଦାବି କରିଛନ୍ତି। ଶାସକଦଳର ତିନି ଜଣ ସାଂସଦ ଏଭଳି ଅସନ୍ତୋଷ ଝାଡ଼ିବା ପରେ ଏହାକୁ ନେଇ ବିରୋଧୀ ବି ସକ୍ରିୟ ହୋଇ ଉଠିଛନ୍ତି। ଏହାକୁ ପ୍ରସଙ୍ଗ କରି ରାଜନୀତି ପାଇଁ ସଜବାଜ ହେଉଥିବାବେଳେ ବିରୋଧିଙ୍କୁ ଏ ସୁଯୋଗ ନଦେବାକୁ ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଇଛି।

### ବାରୁଦ ଉପରେ ବସିଛି ବଜାର

# ୯୦% ଦୋକାନରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

**ମଝି ବଜାରରେ ବେଆଇନ ଗ୍ୟାସ ଫିଲିଂ**

**ହସ୍ପିଟାଲରେ ବି ସୁରକ୍ଷା ନାହିଁ**

**ନିଦରେ ପ୍ରଶାସନ**



**କାକଟପୁର/ଅସ୍ତରଙ୍ଗ,୧୫।୯ (ସଂଚାର ବ୍ୟୁରୋ):** ଆପଣ ଯେଉଁ ବଜାରକୁ ପରିବାର ସହ ନିର୍ଭୟରେ ଯାଇ ପୂଜା ପାଇଁ ଲୁଗା କିଣୁଛନ୍ତି, ସେ ବଜାର ଭିତରେ କେତେ ବଡ ମୃତ୍ୟୁର ଫାସ ଲୁଚି ରହିଛି ଜାଣନ୍ତି କି? ଗୋଟିଏ ନିଆଁ ଗୁଳା, ଗୋଟିଏ ଦିଆସିଲି କାଠି ହିଁ ଯଥେଷ୍ଟ ପୁରା ମାର୍କେଟକୁ ପାଉଁଶ କରିଦେବା ପାଇଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ହାଟ, କାକଟପୁର ମୁଖ୍ୟ ବଜାର, ଓଥକା ମାର୍କେଟ ଓ ବାଙ୍ଗୁରିଗାଁ ଛକରୁ ଏମିତି ଏକ ଛାତି ଥରାଇ ଦେବା ଭଳି ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। ଏଠାରେ ଏବେ ଲୁଗା ଦୋକାନ ଆଢୁଆଳରେ ଖୁଲମଖୁଲା ଚାଲିଛି ମୃତ୍ୟୁର ବ୍ୟବସାୟ, ହେଲେ ପ୍ରଶାସନ ଘୋର ନିଦ୍ରାରେ।

"ସଂଚାର"ର ଗ୍ରାଉଣ୍ଡ ଜିରୋ ଅନୁସନ୍ଧାନରୁ ଜଣା ପଡିଛି, ଏଠାରେ ଥିବା ପ୍ରାୟ ୯୦ ପ୍ରତିଶତ ବଡ ବଡ ଲୁଗା ଦୋକାନ, ଗ୍ରୋସରୀ ଦୋକାନ ଓ ହାର୍ଡୱେୟାର ଷ୍ଟୋରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଶୂନ। ଅଧିକାଂଶ ଦୋକାନରେ ଫାୟାର ଏକ୍ସଟିଙ୍ଗୁଇସର ନାହିଁ, ଯେଉଁ ଦୁଇ ଗୋଟିରେ ଅଛି ତାହା ବର୍ଷ ବର୍ଷ ହେଲା ଏକ୍ସପାୟାରୀ ହୋଇ ଧୂଳି ଖାଉଛି। ନା ଅଛି ସ୍ମୋକ ଡିଟେକ୍ଟର, ନା ଅଛି ବାହାରିବା ପାଇଁ ଇମରଜେନ୍ସି ଗେଟ୍। ଦୋକାନ ଭିତରେ ତେଲ, ଘିଅ, ପ୍ଲାଷ୍ଟିକ, ପଲିଥିନ ଓ କପଡା ଗଦା ହୋଇ ରହିଛି, ଯାହା ନିଆଁ ଲାଗିଲେ ନିମିଷକ ମଧ୍ୟରେ ବ୍ୟାପିଯିବ।

ଏହାଠୁ ବଡ ବିପଦ ହେଲା ବଜାର ମଝିରେ ଏମିତିକି କାକଟପୁର ବଜାର ହେଉ କି ଅସ୍ତରଙ୍ଗ ବଜାରରେ ଥିବା ପ୍ରାୟ ୨୦ରୁ ଅଧିକ ବେଆଇନ ଗ୍ୟାସ ଫିଲିଂ ଦୋକାନ। ଏମାନେ କୌଣସି ସୁରକ୍ଷା ବ୍ୟବସ୍ଥା ବିନା ବଡ କମର୍ସିଆଲ ସିଲିଣ୍ଡରରୁ ଛୋଟ ଘରୋଇ ସିଲିଣ୍ଡରକୁ ଗ୍ୟାସ ଭରୁଛନ୍ତି। ଅଧିକାଂଶ ଦୋକାନ ଲୁଗା ଦୋକାନକୁ ଲାଗିକରି ରହିଛି। ଗୋଟିଏ ଛୋଟ ଲିକ୍ ବି ବଡ ବିସ୍ଫୋରଣ କରିପାରେ। ଏହି ଅନୁସନ୍ଧାନରୁ ଆଉ ଏକ ଭୟଙ୍କର ସତ ସାମ୍ନାକୁ ଆସିଛି। କେବଳ ଦୋକାନ ବଜାର ନୁହେଁ, କାକଟପୁର ଓ ଅସ୍ତରଙ୍ଗରେ ଗଢି ଉଠିଥିବା ଅନେକ ବେସରକାରୀ ନର୍ସିଂହୋମ ଓ କ୍ଲିନିକ୍ ଏମିତିକି ସରକାରୀ ମେଡିକାଲରେ ମଧ୍ୟ ଅଗ୍ନି ନିରାପତ୍ତା ଯାଞ୍ଚ ହେଉନାହିଁ। ନା ଅଛି ଫାୟାର ଅଡିଟ୍, ନା କାର୍ଯ୍ୟକ୍ଷମ ସିଲିଣ୍ଡର, ନା ଫାୟାର ଏକ୍ଜିଟ୍ ପ୍ଲାନ। ଯେଉଁଠି ଜୀବନ ବଞ୍ଚାଯିବା କଥା, ସେଠି ହିଁ ଜୀବନ ସବୁଠୁ ଅଧିକ ବିପଦରେ। ଅଗ୍ନିଶମ ବିଭାଗ ହସ୍ପିଟାଲ ଗୁଡିକୁ ବର୍ଷ ବର୍ଷ ଧରି ଯାଞ୍ଚ କରିନାହିଁ ବୋଲି ଅଭିଯୋଗ ହେଉଛି।

ନିୟମ ଅନୁଯାୟୀ ୨୫୦ ବର୍ଗଫୁଟରୁ ବଡ ଦୋକାନ ଓ ସମସ୍ତ ହସ୍ପିଟାଲରେ ଫାୟାର ଲାଇସେନ୍ସ ବାଧ୍ୟତାମୂଳକ। ହେଲେ ବିଭାଗ କେବେ ଆସେନି। ସାମ୍ନାକୁ ପୂଜା ଭିଡ ବଢିବ, ଏବେ ଚଢାଉ ନହେଲେ ବଡ ଅଘଟଣ ଅବଶ୍ୟମ୍ଭାବୀ। ଏଣୁ ପୁରୀ ଜିଲ୍ଲାପାଳ ଓ ଅଗ୍ନିଶମ ବିଭାଗ ତୁରନ୍ତ ବଜାର ଓ ହସ୍ପିଟାଲ ଗୁଡିକର ଅଗ୍ନି ନିରାପତ୍ତା ଯାଞ୍ଚ କରନ୍ତୁ ବୋଲି ଦାବି ହେଉଛି।

## ଇଫକୋ ପାରାଦୀପକୁ 'ଗ୍ରୀନଟେକ୍ ପରିବେଶ ପୁରସ୍କାର-୨୦୨୬'



**ପାରାଦୀପ, ୧୫।୯ (ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଇଫକୋ ପାରାଦୀପ ୟୁନିଟ୍ 'ଗ୍ରୀନଟେକ୍ ପରିବେଶ ପୁରସ୍କାର-୨୦୨୬' ହାସଲ କରିଛି। ରାଜସ୍ଥାନର ଯୋଧପୁରରେ ସେପ୍ଟେମ୍ବର ୧୦ ତାରିଖରେ ଆୟୋଜିତ ୨୫ତମ ଗ୍ରୀନଟେକ୍ ପରିବେଶ ଓ ସଷ୍ଟେନେବିଲିଟି ଶିଖର ସମ୍ମିଳନୀ-୨୦୨୬ରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ଇଫକୋ ପାରାଦୀପ ୟୁନିଟ୍ର ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହଙ୍କ ପକ୍ଷରୁ ମ୍ୟାନେଜର (ଇପିସି) ଡି. ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ। ଓଏନଜିସିର ପୂର୍ବତନ ନିର୍ଦ୍ଦେଶକ ବେଦ ପ୍ରକାଶ ମହାୱାରଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଥିଲେ। ପରିବେଶ ଅନୁକୂଳ କାର୍ଯ୍ୟପ୍ରଣାଳୀ ଆପଣାଇ କାର୍ବନ ପାଦଚିହ୍ନ ହ୍ରାସ, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଦିଗରେ ଇଫକୋ ପାରାଦୀପ ନିରନ୍ତର କାର୍ଯ୍ୟ କରିଆସୁଛି। ଏହି ସଫଳତା ପଛରେ ୟୁନିଟ୍ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ଏବଂ ବରିଷ୍ଠ ମହାପ୍ରବନ୍ଧକ (ଉତ୍ପାଦନ) କେ.ଆର୍.ଏନ୍. ମୂର୍ତ୍ତିଙ୍କ ମାର୍ଗଦର୍ଶନ ସହ ଇଫକୋ ପାରାଦୀପ ପରିବାରର ସମସ୍ତ କର୍ମଚାରୀଙ୍କ ଅବଦାନ ରହିଛି।

### ମାଲକାନଗିରି ଝିଅର ଜାତୀୟ ସଫଳତା

## ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ଜିତିଲେ ୨ ପଦକ




**ମାଲକାନଗିରି,୧୫।୯ (ସଂଚାର ବ୍ୟୁରୋ):** ଜାତୀୟ ସ୍ତରର ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାର ଜଣେ ମହିଳା କ୍ରୀଡ଼ାବିତ୍ ଉଲ୍ଲେଖନୀୟ ସଫଳତା ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

ସେପ୍ଟେମ୍ବର ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ପିତମପୁରାଠାରେ ଅନୁଷ୍ଠିତ ସିନିୟର ଜାତୀୟ ପାୱାରଲିଫ୍ଟିଂ, ଡେଡ୍ଲିଫ୍ଟ ଓ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତାରେ ଦେଶର ୧୭ଟି ରାଜ୍ୟରୁ ୫୬୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୨୦ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବାବେଳେ ମାଲକାନଗିରି ଜିଲ୍ଲାର ରୟାଲ୍ ଫିଟନେସ୍ ଜିମ୍ର ସଞ୍ଜିତା ହାଲଦାର ୮୪ କିଲୋଗ୍ରାମରୁ ଉର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗିତା କରିଥିଲେ।

ସଞ୍ଜିତା ବେଞ୍ଚ୍ ପ୍ରେସ୍ରେ ୭୭.୫ କିଲୋଗ୍ରାମ ଓଜନ ଉଠାଇ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଡେଡ୍ଲିଫ୍ଟରେ ୧୩୫ କିଲୋଗ୍ରାମ ଓଜନ ଉଠାଇ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଜିତିଛନ୍ତି।

ଜାତୀୟ ସ୍ତରରେ ସଞ୍ଜିତାଙ୍କ ଏହି ସଫଳତା ମାଲକାନଗିରି ଜିଲ୍ଲାର କ୍ରୀଡ଼ା ଜଗତରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଛି। ତାଙ୍କ ଏହି ସଫଳତା ପଛରେ ରୟାଲ୍ ଫିଟନେସ୍ ଜିମ୍ର ପ୍ରଶିକ୍ଷକ ସିଦ୍ଧାର୍ଥ ଶଙ୍କର ବେହେରାଙ୍କ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ରହିଥିବା ଜଣାପଡ଼ିଛି।

## ଝାଡେଶ୍ୱରୀ ମନ୍ଦିର ନିକଟ ରାସ୍ତା ଜଳାର୍ଣ୍ଣବ, ପର୍ଯ୍ୟଟକ ହନ୍ତସନ୍ତ

**ପୁରୀ, ୧୫।୯ (ସଂଚାର ବ୍ୟୁରୋ):** ମହାନଗର ନିଗମ ଅନ୍ତର୍ଗତ ପର୍ଯ୍ୟଟକ ବହୁଳ ରାସ୍ତା ଝାଡେଶ୍ୱରୀ ମନ୍ଦିର ନିକଟରେ ପାଣି ଦୀର୍ଘ ୧୫ ଦିନ ଧରି ଜମି ରହୁଥିଲେ ମଧ୍ୟ ନିଷ୍କାସିତ ହୋଇପାରୁ ନାହିଁ। ଭିଆଇପି ରୋଡ ଝାଡେଶ୍ୱରୀ ମନ୍ଦିର ପୋଲିସ ଲାଇନ ଦେଇ ଷ୍ଟେସନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁଁ ଏଭଳି ଅକଥନୀୟ ଅବସ୍ଥା ପଥଚାରୀ ଓ ପର୍ଯ୍ୟଟକ ଭୋଗୁଛନ୍ତି। ଝାଡେଶ୍ୱରୀ ମନ୍ଦିରକୁ ପଙ୍କ କାଦୁଅ ପାଣି ଚକଟି ଶ୍ରଦ୍ଧାଳୁ ଦର୍ଶନ ପାଇଁ ଯାଉଛନ୍ତି। ଟ୍ରେନରେ ଆସୁଥିବା ପର୍ଯ୍ୟଟକ ମାନେ ସେହି ରାସ୍ତା ଦେଇ ଆସୁଥିବା ବେଳେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପୁରୀ ପୌରସଂସ୍ଥା ମହାନଗର ନିଗମ ହୋଇଥିବା ବେଳେ କେବଳ ସାଇନବୋର୍ଡରେ ରହିଯାଇଛି। ସେହି ରାସ୍ତାଟି ଅର୍ଦ୍ଧ ଚନ୍ଦ୍ର ହୋଇ ରହିଥିବାରୁ ପାଣି ଜମି ରହୁଛି। ମାସକ ତଳେ ଗୋଡି ବାଡ଼ିଆ ପିଚୁ ହୋଇଥିଲେ ମଧ୍ୟ ରାସ୍ତା ସମତୁଲ କରାଯାଇନାହିଁ। ପୁରୀର ବିକାଶ କରାଯାଉଛି ବୋଲି ଡିଣ୍ଡିମ ବାଜୁଥିବା ବେଳେ ପ୍ରକୃତପକ୍ଷେ ଆଖିଦୃଶିଆ କାମ ହୋଇପାରୁନାହିଁ। ରାସ୍ତା ଓସାରିକରଣ ସହ ଡ୍ରେନ କରିବା ପାଇଁ ଆଲୋଚନା ହେଉଛି।

## ପାଷ୍ଟିକୁଡ଼ିରେ ଭକ୍ତି ଓ ଭାଇଚାରାର ପରିବେଶରେ ନୂଆଁଖାଇ ପାଳିତ



**କେସିଙ୍ଗା, ୧୫।୯ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅନ୍ୟାନ୍ୟ ପର୍ବପର୍ବାଣୀଠାରୁ ଏକ ସ୍ୱତନ୍ତ୍ର ଓ ନିଆରା ପରମ୍ପରା ବହନ କରିଆସୁଛି। କୃଷି ଓ ଚାଷୀ ଜୀବନ ସହିତ ଗଭୀର ଭାବେ ଜଡ଼ିତ ଏହି ପର୍ବ କେବଳ ନୂଆ ଧାନ ଖାଇବାର ଏକ ଅବସର ନୁହେଁ, ବରଂ ପରିବାରର ମିଳନ, ଗୁରୁଜନଙ୍କ ପ୍ରତି ସମ୍ମାନ, ସାମାଜିକ ସମ୍ପର୍କ ଓ ଭାଇଚାରାର ଏକ ପ୍ରତୀକ ଭାବେ ପଶ୍ଚିମ ଓଡ଼ିଶାରେ ପାଳିତ ହୋଇଆସୁଛି।

ନୂଆଁଖାଇ ପାଇଁ ବାହାର ରାଜ୍ୟ କିମ୍ବା ଦୂରଦୂରାନ୍ତରେ ରହୁଥିବା ଅନେକ ଲୋକ ନିଜ ଗାଁ ଓ ଘରକୁ ଫେରିଥାନ୍ତି। ପର୍ବକୁ ନେଇ ଗାଁରେ ଥିବା ପରିବାରଗୁଡ଼ିକ ମଧ୍ୟରେ ଉତ୍ସାହ ବଢ଼ିଥାଏ। ବାପା, ମାଆ, ଭାଇ, ଭଉଣୀ ଓ ଅନ୍ୟ ସମ୍ପର୍କୀୟମାନେ ଏକାଠି ହୋଇ ନୂଆଁଖାଇ ପାଳନ କରିବାରେ ଗାଁର ପରିବେଶ ଉତ୍ସବମୁଖର ହୋଇଉଠେ।

ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡ଼ି ଗ୍ରାମରେ ମଧ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ନୂଆଁଖାଇ ପାଳନ କରାଯାଇଥିଲା। ଗ୍ରାମର ଇଷ୍ଟଦେବୀ ମା' ଫୁଲମତିଙ୍କ ନିକଟରେ ପ୍ରଥମେ ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ା ଓ ଅନ୍ୟାନ୍ୟ ନୈବେଦ୍ୟ ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଇଷ୍ଟଦେବୀଙ୍କ ନିକଟରେ ନୂଆଁ ପ୍ରସାଦ ଅର୍ପଣ ପରେ ଗ୍ରାମବାସୀ ନୂଆଁଖାଇ ପ୍ରସାଦ ଗ୍ରହଣ କରିଥିଲେ।

ପର୍ବ ଅବସରରେ ପାଷ୍ଟିକୁଡ଼ି ଗ୍ରାମରେ ପରିବାର ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ମିଳନର ପରିବେଶ ଦେଖିବାକୁ ମିଳିଥିଲା। ଘରେ ଘରେ ନୂଆ ଧାନରୁ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ପରିବାର ସଦସ୍ୟମାନେ ଏକାଠି ବସି ନୂଆଁ ଖାଇବା ସହିତ ପରସ୍ପରକୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ।

ନୂଆଁଖାଇର ଅନ୍ୟତମ ସାମାଜିକ ପରମ୍ପରା ଅନୁଯାୟୀ ଛୋଟମାନେ ନିଜ ପରିବାରର ବାପା, ମାଆ ଓ ଗୁରୁଜନଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇଥିଲେ। ଗାଁର ବୟୋଜ୍ୟେଷ୍ଠ ଓ ସମ୍ମାନନୀୟ ବ୍ୟକ୍ତିମାନଙ୍କୁ ମଧ୍ୟ ସମ୍ମାନ ଜଣାଇବାର ପରମ୍ପରା ଦେଖିବାକୁ ମିଳିଥିଲା। ଏହା ମାଧ୍ୟମରେ ପରିବାର ଓ ସମାଜରେ ପରସ୍ପର ସମ୍ମାନ ଓ ସମ୍ପର୍କର ଗୁରୁତ୍ୱ ପ୍ରକାଶ ପାଇଥିଲା।

ନୂଆଁଖାଇ ପର୍ବର ଆଉ ଏକ ଆକର୍ଷଣ ହେଉଛି ପାରମ୍ପରିକ ବାଦ୍ୟ ଓ ଲୋକକଳା। ଅନେକ ଗ୍ରାମରେ ଘୁମୁରା, ମାଦଳ, ଢୋଲ ଓ କୀର୍ତ୍ତନ ଆଦି ମାଧ୍ୟମରେ ଉତ୍ସବର ପରିବେଶ ସୃଷ୍ଟି ହୁଏ। ଏହି ପାରମ୍ପରିକ କଳା ଓ ବାଦ୍ୟର ଧ୍ୱନି ଗାଁର ସାଂସ୍କୃତିକ ପରିବେଶକୁ ଆହୁରି ଜୀବନ୍ତ କରିଥାଏ।

## ସେପ୍ଟେମ୍ବର ୧୭ରୁ 'ସେବା ସଂକଳ୍ପ ପକ୍ଷ'




**ମାଲକାନଗିରି, ୧୫।୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ଭାଜପା ପକ୍ଷରୁ 'ସେବା ସଂକଳ୍ପ ପକ୍ଷ' ପାଳନ କରାଯିବ। ଏନେଇ ଜିଲ୍ଲା ପ୍ରଭାରୀ ରମେଶ ଜେନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦୀପଉତ୍ସବ ସହ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୮ ତାରିଖରୁ ବିଦ୍ୟାଳୟଗୁଡ଼ିକରେ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ସହ ଅଙ୍ଗନୱାଡ଼ି କେନ୍ଦ୍ରରେ ମା'ମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହେବ। ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ବ୍ଲକ୍ସ୍ତରରେ ଏକତ୍ରିତ କରି ଯୋଜନାର ସୁଫଳ ଓ ଉପଲବ୍ଧ ସୁବିଧା ସମ୍ପର୍କରେ ସଚେତନ କରାଯିବ। ଅକ୍ଟୋବର ୭ରେ ମୋଦୀଙ୍କ ପ୍ରଥମ ମୁଖ୍ୟମନ୍ତ୍ରୀ ଶପଥ ଦିବସକୁ ସ୍ମରଣ କରି ପକ୍ଷର ସମାପନ କରାଯିବ। ସେବା ସଂକଳ୍ପ ପକ୍ଷ ମାଧ୍ୟମରେ ଜନସେବା, ସୁଶାସନ ଓ ଲୋକକଲ୍ୟାଣକୁ ଆହୁରି ସୁଦୃଢ଼ କରିବା ସହ 'ବିକଶିତ ଭାରତ' ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ଜେନା କହିଛନ୍ତି।

## ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା, ୧୫।୯ (ସଂଚାର ବ୍ୟୁରୋ):** ଆସନ୍ତା ଅକ୍ଟୋବର ୩ ତାରିଖରେ ଖୋର୍ଦ୍ଧାର ଇତିହାସ ସ୍ମୃତି ବୀଜଡିତ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର ୧୨୫ତମ ପ୍ରତିଷ୍ଠା ଦିବସ-୨୦୨୬ ମହାସମାରୋହରେ ପାଳିତ ହେବାକୁ ଯାଉଛି। ମାନ୍ୟବର ରାଜ୍ୟପାଳ ଏହି ସ୍ୱତନ୍ତ୍ର ଉତ୍ସବକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସ୍କୁଲର ହେରିଟେଜ ହଲରେ ଏକ ପ୍ରସ୍ତୁତିବୈଠକ ପ୍ରାକ୍ତନ ରେଜିଷ୍ଟ୍ରାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତଥା ବରିଷ୍ଠ ଆଲୁମ୍ନି ପ୍ରଫେସର ନାରାୟଣ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ପାଇଁ ସଂଯୋଜକ ବିକ୍ରମ ଦାସଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମକୁ ମାନ୍ୟବର ବିଧାୟକ ଗଣେଶ ଜଗଦେବ ସମୀକ୍ଷା କରିଥିଲେ।

ଅକ୍ଟୋବର ୧ ତାରିଖରେ ଖୋର୍ଦ୍ଧାବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିମଳ ସଚେତନତା ସୃଷ୍ଟି କରିବା ପାଇଁ ଏକ ପ୍ରଭାତ ପେରୀ ଏବଂ 'କ୍ଲିନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହେବ। ଉତ୍ସବର ପ୍ରଥମ ଦିନରେ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ ସହିତ ଏକ ସ୍ୱତନ୍ତ୍ର ଐତିହ୍ୟ ଗ୍ୟାଲେରୀ ଉଦଘାଟିତ ହେବ। ଉତ୍ସବର ସ୍ମରଣୀୟ ଅଂଶବିଶେଷ ଭାବେ ସ୍କୁଲ ପରିସରରେ ଏକ ବିଶାଳ ୧୦୨ ଫୁଟ୍ ଉଚ୍ଚ ଜାତୀୟ ପତାକା ସ୍ଥାପନ କରାଯିବ।

ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା-- ଛାତ୍ରଛାତ୍ରୀ ଏବଂ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ନାଟକ, ମାର୍ସିଲ ଆର୍ଟ ଏବଂ ମେଲୋଡ଼ି ଭଳି ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହାଛଡ଼ା ବିଭିନ୍ନ ସାହିତ୍ୟ ଓ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ।

ଏହି ସମାରୋହରେ ମାନ୍ୟବର ଆଇନ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଏବଂ ଭୁବନେଶ୍ୱର ସାଂସଦ ଯାଗଦେବାର ଆଶା ରହିଛି। ଏହାଛଡ଼ା ଜିଲ୍ଲାପାଳ ସ୍ୱାଗତ କମିଟିର ନେତୃତ୍ୱ ନେବେ ବୋଲି ଜଣାପଡିଛି।

## ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଚମ୍ପୁଆ, ୧୫।୯ (ସଂଚାର ବ୍ୟୁରୋ):** ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ ଇନ୍ଦ୍ରପ୍ରସ୍ଥ ଗ୍ରାମର ମାଧବ ମହାନ୍ତଙ୍କ ପତ୍ନୀ ରଶ୍ମିତା ମହାନ୍ତ।

ସୂଚନା ଅନୁଯାୟୀ, ସ୍ୱାମୀଙ୍କ ସହ ପାରିବାରିକ ମନୋମାଳିନ୍ୟ ଯୋଗୁଁ ରଶ୍ମୀତା ଦୀର୍ଘ ଦୁଇ ବର୍ଷ ହେବ ସ୍ୱାମୀଙ୍କୁ ଛାଡ଼ି ବାପଘର ରାମଚନ୍ଦ୍ରପୁରରେ ରହି ଆସୁଥିଲେ। ତାଙ୍କର ଦୁଇ ସନ୍ତାନ ବାହାରେ ରହୁଥିବା ଜଣାପଡ଼ିଛି। ତେବେ ଗତ ଦୁଇଦିନ ପୂର୍ବେ ସେ ହଠାତ୍ ବାପଘରୁ କେଉଁଆଡ଼େ ଚାଲିଯାଇଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ଗ୍ରାମ ନିକଟସ୍ଥ ଜଙ୍ଗଲର ଏକ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସ୍ଥାନୀୟ ବାସିନ୍ଦା ରଶ୍ମିତାଙ୍କ ପରିବାର ଓ ପୋଲିସକୁ ଏ ସମ୍ପର୍କରେ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବେଆଇନ ପାର୍କିଂ ପାଇଁ ୨ ଘଣ୍ଟା ଅଖଚକ ବନ୍ଦ



**ଆନନ୍ଦପୁର,୧୫।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ସାଳପଡ଼ାରୁ ଆନନ୍ଦପୁର ବ୍ରିଜ୍ ଛକ ପର୍ଯ୍ୟନ୍ତ ନୂତନ ଭାବେ ରାସ୍ତା ନିର୍ମାଣ କାମ ଚାଲିଛି। ରାସ୍ତା ନିର୍ମାଣ ପାଇଁ ଆସିଥିବା ଡଷ୍ଟ ବୋଝେଇ ହାଇୱା ଗାଡ଼ିଗୁଡ଼ିକ ରାସ୍ତାର ଗୋଟିଏ ପାର୍ଶ୍ୱରେ ଧାଡ଼ି ଧାଡ଼ି ହୋଇ ପାର୍କିଂ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତା ସଙ୍କୁଚିତ ହୋଇ ଭୟଙ୍କର ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଏହି ଜାମ୍ରେ ଅନେକ ଯାତ୍ରୀବାହୀ ବସ୍, ଟ୍ରକ୍, ତୈଳ ଟ୍ୟାଙ୍କର ସହ ଆମ୍ବୁଲାନ୍ସ ମଧ୍ୟ ଫସି ରହିଥିଲା। ଏପଟେ ଜାମ୍ରେ ଫସି ରହିଥିବା ଯାତ୍ରୀ ଓ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସ୍ଥାନୀୟ ଲୋକଙ୍କ ପ୍ରଶ୍ନ— ଯଦି ଏହି ଗାଡ଼ିଗୁଡ଼ିକ ପାଇଁ ଅଲଗା ପାର୍କିଂ ବ୍ୟବସ୍ଥା ନାହିଁ, ତେବେ ରାସ୍ତା ଉପରେ ଏତେ ମାତ୍ରାରେ ଡଷ୍ଟ ବୋଝେଇ ହାଇୱା କାହିଁକି ରଖାଯାଉଛି? ଠିକାଦାରଙ୍କ ମନମାନି ପାଇଁ ସାଧାରଣ ଲୋକ କାହିଁକି ହଇରାଣ ହେବେ ବୋଲି ଉଠିଛି ପ୍ରଶ୍ନ।

ତେବେ ଖବର ପାଇ ଘଷିପୁରା ଥାନାର ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଛୋଟ ଛୋଟ ଗାଡ଼ିଗୁଡ଼ିକୁ ଖପରାଖାଇର ଜଅଁରା ଗ୍ରାମ ଦେଇ ବିକଳ୍ପ ରାସ୍ତାରେ ଛାଡ଼ିବା ସହ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏବେ ପ୍ରଶ୍ନ ଉଠୁଛି— ରାସ୍ତା ନିର୍ମାଣ ନାଁରେ ଯଦି ରାସ୍ତା ଉପରେ ହିଁ ଗାଡ଼ି ପାର୍କିଂ ହେବ, ତେବେ ସାଧାରଣ ଲୋକଙ୍କ ଯାତାୟାତ କେମିତି ସୁଗମ ହେବ? ବିଭାଗୀୟ ଅଧିକାରୀ ଏହା ଉପରେ କେବେ ନଜର ପକାଇବେ? ଏଭଳି ବେଆଇନ ପାର୍କିଂ ବିରୋଧରେ କଣ ପଦକ୍ଷେପ ନିଆଯିବ ତାହା ଏବେ ଦେଖିବାକୁ ବାକି ରହିଲା।

**ରାସ୍ତା ଉପରେ ହାଇୱା, ଜାମ୍ରେ ଫସି ରହିଲା ଆମ୍ବୁଲାନ୍ସ**

**ଠିକାଦାରର ମନମାନି ଯୋଗୁଁ ହନ୍ତସନ୍ତ ଯାତ୍ରୀ ଓ ରୋଗୀ**

## ହିଞ୍ଜିଳିରେ ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



**ହିଞ୍ଜିଳିକାଟୁ, ୧୫।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ରୟାଲ ପ୍ୟାଲେସ ଠାରେ ଘୁମୁସର (ଆସ୍କା )ଜିଲ୍ଲା ସଭାପତି ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟକାରୀଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଜିଲ୍ଲା ପ୍ରଭାରୀ ପ୍ରକାଶ ମଙ୍ଗରାଜ ଯୋଗ ଦେଇଥିଲେ |

ବୈଠକରେ ଦଳୀୟ ସଂଗଠନକୁ ମଜବୁତ କରିବା, ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା | ଜିଲ୍ଲା ସ୍ତରରେ ଦଳ କିମ୍ବା ସଂଗଠନର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ନେଇ କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଉତ୍ତମ ପାଣିଗ୍ରାହୀ, ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ , ରାଜ୍ୟ ପରିଷଦ ସଦସ୍ୟ ମାଧବ ଗୌଡ଼ ,ହିଞ୍ଜିଳି ମଣ୍ଡଳ ସଭାପତି ସୁଧାଂଶୁ ଶେଖର ସାବତ , ରାକେଶ ରଥଙ୍କ ସମେତ ଜିଲ୍ଲାର ବହୁ ପଦାଧିକାରୀ, ମଣ୍ଡଳ ସଭାପତି ଓ ଶହ ଶହ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚୋରା କାଠ ବୋଝେଇ ପିକଅପ ଜବତ



**ନୀଳଗିରି,୧୫।୯ (ସଂଚାର ବ୍ୟୁରୋ):** ବିଶେଷ ସୂତ୍ରରୁ ଖବର ପାଇ ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦରକରଙ୍କ ନିର୍ଦ୍ଦେଶ କ୍ରମେ ଏବଂ ନୀଳଗିରି ବନାଞ୍ଚଳ ଅଧିକାରୀ ମନୱର ଖାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧୀନସ୍ଥ ନୀଳଗିରି ବନ୍ୟଜୀବ ବନାଞ୍ଚଳ ଅଧିନ ସଜନାଗଡ଼ ସେକ୍ସନ ମାଟିଆଳି ବିଟ୍ ଅନ୍ତର୍ଗତ ଆରବନ୍ଧ ଗ୍ରାମ ନିକଟସ୍ଥ ନଟାସାହି ଠାରେ ଆଜି ସକାଳ ପ୍ରାୟ ୬.୩୦ ମିନିଟ ସମୟରେ ବେଆଇନ ଭାବେ କାଠ ପରିବହନ ଅଭିଯୋଗରେ କାଠ ବୋଝେଇ ଏକ ଧଳା ରଙ୍ଗର ମାକ୍ସ ପିକଅପ ଗାଡି (ଯାହାର ନମ୍ବର ଓଡ଼ି ୦୧ଏସି-୩୧ ୪୯) ଜବତ କରାଯାଇଛି।

ବନ ବିଭାଗ ପକ୍ଷରୁ ଗାଡ଼ିଓ କାଠକୁ ଜବତ କରାଯାଇ ଜାମୁଡିହା ସ୍ଥିତ ମାଲଖାନାକୁ ଅଣାଯାଇଥିଲା । ଶାଗୁଆନ୍, ନିମ, ଆକାଶିଆ କାଠ ମିଶି ସମୁଦାୟ ୪୧ସିଫ୍ଟ କାଠ ଜବତ କରାଯାଇଛି। ଏନେଇ ୟୁଡ଼ି କେଶ ନମ୍ବର ୧୨ଏନ୍, ୨୦୨୬/୨୭ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରିରହିଛି।

ଏହି ଚଢାଉରେ ସଜନାଗଡ଼ ଫରେଷ୍ଟର ସସ୍ମିତା ଶିଅଳ, ନୀଳଗିରି ଫରେଷ୍ଟର ରମେଶ୍ୱର ମୁର୍ମୁ, ମାଟିଆଳି ଫରେଷ୍ଟ ଗାର୍ଡ ସୁଜାତା ଓଝା, ସଜନାଗଡ଼ ଫରେଷ୍ଟ ଗାର୍ଡ ବୁଧୁରାମ ହାଁସଦା, ଏବଂ ସବୁଜ ବାହିନୀର ସଦସ୍ୟମାନେ ସାମିଲ ଥିଲେ।

### ଝୁରିମାଲରେ ସାମୂହିକ ନୂଆଁଖାଇ

# ୧୪ ବର୍ଷ ଧରି ଚାଲିଥିବା ଏକତା, ସହଭାଗିତାର ବିରଳ ପ୍ରତିଛବି




**ସୁନ୍ଦରଗଡ଼,୧୫।୯ (ସଂଚାର ବ୍ୟୁରୋ):** ଦୃଶ୍ୟଟି ଥିଲା ଯେତିକି ବିରଳ, ସେତିକି ହୃଦୟସ୍ପର୍ଶୀ। ଗାଁ ଦାଣ୍ଡରେ ଜଳୁଥିଲା ସାମୂହିକ ଚୁଲି, ବଡ଼ ବଡ଼ ହାଣ୍ଡିରେ ରନ୍ଧା ହେଉଥିଲା ଭାତ, ଡାଲି, ଖିରି, ପିଠା ସହ ନାନା ପାରମ୍ପରିକ ବ୍ୟଞ୍ଜନ। ଏହି ରନ୍ଧାଣି କୌଣସି ଗୋଟିଏ ପରିବାର ପାଇଁ ନୁହେଁ, ବରଂ ସାରା ଗାଁର ୧୬୩ ପରିବାର ପାଇଁ। ଜାତି, ଧର୍ମ ଓ ବର୍ଣ୍ଣର ସବୁ ଭେଦଭାବ ଭୁଲି ଗୋଟିଏ ପଙ୍କ୍ତିରେ ବସି ସମସ୍ତେ ନବାନ୍ନ ଗ୍ରହଣ କରିଥିଲେ। ହୁଳହୁଳି, ହରିବୋଲ ଓ ସଂକୀର୍ତ୍ତନରେ ମୁଖରିତ ହୋଇଥିଲା ସାରା ଝୁରିମାଲ। ମାତ୍ର ୫ଟି ପରିବାରରୁ ଆରମ୍ଭ ହୋଇଥିବା ଏହି ୧୪ ବର୍ଷର ଅନନ୍ୟ ପରମ୍ପରା ଆଜି ୧୬୩ ପରିବାରକୁ ଗୋଟିଏ ଡୋରିରେ ବାନ୍ଧି ଏକତା, ସମାନତା ଓ ଭାଇଚାରାର ବିରଳ ଦୃଷ୍ଟାନ୍ତ ସାଜିଛି। ଝୁରିମାଲର ଏହି ସାମୁହିକ ନୂଆଁଖାଇର ଯାତ୍ରା ଆରମ୍ଭ ହୋଇଥିଲା ମାତ୍ର ୫ଟି ପରିବାରରୁ। ଦୀର୍ଘ ୧୪ ବର୍ଷରେ ଏହା ଗ୍ରାମର ସମସ୍ତ ୧୬୩ ପରିବାରକୁ ଏକାଠି କରିଛି। ଘର ଅଲଗା ହେଲେ ମଧ୍ୟ ନୂଆଁଖାଇର ଭୋଜନ ସାମୁହିକ ହେବ, ଏହି ଭାବନା ଏବେ ଗ୍ରାମର ସାମାଜିକ ପରିଚୟରେ ପରିଣତ ହୋଇଛି।

ଆଜି ନୂଆଁଖାଇ ଆରମ୍ଭରେ ଗ୍ରାମର ଆରାଧ୍ୟ ଦେବତା ସଙ୍କଟମୋଚନ ବଜରଙ୍ଗବଳୀଙ୍କୁ ନୂଆଁ ଚାଉଳ ଅର୍ପଣ କରାଯାଇ ଥିଲା। ପରେ ପ୍ରତ୍ୟେକ ପରିବାର ନିଜ ଇଷ୍ଟଦେବତାଙ୍କୁ ନବାନ୍ନ ଅର୍ପଣ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ଅଭିନବ ପଦକ୍ଷେପ ସ୍ୱରୂପ ପ୍ରଥମେ ଗ୍ରାମର ମହିଳାମାନଙ୍କୁ ପଙ୍କ୍ତିରେ ବସାଇ ଖାଦ୍ୟ ପରଷା ଯାଇଥିଲା। ଦୈନନ୍ଦିନ ଜୀବନରେ ସକାଳୁ ରାତି ପର୍ଯ୍ୟନ୍ତ ଘର ଓ ପରିବାର ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବା ନାରୀଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ଏହି ପଦକ୍ଷେପ ନିଆଯାଇ ଥିଲା।

ନବାନ୍ନ ପରେ ଆୟୋଜିତ ଭେଟଘାଟରେ ଗ୍ରାମବାସୀ ପୁରୁଣା ରାଗଦ୍ୱେଷ ଓ ମନୋମାଳିନ୍ୟ ଭୁଲି ପରସ୍ପରକୁ ଜୁହାର ଜଣାଇଥିଲେ। ଯୁବପିଢ଼ି ବୟୋଜ୍ୟେଷ୍ଠଙ୍କୁ ଜୁହାର କରି ଆଶୀର୍ବାଦ ନେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ'ର ସହଯୋଗରେ ଶଙ୍ଖ ଫୁଙ୍କା, ହୁଳହୁଳି, ବାଡ଼ିପିଟା ଓ ଚାମୁଚ ରେସ୍ ଭଳି ପାରମ୍ପରିକ ଲୋକଖେଳ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ଝୁରିମାଲର ଏହି ପରମ୍ପରାକୁ ରାଜ୍ୟ ତଥା ଦେଶ ପାଇଁ ଏକ ଅନୁକରଣୀୟ ଉଦାହରଣ ବୋଲି କହିଥିଲେ। ଆଧୁନିକତା ମଧ୍ୟରେ ପରିବାର ଓ ସମାଜରେ ବଢୁଥିବା ଦୂରତା ବେଳେ ଏଭଳି ସାମୁହିକ ଉତ୍ସବ ସାମାଜିକ ସଦ୍ଭାବକୁ ଦୃଢ଼ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମରେ ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗୀତିକାର, ବ୍ୟଙ୍ଗକବି ଓ ସଙ୍ଗୀତ ନିର୍ଦ୍ଦେଶକ ଦୁର୍ଗାମାଧବ ପଣ୍ଡା, ବରିଷ୍ଠ ଲୋକପ୍ରିୟ ସମ୍ବଲପୁରୀ ଗାୟକ ଶତ୍ରୁଘ୍ନ ଲୁହା ଏବଂ ସିଦ୍ଧାର୍ଥ ଟିଭି ପ୍ରାୟୋଜିତ 'ସ୍ୱରଲକ୍ଷ୍ମୀ'ର ଲୋକପ୍ରିୟ ଗାୟିକା ମଧୁସ୍ମିତା ନାଏକ, ଗାୟକ ଜୟଦେବ ତନ୍ତୀ ପ୍ରମୁଖ ଆକର୍ଷଣ ସାଜିଥିଲେ। ଏହାସହ ଉଦୀୟମାନ କଣ୍ଠଶିଳ୍ପୀ ଯୋଗମାୟା ମିଶ୍ର, ପ୍ରତାପ ଛୁରିଆ, ବିକାଶ ରଞ୍ଜନ ନାଏକ ଓ ଗଦାଧର କଉଡ଼ିଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ରାଉରକେଲାର ଝୁମ୍ ଝୁମ୍ ଡ୍ୟାନ୍ସ ଗ୍ରୁପ୍ର ନୃତ୍ୟ ପରିବେଷଣ ମଧ୍ୟ ଉତ୍ସବର ଅନ୍ୟତମ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମକୁ ଝୁରିମାଲ ସାମୁହିକ ନୂଆଁଖାଇ କମିଟି, ଜୟ ବଜରଙ୍ଗ କ୍ଲବ ଓ ଝୁରିମାଲ ବନ ସୁରକ୍ଷା ସମିତି ପରିଚାଳନା କରିଥିଲେ।

# ଖୁବ୍‌ଶୀଘ୍ର ଚାଲୁହେବ ପାଣ୍ଡରା ହୋଲସେଲ୍ ମାଛ ବଜାର

## ବିଏମ୍‌ସି ଅଧିକାରୀଙ୍କ ସହ କାମର ଅଗ୍ରଗତି ଦେଖିଲେ ସାଂସଦ



ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱରର ମାଛ ବଜାରରେ ଆଉ ରହିବ ନାହିଁ ପୂତି ଗନ୍ଧମୟ ପରିବେଶ। ଦୂର ହେବ ୟୁନିଟ୍-୪ ମାଛ ବଜାରରେ ଦେଖାଯାଉଥିବା ଭିଡ ଓ ଟ୍ରାଫିକ ସମସ୍ୟା। ଆସନ୍ତା ୨୦୨୮ ମାର୍ଚ୍ଚ ଶେଷ ସୁଦ୍ଧା ପାଣ୍ଡରାଠାରେ ପ୍ରାୟ ୫.୪ ଏକର ଜମିରେ ପାଖାପାଖି ୫୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ମାଛ ବଜାର କାର୍ଯ୍ୟ ସମ୍ପନ୍ନ ହେବ। ସେଉଁ ନୂଆ ବଜାର ନିର୍ମିତ ହେଉଛି ସେଠାରେ ୪୦ଟି ହୋଲସେଲ କାଉଣ୍ଟର ସମେତ ୧୦୦ଟି ପିଣ୍ଡି ରହିବ। ଆଜି ଉତ୍ତର ଭୁବନେଶ୍ୱରର ପାଣ୍ଡରାଠାରେ ନିର୍ମାଣାଧୀନ ଆଧୁନିକ ହୋଲସେଲ୍ ମାଛ ବଜାର ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିବା ପରେ ଏଭଳି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଞ୍ଚଳ ପରିଦର୍ଶନ ପରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧୀରେ ଧୀରେ ଆକାର ନେଉଥିବା ଦେଖିବା ନିଶ୍ଚିତ ଭାବେ ଏକ ସ୍ୱପ୍ନ ସାକାର ହେବାର ଅନୁଭୂତି ଦେଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସ୍ୱପ୍ନର ପ୍ରକଳ୍ପ ଭାବରେ ତାଙ୍କର ଲଗାତାର ପ୍ରୟାସ ପରେ ବିଏମସି ଦ୍ୱାରା ଏହି ପ୍ରକଳ୍ପର ଟେଣ୍ଡର କରାଯାଇ ଗତ ଏପ୍ରିଲ ୨୦୨୬ ମସିହାରୁ ସାଇଟ୍ ହସ୍ତାନ୍ତର କରାଯାଇଛି। ଏପରିକି ସାଂସଦଙ୍କ ପ୍ରତ୍ୟକ୍ଷ ପ୍ରୟାସରେ ବିଏମସି ପକ୍ଷରୁ ମାମଲା ମୁକ୍ତ ବା ଲିଟିଗେଶନ ଫ୍ରି ଜମି ହସ୍ତାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପରିଦର୍ଶନରେ ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ବିଏମସି ଅଧିକାରୀମାନଙ୍କ ସହିତ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

# ମା' ସମଲେଇଙ୍କ ନିକଟରେ ଲାଗିହେଲା ନବାନ୍ନ

ସମ୍ବଲପୁର, ୧୫।୯ (ସଂଚାର ବ୍ୟୁରୋ): ନୂଆଖାଇ ପର୍ବ ପାଇଁ ସମଗ୍ର ପଶ୍ଚିମ ଓଡ଼ିଶା ଉତ୍ସାହ ଓ ଉଦ୍ଦୀପନାରେ ମୁଖରିତ ହୋଇଉଠିଥିବା ବେଳେ ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ନିକଟରେ 'ନବାନ୍ନ' ଲାଗି କରାଯାଇଛି। ଚଳିତ ଋତୁର ପ୍ରଥମ ନୂଆ ଚାଉଳରୁ ପ୍ରସ୍ତୁତ ଅନ୍ନକୁ ନବାନ୍ନ ରୂପେ ମାଙ୍କ ନିକଟରେ ଲାଗି କରାଯାଇଛି। ଏହି ପ୍ରମୁଖ କୃଷିଭିତ୍ତିକ ପର୍ବ 'ନୂଆଖାଇ'କୁ ପଶ୍ଚିମାଞ୍ଚଳର ସହର ଓ ଗ୍ରାମାଞ୍ଚଳରେ ଲୋକମାନେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।





ପୂର୍ବନିର୍ଦ୍ଧାରିତ ଶୁଭ ମୁହୂର୍ତ୍ତ ଅନୁଯାୟୀ ସକାଳ ୯ଟା ୪୦ ମିନିଟରୁ ୯ଟା ୫୪ ମିନିଟ୍ ମଧ୍ୟରେ ଏହି ନବାନ୍ନ ଲାଗି କରାଯାଇଥିଲା। ଏହି କୃଷିଭିତ୍ତିକ ପର୍ବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ତେବେ ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି କରାଯିବା ପରେ ପାରମ୍ପାରିକ ନୂଆଖାଇ ପର୍ବର ଅଂଶବିଶେଷ ଭାବେ ଲୋକମାନେ ନିଜ ନିଜ ଘରେ ନୂଆ ଅମଳର ଚାଉଳରୁ ପ୍ରସ୍ତୁତ ଅନ୍ନ ଗ୍ରହଣ କରିଛନ୍ତି।



ଆଇଏଏସ୍ ଦମ୍ପତି ଉଷା ପାଢ଼ୀ ଓ ଡକ୍ଟର ଅରବିନ୍ଦ ପାଢ଼ୀ ଆଜି ନୂଆଁଖାଇ ପାଳନ କରିଛନ୍ତି।

### ଘୂର୍ଣ୍ଣିବଳୟ ସକ୍ରିୟ

# ରାଜ୍ୟରେ ୫ ଦିନ ଧରି ବର୍ଷା

ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ) : ୫ ଦିନ ଧରି ବର୍ଷାର ପ୍ରଭାବ। ରାଜ୍ୟରେ ଆଗାମୀ ୫ ଦିନ ଧରି ବର୍ଷା ଜାରି ରହିବ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ । ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ଓ ଝଡ଼,




ପବନର ସମ୍ଭାବନା ରହିଛି।କାଲିଠୁ ୨୦ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ସମେତ ଉତ୍ତର ଓ ଉପକୂଳ ଓଡ଼ିଶାର ଅନେକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କେତେକ ସ୍ଥାନରେ ପ୍ରବଳ ବର୍ଷା, ବଜ୍ରପାତ ଓ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ସୋମବାର କଟକରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୫.୬ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା ।

# ଯାତ୍ରା ରିହର୍ସାଲ ସାରି ଫେରିବା ବେଳେ ଛୁରାମାଡ଼

ଖଲ୍ଲିକୋଟ, ୧୫।୯ (ସଂଚାର ବ୍ୟୁରୋ): ପାର୍ବଣରେ ପୁଣି ଅଶାନ୍ତ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ। ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ଛୁରାମାଡ଼ କରାଯାଇଛି। ଏଥିରେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗାଁ ତଳ ସାହି ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଯାତ୍ରାରେ ଖଳନାୟକ ଭୂମିକାରେ ଅଭିନୟ କରୁଥିବା ଚିତ୍ରସେନ ଜେନା ମଙ୍ଗଳବାର ରିହର୍ସାଲ ସାରି ଘରକୁ ଫେରୁଥିଲେ। ହେଲେ ବାଟରେ ତାଙ୍କୁ ଛକି ବସିଥିଲେ ଗାଁର ଦୁଇ ଯୁବକ। ଦୁଇ ଯୁବକ ନିଶାସେବନ କରି ପୂର୍ବ ଶତ୍ରୁତା କାରଣରୁ ହଠାତ୍ ଚିତ୍ରସେନଙ୍କୁ ଛୁରାମାଡ଼ କରି ବାଇକ୍ ଯୋଗେ ଚମ୍ପଟ ମାରିଥିଲେ।

### ଯୁବକ ମୃତ, ୨ ଦୁର୍ବୃତ୍ତ ଫେରାର

ତେବେ ରକ୍ତାକ୍ତ ଅବସ୍ଥାରେ ଚିତ୍ରସେନଙ୍କୁ ପ୍ରଥମେ ଖଲ୍ଲିକୋଟ ହସ୍ପିଟାଲ ଓ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଚିତ୍ରସେନଙ୍କ ମୃତ୍ୟୁ ଘଟିଛି। ସେପଟେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ, ପରିବେଷଣ ହେବାକୁ ଥିବା ନାଟକକୁ ବନ୍ଦ କରିଦିଆଯାଇଛି। ଅପରାହ୍ନରେ ଚିତ୍ରସେନଙ୍କ ମର ଶରୀର ପହଁଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ମଧ୍ୟରେ ଶବସତ୍କାର କରାଯାଇଛି।

# ରହସ୍ୟଜନକ ପାରାକୁ ନେଇ ଚର୍ଚ୍ଚା

ମାଣ୍ଡୁ, ୧୫।୯ (ଅପ୍ର): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଣ୍ଟିପଦା ଗ୍ରାମରୁ ମଙ୍ଗଳବାର ଦ୍ୱିପ୍ରହର ସମୟରେ ଏକ ରହସ୍ୟଜନକ ପାରା ଉଦ୍ଧାର କରାଯାଇଛି। ପାରା ଗୋଡ଼ରେ ଲାଗିଥିବା ଏକ ରିଙ୍ଗରେ ବାଂଲାଦେଶ ସମ୍ପର୍କିତ କୋଡ୍ ଲେଖାଥିବା ଦେଖିବାକୁ ମିଳିଛି। ଏହି ପାରାକୁ ଏହି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।




ମଙ୍ଗଳବାର ଅପରାହ୍ନରେ କଣ୍ଟିପଦା ଗ୍ରାମର ହରିଶ ଚନ୍ଦ୍ର ପୁହାଣଙ୍କ ଘର ନିକଟରେ ପରିବାର ଲୋକେ ପାରାଟିକୁ ଦେଖିଥିଲେ। ପାରାର ଗୋଟିଏ ଗୋଡ଼ରେ ନାଳ ରଙ୍ଗର ପିତଳ ରିଙ୍ଗ ସହିତ ଏକ ଧଳା ରିଙ୍ଗ ଲାଗିଥିଲା। ଏଥିରେ 'ବିଏଏନ୍-୨୦୨୪' ଓ '୭୦୧୩୧' ଲେଖା ଥିବା ଦେଖାଯାଇଥିଲା। ପାରାଟିକୁ ଦେଖିବା ପାଇଁ ଘଟଣାସ୍ଥଳରେ ଧୀରେଧୀରେ ଲୋକଙ୍କ ଭିଡ଼ ଜମିଥିଲା। ଘଟଣାର ଗୁରୁତ୍ୱକୁ ଦେଖି ହରିଶ ଚନ୍ଦ୍ର ପୁହାଣଙ୍କ ପୁଅ ଶ୍ରୀକାନ୍ତ ପୁହାଣ ପାରାଟିକୁ ଉଦ୍ଧାର କରି ବୈଶିଙ୍ଗା ଥାନାକୁ ଖବର ଦେଇଥିଲେ। ପରେ ସେ ନିଜେ ପାରାଟିକୁ ଥାନାରେ ପହଞ୍ଚାଇଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ ଓ ବୈଶିଙ୍ଗା ଥାନା ଅଧିକାରୀ ବାବାଶଙ୍କର ସରାଫ ରିଙ୍ଗ୍‌ରେ ଲେଖାଥିବା କୋଡ୍ ଓ ନମ୍ବରକୁ ଯାଞ୍ଚ କରିଥିବା ଜଣାପଡ଼ିଛି।

# ଅଜଣା ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

ଯାଜପୁର ରୋଡ, ୧୫।୯ (ସଂଚାର ବ୍ୟୁରୋ): ଯାଜପୁର ରୋଡ ଥାନା ଖଣ୍ଡାହାତ ଗାଁ ସ୍ଥିତ ବଣଭୋଜୀ ପଡ଼ିଆ ନିକଟ ଏକ ବର ଗଛରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହକୁ ଜବତ କରି ପୁଲିସର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର କିଛି ଲୋକ ଖଣ୍ଡାହତା ଗାଁ ସ୍ଥିତ ବଣଭୋଜି ପଡ଼ିଆ ଆଡେ କୌଣସି କାମରେ ଯାଇଥିଲେ। ଏହି ସମୟରେ ସେମାନେ ଏକ ବରଗଛରେ ଜନୈକ ଯୁବକ ଝୁଲିଥିବା ଦେଖିବାକୁ ପାଇଥିଲେ। ଏଥିସହିତ ଯାଜପୁର ରୋଡ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଯାଜପୁର ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମୃତ ଯୁବକ ଜଣକ କିଏ ଆଉ କେଉଁ ପରିସ୍ଥିତିରେ ବରଗଛରେ ଝୁଲି ମୃତ୍ୟୁବରଣ କରିଛନ୍ତି ତାହା ସ୍ପଷ୍ଟ ହେଇନାହିଁ।

### ବ୍ୟାଙ୍କ ଡକାୟତି ଯୋଜନା ପଣ୍ଡ

# ପ୍ଲାନିଂ ବେଳେ ମାଡ଼ିବସିଲା ପୁଲିସ

ବାରିପଦା ୧୫।୯ (ସଂଚାର ବ୍ୟୁରୋ): ମୟୂରଭଞ୍ଜରେ ଏକ ବଡ଼ଧରଣର ବ୍ୟାଙ୍କ ଡକାୟତି ଯୋଜନା ପଣ୍ଡ ହୋଇଛି। ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୭ ଅଟକ ହୋଇଛନ୍ତି। ଏହାସହ ଏକ କାର ମଧ୍ୟ ଜବତ ହୋଇଛି। ଏହି ଗ୍ୟାଙ୍ଗରେ ଆଉ କିଏ କିଏ ସାମିଲ ଅଛନ୍ତି। ସେନେଇ ପୁଲିସ ଛାନ୍‌ଭିନ୍ ଜାରି ରଖିଛି। ଖବର ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ମାନଗୋବିନ୍ଦପୁରସ୍ଥିତ ୟୁନିୟନ ବ୍ୟାଙ୍କ ଶାଖାରେ କିଛି ଦୁର୍ବୃତ୍ତ ପଶି ଲୁଟ୍ ଉଦ୍ୟମ ଚଳାଇଥିଲେ। ଏହି ସମୟରେ



ପାଟ୍ରୋଲିଂ କରୁଥିବା ବୈଶିଙ୍ଗା ପୁଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସ ଗାଡ଼ିର ସାଇରନ ଶୁଣି ଡକାୟତ ଦଳ ତରବରିଆ ଭାବେ ଏକ କାର୍ ଯୋଗେ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ଲୁଟେରାମାନଙ୍କ ପିଛା କରି ବୈଶିଙ୍ଗା ଛକ ନିକଟରେ କାର୍ ଟିକୁ ଘେରା ବନ୍ଦୀ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ସେପଟେ ଘଟଣାସ୍ଥଳରୁ ଅପରାଧରେ ବ୍ୟବହୃତ ପଶ୍ଚିମବଙ୍ଗ ନମ୍ବର ପ୍ଲେଟ୍ ଥିବା ଏକ କାର୍ ଜବତ କରାଯିବା ସହ ୭ ରୁ ଅଧିକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି। ପ୍ରାଥମିକ ତଦନ୍ତରୁ ଏହି ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୂର୍ବରୁ ଘଟିଥିବା ବହୁ ଚର୍ଚ୍ଚିତ ବ୍ୟାଙ୍କ ଚୋରି ଓ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

# ବିଦ୍ୟୁତ୍ ଆଘାତରେ ଚାଲିଗଲା ଶିଶୁକନ୍ୟା ଓ ମହିଳାଙ୍କ ଜୀବନ



ଢେଙ୍କାନାଳ, ୧୫।୯ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ଧନିଆନାଳୀ ଗ୍ରାମରେ କରେଣ୍ଟ ଲାଗି ୩ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଥିବା ବେଳେ ରାସୋଳ ଥାନା ଅନ୍ତର୍ଗତ ବେଡାପଡ଼ା ରଗଡ଼ି ସାହିର ଜଣେ ମହିଳା ମଧ୍ୟ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ମୃତ ୩ ବର୍ଷର ଶିଶୁ କନ୍ୟା ଗଁଦିଆ ଥାନା ଅନ୍ତର୍ଗତ ଆଶ୍ରମ ସ୍କୁଲ ନିକଟରେ ରହୁଥିବା ବିଦେଶୀ ମୁଣ୍ଡାଙ୍କର ଝିଅ ତ୍ରିଶା ମୁଣ୍ଡା ବୋଲି ଜଣାପଡ଼ିଛି। ତ୍ରିଶା ଖେଳୁଥିବା ବେଳେ ଘରେ ଝୁଲି ରହିଥିବା ବିଦ୍ୟୁତ ତାର ଧରି ଟାଣି ଦେଇଥିଲା। ଫଳରେ ବିଦ୍ୟୁତ ଆଘାତରେ ଗୁରୁତର ହୋଇପଡ଼ିଥିଲା। ତାକୁ ଚିକିତ୍ସାପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ। ସେହିପରି ରାସୋଳ ଥାନା ଅନ୍ତର୍ଗତ ବେଡ଼ାପଡ଼ା ଗ୍ରାମ ରଗଡ଼ି ସାହିର ୫୧ ବର୍ଷୀୟା ଉପମା ବେହେରା ଓ ତାଙ୍କ ଝିଅ ଗାଧୋଇବାକୁ ବାଡ଼ି ପଛରେ ଥିବା ଗାଁ ପୋଖରୀକୁ ଯାଉଥିଲେ। ମାତ୍ର ବାଟରେ ଥିବା ସୋଲାର ଫେନ୍ସିଂ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ ଉପମା। ତାଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ତାଙ୍କ ଜୀବନ ରକ୍ଷାକରାଯାଇ ପାରିନାହିଁ। ଡାକ୍ତର ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ରାସୋଳ ଥାନା ପୁଲିସ ପହଞ୍ଚି ସୋଲାର ଫେନ୍ସିଂ ତାର ଜବତ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ତାର ବିଛାଇଥିବା ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପୋଲିସ ଛାନଭିନ ଆରମ୍ଭ କରିଛି।

### ମାଟି ଆଣିବାକୁ ନଈକୂଳକୁ ଯାଇଥିଲେ

# ମହିଳାଙ୍କୁ ଭିଡ଼ିନେଲା ବଉଳା କୁମ୍ଭୀର

ମହାକାଳପଡ଼ା, ୧୫।୯ (ସଂଚାର ବ୍ୟୁରୋ): ମହିଳାଙ୍କୁ ଭିଡ଼ି ନେଲା ବଉଳା କୁମ୍ଭୀର। ଘର ଲିପିବା ପାଇଁ ନିକଟ ନଈକୂଳକୁ କାଦୁଅ ଆଣିବାକୁ ଯାଇଥିବା ବେଳେ ଅଘଟଣ। କେନ୍ଦ୍ରାପଡ଼ା





ଜିଲ୍ଲା ମହାକାଳପଡ଼ା ବ୍ଲକ ଖରିନାଶି ଗାଁରେ ଦେଖିବାକୁ ମିଳିଛି ଏହି ଘଟଣା। ମହିଳା ଜଣକ ଏହି ଗାଁର ହେମଲତା ଦାସ ବୋଲି ଜଣାପଡ଼ିଛି। ହେମଲତା ସକାଳୁ ଘର ଲିପିବା ପାଇଁ ଘର ନିକଟ ଗଳିଆ ନଈକୂଳକୁ କାଦୁଅ ଆଣିବାକୁ ଯାଇଥିଲେ। ଠିକ୍ ଏହି ସମୟରେ ନଦୀ ଭିତରୁ ଏକ ବଉଳା କୁମ୍ଭୀର ବାହାରି ହେମଲତାଙ୍କୁ ଟାଣି ନେଇଥିଲା। ତାଙ୍କ ଚିତ୍କାର ଶୁଣି ନିକଟରେ ଥିବା ମତ୍ସ୍ୟଜୀବୀମାନେ ହେମଲତାଙ୍କୁ କୁମ୍ଭୀର କବଳରୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ହେମଲତାଙ୍କୁ ମୃତ ଘୋଷଣା କରିଥିଲେ। ହେମଲତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# କଣ୍ଟେନରରୁ ୩୭ ମଇଁଷି ଉଦ୍ଧାର, ଡ୍ରାଇଭର ହେଲପର ଅଟକ

ଛତ୍ରପୁର, ୧୫।୯ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅଞ୍ଚଳ ଦେଇ ବେଆଇନ ଭାବେ ମଇଁଷି ଚାଲାଣ ହେଉଥିବା ବେଳେ ଚମାଖଣ୍ଡି ପୁଲିସ ଏକ କଣ୍ଟେନରକୁ ପିଛା କରି କାବୁ କରିଛି। କଣ୍ଟେନରରୁ ୩୭ଟି ମଇଁଷି ଉଦ୍ଧାର କରାଯିବା ସହ ଘଟଣାରେ ଡ୍ରାଇଭର ଓ ହେଲପରଙ୍କୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ ଚମାଖଣ୍ଡି ପୁଲିସ ଓ ଏନ୍‌ଏଚ୍ ପାଟ୍ରୋଲିଂ ଟିମ୍ ଜାତୀୟ ରାଜପଥରେ ଯାଞ୍ଚ କରୁଥିବା ବେଳେ ଏକ ସନ୍ଦେହଜନକ କଣ୍ଟେନର ଦ୍ରୁତ ଗତିରେ ଯାଉଥିବା ଦେଖିଥିଲେ। ପୁଲିସ ଗାଡ଼ିକୁ ଅଟକାଇବା ପାଇଁ ଇସାରା ଦେଇଥିଲେ ମଧ୍ୟ ଡ୍ରାଇଭର ଗାଡ଼ିର ବେଗ ବଢ଼ାଇ ଫେରାର ହେବାକୁ ଉଦ୍ୟମ କରିଥିଲା। ପରେ ପୁଲିସ ଉକ୍ତ କଣ୍ଟେନରକୁ ପିଛା



କରି କାଳିଆବାଲି ଛକ ନିକଟ ଜାତୀୟ ରାଜପଥରେ କାବୁ କରିଥିଲା। କଣ୍ଟେନର ଯାଞ୍ଚ ବେଳେ ଭିତରୁ ୩୭ଟି ମଇଁଷି ଉଦ୍ଧାର ହୋଇଥିଲେ। କଣ୍ଟେନରଟି ଢେଙ୍କାନାଳରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଜଣାପଡ଼ିଛି।

ଗାଡିର ଟ୍ରାନ୍ସପୋର୍ଟ ପାଇଁ ଗାଡି ଚାଳକ ପୁଲିସ କୌଣସି କାଗଜ ପତ୍ର ଦେଖାଇନଥିଲା। ମଇଁଷିଗୁଡ଼ିକୁ ଗୋଡ଼ ଓ ମୁହଁ ବାନ୍ଧି ଅତ୍ୟନ୍ତ ଅମାନବୀୟ ଭାବେ ନିଆଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ଉଦ୍ଧାର ମଇଁଷିଗୁଡ଼ିକୁ ନିକଟସ୍ଥ ଗୋଶାଳାକୁ ପଠାଯାଇଥିବା ବେଳେ ପଶୁ ଚିକିତ୍ସକଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।ଏନେଇ ଚମାଖଣ୍ଡି ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୪ ଗୁରୁତର

ଫୁଲବାଣୀ, ୧୫।୯ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ଅନ୍ତର୍ଗତ ପିରିକୁଡ଼ି ପଞ୍ଚାୟତ ନିକଟସ୍ଥ ବିଲାବାଡ଼ି ବୁଲାଣିଠାରେ ସୋମବାର ସନ୍ଧ୍ୟା ପ୍ରାୟ ୫ଟା ୪୫ ମିନିଟ୍‌ରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଡକେଣି ଗ୍ରାମର ଚୈତନ୍ୟ କହଁର, ପଙ୍କଜ ଜାନି ଓ ସୁନ୍ଦରଗଡ଼ ଗ୍ରାମର କୃତିବାସ କହଁର ଏକ ବାଇକ ଯୋଗେ ଫୁଲବାଣୀରୁ ଡକେଣି ଗାଁକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ମିଣିଆ ଅଞ୍ଚଳର ଗୋପୀନାଥ ପ୍ରଧାନ ଓ କବିରାଜ ମଲ୍ଲିକ ଅନ୍ୟ ଏକ ବାଇକ୍‌ରେ ଖଜୁରୀପଡ଼ାରୁ ମିଣିଆ ଆଡ଼କୁ ଯାଉଥିଲେ। ବିଲାବାଡ଼ି ବୁଲାଣି ନିକଟରେ ଗାଡ଼ି ଦ୍ୱୟ ଦ୍ରୁତ ଗତିରେ ଥିବାରୁ ନିୟନ୍ତ୍ରଣ ହରାଇ ପରସ୍ପର ସହ ଧକକା ହୋଇଥିଲେ। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଦୁଇଟିଯାକ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା।

ଖବର ପାଇ ଫୁଲବାଣୀ ଓ ଖଜୁରୀପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ସମସ୍ତଙ୍କୁ ଉଦ୍ଧାର କରି ଫୁଲବାଣୀ ଜିଲ୍ଲା ମୁଖ୍ୟ



ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ଡକେଣି ଗାଁର ଚୈତନ୍ୟ କହଁରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୪ ଜଣ ଗୁରୁତର ଆହତଙ୍କ ଚିକିତ୍ସା ଜାରି ରହିଛି। ଖଜୁରୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଦ୍ୱୟକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଗଣେଶ ପୂଜା ପେଣ୍ଡାଲରେ ଲାଗିଲା ନିଆଁ

ସମ୍ବଲପୁର, ୧୫।୯ (ସଂଚାର ବ୍ୟୁରୋ) : ଗଣେଶ ପୂଜା ଚାଲିଥିବା ବେଳେ ସମ୍ବଲପୁର ଫାଟକ ନିକଟରେ ଥିବା ଗଣେଶ ପେଣ୍ଡାଲରେ ଲାଗିଲା ନିଆଁ। ସର୍ଟ ସର୍କିଟ ଯୋଗୁଁ ଏହି ନିଆଁ ଲାଗିଥିବା ଜଣାପଡିଛି। ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ରାତିରେ ଅନେକ ଭକ୍ତ ମଧ୍ୟ ପେଣ୍ଡାଲରେ ରହିଥିଲେ।



ତେବେ ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନାହିଁ। ଅଗ୍ନିଶମ କର୍ମଚାରୀମାନେ ତତ୍ପରତାର ସହ ନିଆଁକୁ ଆୟତ୍ତ କରିଥିଲେ।

# ବ୍ରାଉନସୁଗର ଜବତ, ୨ ଗିରଫ

ବାଲେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୁଲିସ ହାତରେ ଲାଗିଛି ବିପୁଳ ପରିମାଣର ବ୍ରାଉନ ସୁଗାର। ଚଢ଼ାଉ ବେଳେ ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁସାରେ, ମଙ୍ଗଳବାର ସକାଳେ ସହଦେବଖୁଣ୍ଟା ଥାନା ପୁଲିସ ଅରଡ଼ବଜାର, ମାଲଗୋଦାମ ଓ ନୂଆସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବାଲେଶ୍ୱର ରେଳ ଷ୍ଟେସନ ପଛ ପାର୍ଶ୍ୱ ମାଲଗୋଦାମ ନିକଟରେ କିଛି ଯୁବକ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ଦୁଇଜଣଙ୍କୁ କାବୁ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ନନ୍ଦୋଳା ଗ୍ରାମର ପ୍ରଶାନ୍ତ କୁମାର ନନ୍ଦ ଓରଫ ବାଦଲ ଏବଂ ସିଶୁଆ ଗ୍ରାମର ରଶ୍ମିରଞ୍ଜନ ବାରିକ। ସେମାନଙ୍କ ନିକଟରୁ ମୋଟ ୧୪୬ ଗ୍ରାମ୍ ବ୍ରାଉନସୁଗର ସହିତ ୨ଟି ଦାମୀ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗିରଫ ପ୍ରଶାନ୍ତ



କୁମାର ନନ୍ଦଙ୍କ ନାଁରେ ପୂର୍ବରୁ ମଧ୍ୟ କଟକର ଜଗତପୁର ଏବଂ ଲାଲବାଗ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ସହଦେବଖୁଣ୍ଟା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ପୁଣି ଏମକେସିଜିରେ ଅଘଟଣ

# ସ୍ତ୍ରୀ ଓ ପ୍ରସୂତି ବିଭାଗ ଓଟିରେ ଲାଗିଲା ନିଆଁ

ବ୍ରହ୍ମପୁର, ୧୫।୯ (ସଂଚାର ବ୍ୟୁରୋ): ବ୍ରହ୍ମପୁର ଏମକେସିଜି ମେଡିକାଲରେ ଅଗ୍ନିକାଣ୍ଡ। ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଓଟି ଦ୍ୱିତୀୟ ମହଲାରେ ଲାଗିଛି ନିଆଁ। ଏସି ସର୍ଟ ସର୍କିଟରୁ ନିଆଁ ଲାଗିଥିବାର ସୂଚନା ମିଳିଛି। ଏହି ଅଗ୍ନିକାଣ୍ଡରେ କାହାର କିଛି କ୍ଷତି ହୋଇନାହିଁ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଅପରେସନ୍ ଥିଏଟରରେ ଲାଗିଥିବା ଏସିରେ ସର୍ଟ ସର୍କିଟ୍ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ପରେ ଘଟଣାସ୍ଥଳରେ ଧୂଆଁ ବ୍ୟାପିଥିବାରୁ ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ତତ୍ପରତା ବଢ଼ିଥିଲା। ଖବର





ଅଗ୍ନିଶମବାହିନୀ ତୁରନ୍ତ ମେଡିକାଲରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିଆଁ ଅନ୍ୟ ଅଞ୍ଚଳକୁ ବ୍ୟାପିବା ପୂର୍ବରୁ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ସବୁଠାରୁ ବଡ଼ ଆଶ୍ୱସ୍ତିର ବିଷୟ ହେଉଛି, ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନି କିମ୍ବା ବଡ଼ଧରଣର କ୍ଷୟକ୍ଷତି ହୋଇନାହିଁ। ଓଟି ଭିତରେ ଥିବା ଯନ୍ତ୍ରପାତି କିମ୍ବା ଅନ୍ୟ ସାମଗ୍ରୀର କ୍ଷତି ସମ୍ପର୍କରେ ମଧ୍ୟ ବଡ଼ କୌଣସି ସୂଚନା ମିଳିନାହିଁ। ପ୍ରାଥମିକ ଭାବେ ଏସିରେ ବିଦ୍ୟୁତ୍ ସର୍ଟ ସର୍କିଟ୍‌କୁ ଅଗ୍ନିକାଣ୍ଡର କାରଣ ବୋଲି କୁହାଯାଉଛି। ତେବେ ନିଆଁ କେମିତି ଲାଗିଲା ଏବଂ ଏହା ପଛରେ ଅନ୍ୟ କୌଣସି ବୈଦ୍ୟୁତିକ ତ୍ରୁଟି ଥିଲା କି ନାହିଁ, ସେନେଇ ଅଧିକ ଯାଞ୍ଚ ହେବାର ସମ୍ଭାବନା ରହିଛି। ହସ୍ପିଟାଲର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅପରେସନ୍ ଥିଏଟରରେ ଅଗ୍ନିକାଣ୍ଡ ଘଟିବା ପରେ ଅଗ୍ନିନିରାପତ୍ତା ବ୍ୟବସ୍ଥା ଓ ବୈଦ୍ୟୁତିକ ଉପକରଣର ନିୟମିତ ଯାଞ୍ଚକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି।

### ଶୁଦ୍ଧିକ୍ରିୟାକୁ ଯାଇଥିଲେ ପରିବାର

# ୨୦ ଲକ୍ଷ ଟଙ୍କାର ଅଳଙ୍କାର ଲୁଟି ନେଲେ

ଉଦଳା, ୧୫।୯ (ସଂଚାର ବ୍ୟୁରୋ): ଶୁଦ୍ଧିକ୍ରିୟାକୁ ଯାଇଥିଲେ ପରିବାର ଲୋକେ। ଏଣେ ଦୁର୍ବୃତ୍ତ ଘରେ କଳାକନା ବୁଲାଇ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ଦେଢ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। କପ୍ତିପଦା ଥାନା ପିଙ୍ଗୁ ଗ୍ରାମର ଶ୍ୟାମ ସୁନ୍ଦର ବେହେରା ଶ୍ୱଶୁର ଘରକୁ ଏକ ଶୁଦ୍ଧିକ୍ରିୟା କର୍ମରେ ଯୋଗ ଦେବା ନିମନ୍ତେ ଯାଇଥିଲେ। ହେଲେ ମଙ୍ଗଳବାର ଘରକୁ ଫେରିବା ପରେ ଘର ଭିତର ସମସ୍ତ ରୁମରେ ତାଲା ଭଙ୍ଗା ଯାଇଥିବା ଏବଂ ଗଡ଼ରେଜ ଭାଙ୍ଗି ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟେରାମାନେ ୩ ଟି ଗଡ଼ରେଜକୁ ଭାଙ୍ଗି ସେଥିରେ ଥିବା ୨୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଏବଂ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରୁଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୭୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୫୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୭୩୦ ଟଙ୍କା ଓ ୨୨ କ୍ୟାରଟେ ୧,୪୧,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୫୮୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

## ଭାରତୀୟ ଶେୟାର ବଜାରରେ ଭୂକମ୍ପ

# ଦିନକରେ ନିବେଶକ ହରାଇଲେ ୮.୯୪ ଲକ୍ଷ କୋଟି

ମୁମ୍ବାଇ, ୧୫।୯: ଦିନର ଆରମ୍ଭରେ ବଜାର ଯେଉଁ ଉତ୍ସାହ ସହ ଖୋଲିଥିଲା, ମାତ୍ର କିଛି ସମୟ ପରେ ସେହି ଚିତ୍ର ପୂରା ବଦଳିଗଲା। ମଙ୍ଗଳବାର ଅର୍ଥାତ ସେପ୍ଟେମ୍ବର ୧୫ରେ ଭାରତୀୟ ଶେୟାର ବଜାରରେ ଦେଖିବାକୁ ମିଳିଲା ଜୋରଦାର ଉତ୍ଥାନ-ପତନ। ସେନସେକ୍ସ ପ୍ରାୟ ୫୮ ପଏଣ୍ଟ ବୃଦ୍ଧି ସହ ୭୫,୩୬୯ ପଏଣ୍ଟରେ ଓପନ୍ ହୋଇଥିଲା। ନିଫ୍ଟି-୫୦ ମଧ୍ୟ ୨୩, ୫୦୦ ଉପରେ କାରବାର ଆରମ୍ଭ କରିଥିଲା। ବିଶେଷ କରି ଆଇଟି ଶେୟାର ଗୁଡ଼ିକରେ ଜୋରଦାର କିଣାକିଣି ଦେଖି ବଜାରରେ ସକାରାତ୍ମକ ସ୍ଥିତି ତିଆରି ହୋଇଥିଲା। କିନ୍ତୁ ଏହି ଖୁସି ବେଶି ସମୟ ରହିଲା ନାହିଁ। ବଜାର ଖୋଲିବାର ପ୍ରାୟ ଏକ ଘଣ୍ଟା ପରେ ହଠାତ୍ ବିକ୍ରି ଚାପ ବଢ଼ିଲା। ସେନସେକ୍ସ ନିଜର ଦିନର ଉଚ୍ଚସ୍ତରରୁ ପ୍ରାୟ୧, ୩୦୦ ପଏଣ୍ଟ ତଳକୁ ଖସିଗଲା।

ସକାଳ ୯ଟା ୨୧ ମିନିଟ୍ ସମୟରେ ସେନ୍ସେକ୍ସ ପ୍ରାୟ ୭୫, ୧୫୩ ପଏଣ୍ଟରେ କାରବାର କରୁଥିଲା। କିନ୍ତୁ ଦିନ ଶେଷରେ ବଜାର ଭାରି କ୍ଷତିରେ ବନ୍ଦ ହେଲା।ସେନସେକ୍ସ ୭୭୭.୯୪ ପଏଣ୍ଟ ବା ୧.୦୪% ଖସି ୭୪, ୦୦୩.୮୨ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟି ୨୭୯.୫୦ ପଏଣ୍ଟ ବା ୧.୧୯% ହ୍ରାସ ପାଇ ୨୩, ୧୧୮.୬୦ ପଏଣ୍ଟରେ ବନ୍ଦ ହୋଇଥିଲା। ଏହା ନିଫ୍ଟିର ପ୍ରାୟ ୫ ମାସର ସର୍ବନିମ୍ନ ସ୍ତର ବୋଲି ରିପୋର୍ଟରେ କୁହାଯାଇଛି। ଏହି କ୍ରାସର ସିଧା ସଳଖ ପ୍ରଭାବ ପଡ଼ିଛି ନିବେଶକଙ୍କ ସମ୍ପତ୍ତି ଉପରେ। ଇଝଇରେ ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ମୋଟ ମାର୍କେଟ୍ କ୍ୟାପିଟାଲାଇଜେସନ୍ ପ୍ରାୟ ୪, ୮୩, ୧୦, ୨୧୪.୯୩ କୋଟି ଟଙ୍କାରୁ ଖସି ୪, ୭୪, ୧୬, ୪୩୪.୮୭ କୋଟି ଟଙ୍କାକୁ ଆସିଥିଲା। ଅର୍ଥାତ୍ ଗୋଟିଏ ଦିନର କାରବାରରେ ଇଝଇ ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ବଜାର ମୂଲ୍ୟ ପ୍ରାୟ ୮.୯୪ ଲକ୍ଷ କୋଟି ଟଙ୍କା କମିଥିଲା।




ମଙ୍ଗଳବାର ବ୍ୟାଙ୍କିଂ ଓ ଡିଫେନ୍ସ ସେକ୍ଟରର ଶେୟାର ଗୁଡ଼ିକ ଉପରେ ବିକ୍ରି ଚାପ ଅଧିକ ଦେଖାଯାଇଥିଲା। ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ବା ଇରଖର ପ୍ରାୟ ୪% ଖସିଥିଲା। ଏହା ସହ ଶ୍ରୀରାମ ଫାଇନାନ୍ସ ପ୍ରାୟ ୨%, ଓଉଓଉଓ ବ୍ୟାଙ୍କ ପ୍ରାୟ ୨% ହ୍ରାସ ପାଇଥିଲା। ବଜାଜ ଫିନସର୍ଭ, ବଜାଜ ଫାଇନାନ୍ସ ଏବଂ କୋଟକ ମହିନ୍ଦ୍ରା ବ୍ୟାଙ୍କ ଭଳି ଶେୟାରରେ ମଧ୍ୟ ବଡ଼ ହ୍ରାସ ଦେଖାଯାଇଥିଲା। ନିଫ୍ଟି ଡିଫେନ୍ସ ଇଣ୍ଡେକ୍ସ ୩%ରୁ ଅଧିକ ଖସିଥିବା ବେଳେ ରିଅଲ୍ଟି ଓ ମେଟାଲ୍ ସେକ୍ଟରରେ ମଧ୍ୟ ଚାପ ରହିଥିଲା। ତେବେ ଏହି ହ୍ରାସ ମଧ୍ୟରେ ଆଇଟି ଶେୟାରଗୁଡ଼ିକ କିଛି ଆଶ୍ୱସ୍ତି ଦେଇଥିଲେ। ନିଫ୍ଟି ଆଇଟି ଇଣ୍ଡେକ୍ସ ୩%ରୁ ଅଧିକ ବଢ଼ିଥିଲା।

ବଜାରର ଏହି ହ୍ରାସ ପଛରେ ଏକାଧିକ ଆନ୍ତର୍ଜାତୀୟ ଓ ଘରୋଇ କାରଣ ରହିଥିବା କୁହାଯାଉଛି। ବଜାରରେ ହ୍ରାସ ପଛରେ ଅଶୋଧିତ ତେଲ ସବୁଠାରୁ ବଡ଼ କାରଣ ଥିଲା। ଆମେରିକୀୟ ବଣ୍ଡ ୟିଲ୍ଡ (ବାର୍ଷିକ ସୁଧ) ର ଭୟ ବଜାରରେ ଚିନ୍ତା ବଢାଇଥିଲା। ବ୍ରେଣ୍ଟ କ୍ରୁଡ୍ ତେଲ ପ୍ରତି ବ୍ୟାରେଲ ୧୦୭ ଡଲାର ଅତିକ୍ରମ କରିଛି। ମଧ୍ୟପ୍ରାଚ୍ୟ ଉତ୍ତେଜନା ଯୋଗୁଁ, ଅଶୋଧିତ ତେଲର ବୃଦ୍ଧି ମୁଦ୍ରାସ୍ଫୀତିର ଆଶଙ୍କା ବୃଦ୍ଧି କରିଛି। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି କମ୍ପାନୀଗୁଡ଼ିକର ମୂଲ୍ୟ ବୃଦ୍ଧି କରିବ, ଯାହା ଯୋଗୁଁ ବଜାରର ସ୍ଥିତି ଖରାପ ହୋଇଛି। ମହଙ୍ଗା ଅଶୋଧିତ ତେଲ ସୁଧ ହାର ବୃଦ୍ଧିର ଆଶଙ୍କା ବୃଦ୍ଧି କରେ। ଆମେରିକାର ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ବୃଦ୍ଧିର ସମ୍ଭାବନା ନକାରାତ୍ମକ ବଜାର ଭାବନାକୁ ଆହୁରି ଖରାପ କରିଛି। ସୁଧ ହାର ବୃଦ୍ଧିର ସମ୍ଭାବନା ପ୍ରାୟ ୯୪% ପ୍ରତିଶତକୁ ବୃଦ୍ଧି ପାଇଛି। କେବଳ ଆମେରିକାରେ ନୁହେଁ, ଭାରତରେ ମଧ୍ୟ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ସଂଖ୍ୟା ଆଇବିଆଇ ଦ୍ୱାରା ସୁଧ ହାର ବୃଦ୍ଧିର ସମ୍ଭାବନାକୁ କ୍ରମାଗତ ଭାବରେ ବୃଦ୍ଧି କରୁଛି। ୧୦ ବର୍ଷର ଟ୍ରେଜେରୀ ୟିଲ୍ଡ ୫% ଅତିକ୍ରମ କରିଛି। ଆମେରିକୀୟ ବଣ୍ଡ ଅପେକ୍ଷା ଅଧିକ ଲାଭ ଆଶାରେ, ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରୁ ସେମାନଙ୍କର ନିବେଶ ପ୍ରତ୍ୟାହାର କରି ଆମେରିକା ବଜାରରେ ନିବେଶ କରୁଛନ୍ତି।

## ଇପିଏଫ୍ଓର ହ୍ୱାଟ୍ସଆପ୍ ଚ୍ୟାନେଲ୍ ଆରମ୍ଭ




ନୂଆଦିଲ୍ଲୀ, ୧୫।୯: ସଦସ୍ୟମାନଙ୍କ ପାଖରେ ସୁବିଧାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ପହଞ୍ଚାଇବା ଲକ୍ଷ୍ୟ ନେଇ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ପକ୍ଷରୁ ହ୍ୱାଟସ୍ଆପ୍ ଚ୍ୟାନେଲ୍ ଆରମ୍ଭ କରାଯାଇଛି। ସେହି ଚ୍ୟାନେଲ୍‌କୁ ଅନୁସରଣ କରିବାକୁ ସଂଗଠନ ପକ୍ଷରୁ ସଦସ୍ୟମାନଙ୍କୁ ଆହ୍ୱାନ ଦିଆଯାଇଛି। ଉକ୍ତ ଚ୍ୟାନେଲ ଜରିଆରେ ସେମାନେ ଭବିଷ୍ୟନିଧି ଖାତା ସମ୍ପର୍କରେ ଜରୁରୀ ସୂଚନା ପାଇପାରିବେ। ଏହି ଚ୍ୟାନେଲରେ ଶିକ୍ଷଣୀୟ ବିଷୟବସ୍ତୁ ମଧ୍ୟ ଉପଲବ୍ଧ କରାଯିବ। ଇପିଏଫ୍ ଅଗ୍ରିମ ଉଠାଣ, ଇପିଏଫ୍ ଯୋଗଦାନ ଆଦି ସମ୍ପର୍କରେ ୟୁଟ୍ୟୁବ୍ ଭିଡିଓ ଉପଲବ୍ଧ କରାଯିବ। ପ୍ରଧାନମନ୍ତ୍ରୀ ବିକଶିତ ରୋଜଗାର ଯୋଜନା ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରାଯିବ। ଇପିଏଫ୍ଓର ଅଫିସିଆଲ ୱେବସାଇଟ୍‌ରେ ସଦସ୍ୟମାନେ ଅଗ୍ରିମ, ଉଠାଣ, ୟୁଏଏନ୍ ସକ୍ରିୟ କରିବା, ଦାବି ଓ ଖାତା ସ୍ଥାନାନ୍ତର, କେୱାଇସି ଓ ପେନ୍‌ସନ ସମ୍ପର୍କିତ ସେବା ପାଇପାରୁଛନ୍ତି। ଦେଶର ବିଭିନ୍ନ ବ୍ୟାଙ୍କ ହ୍ୱାଟସ୍ଆପ୍ ଜରିଆରେ ସେବା ପ୍ରଦାନ କରୁଛନ୍ତି। ସେହି ଅନୁସାରେ ହ୍ୱାଟସ୍ଆପ୍ ସେବା ଆରମ୍ଭ କରିବାକୁ ଗତ ମେ ମାସରେ ଇପିଏଫ୍ଓ କାମ ଆରମ୍ଭ କରିଥିଲା। ଦେଶରେ ୫୦ କୋଟିରୁ ଅଧିକ ଲୋକ ହ୍ୱାଟସ୍ଆପ୍ ବ୍ୟବହାର କରୁଥିବାରୁ ଏହି ମାଧ୍ୟମ ଜରିଆରେ ସହଜରେ ସଦସ୍ୟମାନଙ୍କ ପାଖରେ ସୂଚନା ପହଞ୍ଚାଇହେବ ବୋଲି ଇପିଏଫ୍ଓ ଭାବୁଛି।

## ନେପାଳକୁ ବିଜୁଳି ଦେଲା ଭାରତ

ନୂଆଦିଲ୍ଲୀ, ୧୫।୯: ପଡ଼ୋଶୀ ଦେଶ ନେପାଳକୁ ଭାରତ ବିଜୁଳି ରପ୍ତାନି ଆରମ୍ଭ କରିଛି। ସେପ୍ଟେମ୍ବର ୧୩ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହା ଦୈନିକ ୧୮ ଘଣ୍ଟା ନେପାଳକୁ ବିଜୁଳି ପଠାଇବ। ଏ ସମ୍ପର୍କିତ ପ୍ରସ୍ତାବକୁ ଶକ୍ତି ମନ୍ତ୍ରଣାଳୟ ଅନୁମୋଦନ କରିଛି। ମୁଜାଫରପୁର-ଧାଲକେବର ଓ ଟନକପୁର-ମହେନ୍ଦ୍ରନଗର ଲାଇନ୍ ଜରିଆରେ ୬୦୦ ମେଗାୱାଟ୍ ପର୍ଯ୍ୟନ୍ତ ବିଜୁଳି ରପ୍ତାନି କରାଯିବ। ଆସନ୍ତା ବର୍ଷରୁ ନେପାଳକୁ କେତେ ପରିମାଣର ବିଜୁଳି ଦିଆଯିବ ତାହା ଡିସେମ୍ବରରେ ନିର୍ଦ୍ଧାରଣ କରାଯିବ। ନିକଟରେ ପ୍ରଳୟଙ୍କରୀ ବନ୍ୟାକୁ ସାମନା କରିଥିବା ନେପାଳରେ ଜଳ ବିଦ୍ୟୁତ ଭିତ୍ତିଭୂମି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଫଳରେ ସେଠାରେ ବିଜୁଳି ଅଭାବ ଦେଖାଦେଇଛି। ଦେଶର ଆବଶ୍ୟକତା ପୂରଣ କରିବାକୁ ଅଧିକ ବିଦ୍ୟୁତ୍ ଶକ୍ତି ଦରକାର ହେଉଛି। ଭାରତ ପଠାଉଥିବା ବିଦ୍ୟୁତ ସେହି ଆବଶ୍ୟକତାକୁ ପୂରଣ କରିବା ସହ ଦୁଇ ଦେଶ ମଧ୍ୟରେ ସହଯୋଗିତାକୁ ଆହୁରି ମଜବୁତ କରିବ ବୋଲି ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



## ରାଜ୍ୟ ସ୍ତରରେ ଆର୍ଥିକ ସ୍ଥିତି ଚିନ୍ତାଜନକ, ବଢ଼ିଚାଲିଛି ଋଣ ଭାର

ନୂଆଦିଲ୍ଲୀ, ୧୫।୯: ଦେଶର ଅନେକ ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ରାଜସ୍ୱ ଖର୍ଚ୍ଚ ବଢ଼ିବା, ପୁଞ୍ଜି ବ୍ୟୟର ଗତି କମିବା ଓ ଋଣ ଭାର ବୃଦ୍ଧି ରାଜ୍ୟଗୁଡ଼ିକ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ସହ ବିକାଶମୂଳକ ଖର୍ଚ୍ଚ ବଢ଼ାଇବା ରାଜ୍ୟଗୁଡ଼ିକ ପାଇଁ ଏବେ ଜରୁରୀ ହୋଇପଡ଼ିଛି।ରାଜ୍ୟଗୁଡ଼ିକର ମୋଟ ଖର୍ଚ୍ଚରେ ବେତନ, ପେନ୍‌ସନ, ସୁଧ ପରିଶୋଧ, ସବ୍‌ସିଡି ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ଭଳି ରାଜସ୍ୱ ଖର୍ଚ୍ଚର ଅଂଶ ବଢ଼ୁଛି। ଏଭଳି ଖର୍ଚ୍ଚରୁ ତୁରନ୍ତ ଲାଭ ମିଳୁଥିଲେ ମଧ୍ୟ ଦୀର୍ଘମିଆଦୀ ଭିତ୍ତିରେ ଏହା ରାଜ୍ୟର ଆର୍ଥିକ ସ୍ଥିତି ଉପରେ ଚାପ ପକାଇବ। ଅନ୍ୟପକ୍ଷରେ ରାସ୍ତା, ଶିଳ୍ପ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ହେଉଥିବା ପୁଞ୍ଜି ବ୍ୟୟ ଆଶାନୁରୂପ ଭାବେ ବଢ଼ୁନାହିଁ। ବିଭିନ୍ନ ରାଜ୍ୟର ଆର୍ଥିକ ସ୍ଥିତି ସମ୍ପର୍କିତ ସିଏଜି ରିପୋର୍ଟରେ ମଧ୍ୟ ଏହି ଚିତ୍ର ସାମନାକୁ ଆସିଛି। ତାମିଲନାଡୁର ୨୦୨୪-୨୫ର ଆର୍ଥିକ ସ୍ଥିତି ଉପରେ ସିଏଜି ରିପୋର୍ଟରେ ରାଜସ୍ୱ ଆୟର ଧିମା ବୃଦ୍ଧି, ଅଧିକ ବାଧ୍ୟତାମୂଳକ ଖର୍ଚ୍ଚ ଓ ସବ୍‌ସିଡି ଉପରେ ନିର୍ଭରଶୀଳତା ନେଇ ଚିନ୍ତା ପ୍ରକଟ କରାଯାଇଛି। ଏହି ସମୟରେ ରାଜ୍ୟର ବକେୟା ସାର୍ବଜନୀନ ଋଣ ମଧ୍ୟ ଦ୍ରୁତ ବଢ଼ିଥିବା ସିଏଜି କହିଛନ୍ତି।

ତାମିଲନାଡୁର ବକେୟା ସାର୍ବଜନୀନ ଋଣ ୨୦୧୫-୧୬ରେ ପ୍ରାୟ ୧.୯୪ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୭.୯୪ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି। ଅର୍ଥାତ୍ ପ୍ରାୟ ୩୦୯% ବୃଦ୍ଧି ହୋଇଛି। ସେହିପରି ତାମିଲନାଡୁର ମୋଟ ସରକାରୀ ଖର୍ଚ୍ଚରେ ପୁଞ୍ଜି ବ୍ୟୟର ଅଂଶ ୧୨.୧୪% ରହିଛି। ରାଜ୍ୟ ମୋଟ୍ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ତୁଳନାରେ ଏହା ୧.୫୧% ବୋଲି ରିପୋର୍ଟରେ ଦର୍ଶାଯାଇଛି। କେରଳର ଆର୍ଥିକ ସ୍ଥିତି ମଧ୍ୟ ଚିନ୍ତାର କାରଣ ହୋଇଛି। ୨୦୨୪-୨୫ରେ କେରଳର ମୋଟ ସରକାରୀ ଖର୍ଚ୍ଚ ୮.୯୭% ବଢ଼ିଥିଲା। ଏଥିରେ ରାଜସ୍ୱ ଖର୍ଚ୍ଚ ୯.୩୨% ବା ୧୩,୨୯୪.୪୪ କୋଟି ଟଙ୍କା ବଢ଼ିଥିଲା। ତେବେ ଏହି ସମୟରେ ରାଜ୍ୟର ପୁଞ୍ଜି ବ୍ୟୟ ୧୭,୮୮୬.୭୮ କୋଟି ଟଙ୍କାରେ ପହଞ୍ଚିଥିଲା ଯାହା ଗତ ଦଶନ୍ଧିରେ ସର୍ବାଧିକ। ତଥାପି ବଜେଟ୍ ବାହାରେ ଋଣ ଉପରେ ରାଜ୍ୟର ନିର୍ଭରଶୀଳତାକୁ ନେଇ ସିଏଜି ଚିନ୍ତା ପ୍ରକଟ କରିଛି। କ୍ରିସିଲ୍‌ର ଏକ ରିପୋର୍ଟ ଅନୁସାରେ, ୨୦୨୫-୨୬ରେ ୧୭ଟି ପ୍ରମୁଖ ରାଜ୍ୟର ବିତ୍ତୀୟ ନିଅଣ୍ଟ ଜିଏସ୍‌ଡିପିର ୩.୨% ରହିଛି। ଏହି ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ମଧ୍ୟ ଗୋଟିଏ ବର୍ଷ ପୂର୍ବର ୦.୭%ରୁ ବଢ଼ି ୦.୮% ହୋଇଛି। ଅନ୍ୟପକ୍ଷରେ ପୁଞ୍ଜି ବ୍ୟୟ ଜିଏସ୍‌ଡିପିର ୨.୨% ରହିଛି ଯାହା ୨୦୨୪-୨୫ର ୨.୩% ଠାରୁ କମ୍। ଦେଶର ମୋଟ ସରକାରୀ ଖର୍ଚ୍ଚର ଅର୍ଦ୍ଧାଧିକ ଅଂଶ ରାଜ୍ୟଗୁଡ଼ିକ ଖର୍ଚ୍ଚ କରୁଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତିର ପ୍ରଭାବ ସମଗ୍ର ଅର୍ଥନୀତି ଉପରେ ପଡ଼ିବ। ତେଣୁ ରାଜ୍ୟଗୁଡ଼ିକୁ ରାଜସ୍ୱ ଆୟ ବଢ଼ାଇବା ସହ ଅନାବଶ୍ୟକ ଖର୍ଚ୍ଚ କମାଇବାକୁ ପଡ଼ିବ। ଏହା ସହିତ ଭିତ୍ତିଭୂମି ଓ ଉତ୍ପାଦନକ୍ଷମ ପ୍ରକଳ୍ପରେ ପୁଞ୍ଜି ବ୍ୟୟକୁ ପ୍ରାଥମିକତା ଦେବାକୁ ହେବ। ନଚେତ ଋଣ ଭାର ଓ ରାଜସ୍ୱ ଖର୍ଚ୍ଚ ବଢ଼ିବା ଆଗାମୀ ଦିନରେ ରାଜ୍ୟଗୁଡ଼ିକର ବିକାଶ ପାଇଁ ବଡ଼ ବାଧା ସୃଷ୍ଟି କରିବ।




## ଏଆଇକୁ ଧିମା କରିବା ଆମେରିକାର ଷଡ଼ଯନ୍ତ୍ର: ଚୀନ



ନୂଆଦିଲ୍ଲୀ, ୧୫।୯: କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିକାଶକୁ ଧିମା କରିବା ଲାଗି ଆନ୍ଥ୍ରୋପିକର ସିଇଓ ଡୋରିଓ ଆମୋଦେଇ ଦେଇଥିବା ପ୍ରସ୍ତାବ ଆମେରିକାର ଏକ ଷଡ଼ଯନ୍ତ୍ର ବୋଲି ଚୀନ କହିଛି। ପ୍ରଯୁକ୍ତି ଉପରେ ନିଜର ଏକଚାଟିଆ ଅଧିକାରକୁ ବଜାୟ ରଖିବା ଲାଗି ଆମେରିକା ଏଭଳି ଚାଲାକି କରୁଛି। ଚୀନକୁ ପଠାଯାଉଥିବା କମ୍ପ୍ୟୁଟର ଚିପ୍ ଉପରେ ରୋକ ଲଗାଇବାକୁ ଆମୋଦେଇ ଆମେରିକା ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ ଆମେରିକାର ମହଙ୍ଗା ଓ ଅତ୍ୟାଧୁନିକ ଏଆଇ ମଡେଲ୍‌ର ପ୍ରଶ୍ନୋତ୍ତର ତଥ୍ୟକୁ ବ୍ୟବହାର କରି ଚୀନ କମ୍ ଖର୍ଚ୍ଚରେ ଓ କମ୍ ସମୟରେ ନିଜର ନୂଆ ଏଆଇ ମଡେଲ୍ ପ୍ରସ୍ତୁତ କରିନେଉଛି। ଚୀନର ଅଧିକାଂଶ ଏଆଇ ଲ୍ୟାବ ସେହି ଢାଞ୍ଚାରେ କାମ କରୁଥିବା ଆମୋଦେଇ ଅଭିଯୋଗ କରିଥିଲେ। ଚୀନର ସରକାରୀ ସମ୍ବାଦପତ୍ର 'ଗ୍ଲୋବାଲ୍ ଟାଇମ୍‌ସ' କହିଛି, ବିଶ୍ୱ ଏଆଇ ବ୍ୟବସ୍ଥାରୁ ଚୀନକୁ ଅଲଗା ରଖିବା ଲାଗି ଆମେରିକା ଷଡ଼ଯନ୍ତ୍ର କରିଛି।

## ରାପିଡୋ ବୁକିଂ ପୂର୍ବରୁ ଅଧିକ ଟଙ୍କା ଦେବାକୁ କହିବା ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ: ରାଇଡ୍ ବୁକ୍ କରିବା ସମୟରେ ଯାତ୍ରୀଙ୍କୁ ଅଧିକ ଟଙ୍କା ଦେବାକୁ ବାଧ୍ୟ କରିବା ରାପିଡୋକୁ ମହଙ୍ଗା ପଡ଼ିଛି। ଭ୍ରାମକ ବିଜ୍ଞାପନ, ଅନୁଚିତ ବ୍ୟବସାୟିକ ପ୍ରଥା ଏବଂ 'ଡାର୍କ ପ୍ୟାଟର୍ନ' ବ୍ୟବହାର ଅଭିଯୋଗରେ ସେଣ୍ଟ୍ରାଲ୍ କଞ୍ଜ୍ୟୁମର ପ୍ରୋଟେକ୍ସନ ଅଥରିଟି (CCPA) ରାଇଡ୍-ହେଲିଂ ପ୍ଲାଟଫର୍ମ ରାପିଡୋ ପରିଚାଳନା କରୁଥିବା ରୋପେନ ଟ୍ରାନ୍ସପୋର୍ଟେସନ ସର୍ଭିସ୍ ପ୍ରାଇଭେଟ ଲିମିଟେଡ୍ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। କ୍ୟାବ୍ ଓ ବାଇକ୍-ଟ୍ୟାକ୍ସି ଆଗ୍ରିଗେଟର୍ ପ୍ଲାଟଫର୍ମଗୁଡ଼ିକରେ ଆଡଭାନ୍ସ ଟିପ୍ ଏବଂ ଡାଇନାମିକ୍ ପ୍ରାଇସିଂ ସମ୍ପର୍କିତ ଅଭ୍ୟାସ ଉପରେ ଯାଞ୍ଚ ପରେ ସିସିପିଏ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଯାଞ୍ଚ ସମୟରେ ରାପିଡୋ ଗ୍ରାହକଙ୍କୁ ବାଧ୍ୟ କଲା ଭଳି ଆପ୍‌ରେ ଏକାଧିକ ବାର୍ତ୍ତା ଦେଉଥିଲା ବୋଲି ସିସିପିଏ ଜାଣିବାକୁ ପାଇଥିଲା ଯେଉଁଥିରେ ଲେଖାଯାଉଥିଲା ଦାମ୍ ଯେତେ ଅଧିକ ହେବ, ଗାଡ଼ି ମିଳିବାର ସମ୍ଭାବନା ସେତେ ଅଧିକ ରହିବ। ଏହା ସହିତ କ୍ୟାପଟେନ୍‌ମାନେ ୬୦ ଟଙ୍କାରେ ଗ୍ରହଣ କରୁନାହାନ୍ତି। ଏଥିରେ +୧୦, +୨୦ କିମ୍ବା +୩୦ ଯୋଡ଼ିବାକୁ ଚେଷ୍ଟା କରନ୍ତୁ। ଭଳି ପ୍ରମ୍ପ୍ଟ ମଧ୍ୟ ଦିଆଯାଉଥିଲା। ନିୟାମକଙ୍କ ଅନୁସାରେ, ପ୍ରଥମେ ରାପିଡୋ ଏକ ନିର୍ଦ୍ଦିଷ୍ଟ ଭଡ଼ା ଦେଖାଉଥିଲା। ଯାତ୍ରୀ ସେହି ଭଡ଼ାରେ ରାଇଡ୍ ବୁକ୍ କରିବା ପରେ ଡ୍ରାଇଭର ମୂଳ ଭଡ଼ାରେ ରାଇଡ୍ ଗ୍ରହଣ କରୁନଥିବା ଦର୍ଶାଇ ଅତିରିକ୍ତ ଟଙ୍କା ଦେବାକୁ ପ୍ରମ୍ପ୍ଟ କରାଯାଉଥିଲା। ଏନେଇ ସିସିପିଏ କହିଛି, ଏପରି ବ୍ୟବସ୍ଥା ଯାତ୍ରୀଙ୍କ ମନରେ ଏକ ଭୁଲ ଧାରଣା ସୃଷ୍ଟି କରୁଥିଲା ଯେ ଅଧିକ ଟଙ୍କା ଦେଲେ ହିଁ ରାଇଡ୍ ମିଳିବାର ସମ୍ଭାବନା ବଢ଼ିବ। ବିଶେଷକରି ବୁକିଂ ପାଇଁ ଯାତ୍ରୀ ନିଷ୍ପତ୍ତି ନେଇସାରିବା ପରେ ଏଭଳି ଅତିରିକ୍ତ ଦେୟ ମାଗିବାକୁ ନିୟାମକ ଅନୁଚିତ ବୋଲି କହିଛନ୍ତି। ସିସିପିଏ କହିଛି, ରାଇଡ୍ ବୁକିଂ ସମୟରେ ଦେଖାଯାଉଥିବା ଭଡ଼ାରେ ଦୂରତା, ସମୟ, ଟ୍ରାଫିକ୍, ଟୋଲ୍ ଏବଂ ଡ୍ରାଇଭରଙ୍କୁ ଦିଆଯିବାକୁ ଥିବା ଟଙ୍କା ଭଳି ବିଭିନ୍ନ ଉପାଦାନ ବିଚାର କରାଯାଏ। ତେଣୁ ରାଇଡ୍ ଆରମ୍ଭ ହେବା ପୂର୍ବରୁ ସେହି ରାଇଡ୍ ପାଇଁ ଅତିରିକ୍ତ ଟଙ୍କା କିମ୍ବା ଟିପ୍ ଦେବାକୁ ସୂଚନା ଦେବାର କୌଣସି ଯଥାର୍ଥତା ନାହିଁ। ସାଧାରଣତଃ ଟିପ୍ ଏକ ସ୍ୱେଚ୍ଛାକୃତ ଦେୟ ଏବଂ ସେବା ମିଳିବା ପରେ ଏହା ଦିଆଯାଏ। ଏହାକୁ ସେବା ପାଇବାର ଶର୍ତ୍ତ ଭାବେ ଉପସ୍ଥାପନ କରାଯାଇପାରିବ ନାହିଁ ବୋଲି ସିସିପିଏ କହିଛି। ସିସିପିଏ ମୋଟର ଭେହିକଲ୍ ଆଗ୍ରିଗେଟର୍ ଗାଇଡଲାଇନ୍ସ, ୨୦୨୫କୁ ମଧ୍ୟ ଉଲ୍ଲେଖ କରିଛି। ଏହି ନିୟମ ଅନୁସାରେ ଟିପ୍ ଦେବାର ସୁବିଧା ରାଇଡ୍ ସମ୍ପୂର୍ଣ୍ଣ ହେବା ପରେ ଉପଲବ୍ଧ ହେବା ଉଚିତ। ବୁକିଂ ସମୟରେ କିମ୍ବା ରାଇଡ୍ ଚାଲିଥିବା ବେଳେ ଏହାକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ।

## ଅଙ୍ଗନବାଡି କେନ୍ଦ୍ରରେ ତିନି ଦିନ ଧରି ଝୁଲୁଛି ତାଲା

# ପାଠପଢ଼ାରେ ବ୍ୟାଘାତ, ବାରଣ୍ଡାରେ ଗଣେଶ ପୂଜା ପାଳିଲେ ଛାତ୍ରଛାତ୍ରୀ



**ଫୁଲବାଣୀ,୧୫।୯ (ସଂଚାର ବ୍ୟୁରୋ):** ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ଉଆଦୁର୍ଗା ଅଙ୍ଗନବାଡି କେନ୍ଦ୍ରରେ ଗତ ୩ ଦିନ ହେବ କେହି କେନ୍ଦ୍ରରେ ତାଲା ପକାଇ ଦେଇଛି। ଯାହାକୁ ନେଇଁ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିଥିବାରୁ ପିଲାଙ୍କ ଶିକ୍ଷାଦାନ ବାଧା ପ୍ରାପ୍ତ ହେବା ସହ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି କୋମଳ ମତି ଶିଶୁ ମାନେ।

ତେବେ ସୂଚନା ଅନୁସାରେ ଏହି ଉଆଦୁର୍ଗା ଅଙ୍ଗନବାଡି କେନ୍ଦ୍ରରେ ପୂର୍ବରୁ ଥିବା ଅଙ୍ଗନବାଡି କର୍ମୀଙ୍କ ଚାକିରୀରୁ ଅବସର ପରେ ନୂତନ ଭାବରେ ଅଙ୍ଗନବାଡି ଚୟନକୁ ନେଇଁ ସମ୍ବନ୍ଧିତ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଅଗଷ୍ଟ ୬ ତାରିଖ ରେ ବିଜ୍ଞାପନ ବାହାରିଥିଲା। ବିଜ୍ଞାପନ ବାହାରିବା ପରେ ଅଙ୍ଗନବାଡି କେନ୍ଦ୍ର ଅଧୀନ ଅଞ୍ଚଳରୁ ଆଶାୟୀ ପ୍ରାର୍ଥନା ଆବେଦନ କରିଥିଲେ ଏଥିରେ ସମସ୍ତ କାଗଜ ପତ୍ର ଯାଞ୍ଚ କରାଯାଇଥିଲା ଓ ଯୋଗ୍ୟତା ଆଧାରରେ ଉଆଦୁର୍ଗା କେନ୍ଦ୍ର ଅଧୀନ ଶାଶୀପଦର ଗାଁର ବିବାହିତା ମହିଳା ଯଜନିତା କହଁର ନିଯୁକ୍ତି ପାଇଥିଲେ। ଶିଶୁ ବିକାଶ କାର୍ଯ୍ୟାଳୟରେ ସେପ୍ଟେମ୍ବର ୧୧ ତାରିଖରେ ଜଏନ କରିବା ପରେ ଶନିବାର ୧୨ ତାରିଖ ଦିନ ଅଙ୍ଗନବାଡି କେନ୍ଦ୍ରରେ ପିଲାଙ୍କୁ ନେଇଁ ପାଠ ପଢାଇବାକୁ ଯାଇଥଲେ। ତେବେ ଅଙ୍ଗନବାଡି କେନ୍ଦ୍ରକୁ ଯିବାପରେ କେହି ବ୍ୟକ୍ତି ଅଙ୍ଗନବାଡି କେନ୍ଦ୍ରରେ ଡବଲ ତାଲା ପକାଇଥିବା ଦେଖିବାକୁ ପାଇଥିଲେ । ପିଲାଙ୍କୁ ନେଇଁ ବାହାରେ ଦିନ ୧୧ଟା ପର୍ଯ୍ୟନ୍ତ ରଖିବା ପରେ ତାଲା ନ ଖୋଲିବାରୁ ବାଧ୍ୟ ହୋଇ ଘରକୁ ଫେରିଥିଲେ। ଯାହାକୁ ନେଇଁ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ନୂତନ ଭାବରେ ଅଙ୍ଗନବାଡି କର୍ମୀ ନିଯୁକ୍ତି ପାଇଥିବା ଯଜନିତା କହଁର।

ଅନ୍ୟପଟେ ବର୍ତ୍ତମାନ ଅଙ୍ଗନବାଡି ଛୁଟି ଥିବାରୁ ଅଙ୍ଗନବାଡିରେ ତାଲା ପଡ଼ିବାର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଅଙ୍ଗନବାଡି କେନ୍ଦ୍ର ଖୋଲିଲେ ଏବଂ ବିଭାଗୟ ଅଧିକାରୀ ଘଟଣା ସ୍ଥଳରେ ପରିଦର୍ଶନ କଲେ ଜଣାପଡିବ । ଏହି ଘଟଣାକୁ ନେଇଁ ଫିରିଙ୍ଗିଆ ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନଙ୍କୁ ପଚାରିବାରୁ ଆଇନ ଅନୁସାରେ ପ୍ରକୃତ ପ୍ରାର୍ଥୀନୀକୁ ନିଯୁକ୍ତି ଦିଆଯାଇଛି । କଣ ପାଇଁ ତାଲା ପଡିଛି କିଏ ତାଲା ପକାଇଛନ୍ତି ତାହା ତଦନ୍ତ କଲେ ଜଣାପଡିବ ବୋଲି କହିଛନ୍ତି।

ଏଭଳି ପରିସ୍ଥିତିରେ ଅଙ୍ଗନବାଡ଼ି କେନ୍ଦ୍ରର ଘର ବାରଣ୍ଡାରେ ଗଣେଶ ପୂଜା କରାଯାଇଛି। ତୁରନ୍ତ ଅଙ୍ଗନବାଡି କେନ୍ଦ୍ରରୁ ତାଲା ଖୋଲିବାକୁ ଦାବି ହେଉଛି।

---

### ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ଗାଈଚରାଳିର ଜୀବନ ଗଲା

## କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ



**ମୁନିଗୁଡ଼ା/ରାୟଗଡ଼ା,୧୫।୯ (ସଂଚାର ବ୍ୟୁରୋ):** ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ଗାଈଚରାଳିଙ୍କ ମୃତ୍ୟୁକୁ ନେଇ କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ କରାଯାଇଥିଲା। ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ମୁନିଗୁଡ଼ା ଥାନା ଅନ୍ତର୍ଗତ ତୁରିଗୁଡ଼ା ପଞ୍ଚାୟତ ତିଶାପଦର ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ ମାଧବ ପିଡ଼ିକାକା(୪୨)। ସୋମବାର ସନ୍ଧ୍ୟାରେ ମାଧବ ଗାଈଚରାଇ ଜଙ୍ଗଲରୁ ଫେରୁଥିବା ବେଳେ ଜଙ୍ଗଲ ଅଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା।

ମଙ୍ଗଳବାର ଗ୍ରାମବାସୀ ମୃତଦେହ ନେଇ ମୁନିଗୁଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। କ୍ଷତିପୂରଣ ଦାବିରେ ମୁନିଗୁଡ଼ା- କନ୍ଧମାଳ ରାସ୍ତାରେ ଶବ ରଖି ଅବରୋଧ କରିଥିଲେ। ଫଳରେ କିଛି ସମୟ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅନ୍ତରୀଣ ସହାୟତା ପାଇଁ ତୁରନ୍ତ ୧୫ ହଜାର ଟଙ୍କା ଦିଆଯାଇଥିଲା। ଏଥିସହ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସରକାରୀ ନିୟମାନୁସାରେ କ୍ଷତିପୂରଣ ଯୋଗାଇଦେବା ପାଇଁ ଉଦ୍ୟମ କରାଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକ ହଟିଥିଲା।

ତେବେ ଜଙ୍ଗଲ ଭିତରେ ବହୁଦିନ ଧରି ଛିଣ୍ଡା ବିଦ୍ୟୁତ୍ ତାର ପଡ଼ିରହିଥିବା ନେଇ ବିଦ୍ୟୁତ୍ ବିଭାଗକୁ ପୂର୍ବରୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ପ୍ରତିକାର କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ଦାୟୀଙ୍କ ବିରୋଧରେ ପଦକ୍ଷେପ ସହ ମୃତକଙ୍କ ପରିବାରକୁ ଉଚତ୍ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

---

## ଅନାଥାଳୟ ଶିଶୁଙ୍କ ସହ ଖୁସି ବାଣ୍ଟିଲା ଓଡ଼ିଆ ଉର୍ଜା ଫାଉଣ୍ଡେସନ




**ବାଲିପାଟଣା,୧୫।୯ (ସଂଚାର ବ୍ୟୁରୋ):** ଓଡ଼ିଆ ଉର୍ଜା ଫାଉଣ୍ଡେସନ ପକ୍ଷରୁ ରବିବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ନୀଳାଦ୍ରି ବିହାର ଅଞ୍ଚଳ ରେ ଥିବା ଆଶା କିରନ୍ ଅନାଥାଳୟ ର ପିଲାଙ୍କ ଗହଣରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ଅନ୍ତେବାସୀଙ୍କ ସହ ଖେଳ, କୁଦ, ନାଚ, ଗୀତ ସହ ହସ ଖୁସି ଆନନ୍ଦ ଉଲ୍ଲାସ ରେ କଟିଥିଲା | ଫାଉଣ୍ଡେସନ କର୍ମକର୍ତା ଆଶ୍ରମ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଭୋଜନ କରିଥିଲେ | ଅନାଥାଳୟ ଶିଶୁ ମାନଙ୍କୁ ଆଗକୁ ବଢ଼ିଆ ପାଇଁ ଉତ୍ସାହିତ କରାଯାଇଥିଲା | ଓଡ଼ିଆ ଉର୍ଜା ଫାଉଣ୍ଡେସନ ସଭାପତି ସ୍ମିତାଞ୍ଜଳି ହୋତା, ଉପ ସଭାପତି ସବିତାରାଣୀ ମଲ୍ଲିକ ,କୋଷାଧ୍ୟକ୍ଷ କାରୁବାକି ଜେନା , ସମ୍ପାଦିକା ଈଶ୍ୱରାମା ପଣ୍ଡା , ସହ ସମ୍ପାଦିକା ଅରୁନ୍ଧତି ମିଶ୍ର ,ମମତା ବେହେରା, ମମତା ପଳାଇ, ମିନତୀ ପଣ୍ଡା , ସବିତା ବେହେରା , ସଂଯୁକ୍ତା ଦାସ , ସୁଶ୍ରୀ ସଙ୍ଗୀତା, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ | ଆଶା କିରନ୍ର ମୁଖ୍ୟ ପ୍ରତାପ ପ୍ରଧାନ ସହଯୋଗ କରିଥିଲେ। ଓଡ଼ିଆ ଉର୍ଜା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସମାଜ ସେବା କାର୍ଯ୍ୟ ଜାରି ରହିଛି |

---

## ଜିଲ୍ଲାରେ ବଢୁଛି ଶବ୍ଦ ପ୍ରଦୂଷଣ, ପ୍ରଶାସନ ନୀରବ

**କେନ୍ଦ୍ରାପଡ଼ା,୧୫।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଠାରୁ କେନ୍ଦ୍ର ସରକାର ପର୍ଯ୍ୟନ୍ତ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଆଇନ୍ ଉପରେ ଆଇନ୍ ଲଦି ଦେଉଥିବାବେଳେ ସ୍ଥାନୀୟ ଅଞ୍ଚଳର ପ୍ରଶାସନ ଏହାକୁ ଲାଗୁ କରୁନାହାନ୍ତି ଯାହାଫଳରେ ଦିନକୁ ଦିନ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବିଭିନ୍ନ ସଭା ସମିତି, ପର୍ବ ପର୍ବାଣୀ, ଶୋଭାଯାତ୍ରା ଓ ଭସାଣୀ ପୂଜା ମଣ୍ଡପରେ ଓ ବିଭିନ୍ନ କାର୍ଯ୍ୟକ୍ରମରେ ମାଇକ୍ ବଜାଇବା ପାଇଁ (ଲାଉଡ୍ ସ୍ପିକ) ର୍ ବଜାଇବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ନେଇଥିବା ବ୍ୟାଣ୍ଡ ପାର୍ଟି ମାଲିକମାନେ ମନ ମୁତାବକ ଗୋଟିଏ ଗାଡିରେ ପ୍ରାୟ ୩୦ ରୁ ୪୦ ବଡ ବଡ ସାଉଣ୍ଡ ବକ୍ସ ଲଗାଇ ୬୫ ଡେସବିଲ୍ ପରିବର୍ତ୍ତେ ଦୁଇ ଶହରୁ ଊର୍ଦ୍ଧ୍ୱ ଡେସିବିଲରେ ବଜାଉଥିବାରୁ ସ୍କୁଲ୍, କୋର୍ଟ, କଚେରୀ, ଚିକିତ୍ସାଳୟ, ମନ୍ଦିର, ମସଜିଦ୍, ଚର୍ଚ୍ଚ ଇତ୍ୟାଦିରେ ଭକ୍ତଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଭସାଣୀ ସମୟରେ ମାତ୍ରାଧିକ ବକ୍ସ ବ୍ୟବହାର କରି ବଜାଉଥିବାରୁ ଏହାର ସାଉଣ୍ଡ ପ୍ରଦୂଷଣରେ ଦୁଇଜଣ ମୃତ୍ୟୁବରଣ କରିଥିବା ମଧ୍ୟ ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ଅନୁମତି ଦେବା ସମୟରେ ଏବଂ ଅନୁମତି ପତ୍ରକୁ ଦିଆଯାଇଥିବା ଆଦେଶ ହିସାବରେ କାମ କରୁନଥିବା ବ୍ୟାଣ୍ଡ ପାର୍ଟି ମାଲିକ ବିରୁଦ୍ଧରେ ଓ ଅନୁମତି ନେଇଥିବା ଅନୁଷ୍ଠାନ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

---

## ଦୁର୍ବଳ ହେଉଛି ବିଜେଡି ସଂଗଠନ, ବଢୁଛି ବିଜେପି ଲୋକପ୍ରିୟତା



**ଘଟଗାଁ,୧୫।୯ (ସଂଚାର ବ୍ୟୁରୋ):** ଦୁର୍ବଳ ହେଉଛି ବିଜେଡି ସଂଗଠନ ବଢ଼ୁଛି ବିଜେପି ଲୋକ ପ୍ରିୟତା। ରାଜ୍ୟର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ଘସିପୁରା ବିଧାନସଭା କ୍ଷେତ୍ର ଘଟଗାଁ ବ୍ଲକରେ ଧିରେ ଧିରେ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗୁଛି। ବ୍ଲକର ବିଭିନ୍ନ ଜୋନ ବିଜେଡି କର୍ମୀ ମାନେ ବିଜେପିକୁ ଚାଲି ଆସୁଥିବା ନଜର ରହୁଛି। ପ୍ରକାଶ ଥାଉକି ପୂର୍ବରୁ ଅନେକ ବିଜେଡି ନେତା ଓ କର୍ମୀ ବିଜେପି ଶିବିରରେ ବିଧିବଦ୍ଧ ଭାବରେ ଯୋଗ ଦେଇଥିବା ବେଳେ ନିକଟରେ ସାଂସଦଙ୍କ ଉପସ୍ଥିରେ ପଣ୍ଡାପଡ଼ା ଜୋନ ଆଗଧାଡିର ଟାଣୁଆ ବିଜେଡି ନେତା ପୂର୍ବତନ ବ୍ଲକ ଉପାଧ୍ୟାକ୍ଷା ଓ ଜିଲ୍ଲା ଉପ ସଭାପତି ରମେଶ ପଲେଇ ବିଧିବୋଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି।ତାଙ୍କ ସହ ବସନ୍ତପୁର ପଞ୍ଚାୟତ ବିଜେଡି ସଭାପତି ଗଣେଶ୍ୱର ମହାନ୍ତ ସମେତ ସନ୍ତୋଷ ସାହୁ, ରତିକାନ୍ତ ମହାନ୍ତ, ସତ୍ୟସବ୍ରତ ମହାନ୍ତ ପ୍ରମୁଖ ବିଜେଡି ଛାଡି ସାଂସଦ ଅନନ୍ତ ନାୟକ ଉପସ୍ଥିତିରେ ବିଜେପିରେ ଯୋଗଦେଇଛନ୍ତି।ତେବେ ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଥିବା ବେଳେ ବିଜୁ ଜନତା ଦଳର ବହୁ କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ବିଜେଡି ସଂଗଠନକୁ ଦୁର୍ବଳ କରୁଛନ୍ତି।

---

## ମାଁ ପାଟଣେଶ୍ୱରୀ ମନ୍ଦିରରେ ଲାଗିଲା ଖାଇଲେ ନବାନ୍ନ୨ ହଜାର ଭକ୍ତ

**ବଲାଙ୍ଗିର,୧୫।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ପାଟଣାର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀଙ୍କ ପୀଠରେ ବିଶୁଦ୍ଧ ଲଗ୍ନ ଅନୁସାରେ ନବାନ୍ନ ଲାଗି ହୋଇଥିଲା। ପାର୍ଶ୍ୱ ଦେବାଦେବୀ ପୂଜା ସହ ମାଁଙ୍କ ଗୁପ୍ତନୀତିରେ ନବାନ୍ନ ଲାଗି ପୂର୍ବକ ମହା ଆଳତି ହୋଇଥିଲା। ମାଁଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ସହ ନୂଆଁ ଅନ୍ନ ଲାଗି ହୋଇଥିଲା। ମନ୍ଦିର ତରଫରୁ ଭକ୍ତମାନଙ୍କ ପାଇଁ ନବାନ୍ନ ପ୍ରସାଦ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଇଷ୍ଟଦେବୀ ଙ୍କ ଲାଗି ପ୍ରସାଦ ନେଇ ଜନତା ନିଜ ଘରେ ପରିବାର ସହ ନବାନ୍ନ ଭକ୍ଷଣ କରିଥିଲେ। ନବାନ୍ନ ନେବା ପାଇଁ ଓ ଦର୍ଶକ ପାଇଁ ମନ୍ଦିରରେ ଅନେକ ଭିଡ ଲାଗିଥିଲା। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜ କନକ ବର୍ଦ୍ଧନ ସିଂଦେଓ, ମାଁ ଙ୍କ ଦର୍ଶନ କରି ନବାନ୍ନ ଗ୍ରହଣ କରିଥିଲେ ପୂଜକ ଅଭିନାଶ ଦିଶ୍ରୀ ସହଯୋଗ କରିଥିଲେ। ମନ୍ଦିରରେ ଭକ୍ତମାନଙ୍କ ପାଇଁ ୨ହଜାରରୁ ଊର୍ଦ୍ଧ୍ୱ ନବାନ୍ନ ଭୋଗ ପାଇଥିଲେ ଏବଂ ଭିଡ ଲାଗି ରହିଛି। ବିଭିନ୍ନ କମିଟି ସହ ଦେବାଳୟ ସୁରକ୍ଷା କମିଟିର ସମ୍ପାଦକ ପ୍ରଶାନ୍ତ ମହାକୁର ଓ ରିଂଟୁ ସାହୁ, ଅଙ୍କିତା ଦିଶ୍ରୀ ସହଯୋଗ କରିଥିଲେ।

---

## ଭାଜପା କାର୍ଯ୍ୟାଳୟରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



**ମାଲକାନଗିରି,୧୫।୯ (ସଂଚାର ବ୍ୟୁରୋ):** ଆଜି ମାଲକାନଗିରି ଜିଲ୍ଲା ଭାଜପା କାର୍ଯ୍ୟାଳୟ ଠାରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଛି । ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା ଙ୍କ ନେତତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପ ସଭାପତି ରମେଶ ସାହୁ ମଞ୍ଚାସିନ ହୋଇଥିଲେ । ପ୍ରାରମ୍ଭରେ ସମସ୍ତ ଅତିଥି ଦଳର ପ୍ରତିଷ୍ଠାତା ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଙ୍କ ତୈଳଚିତ୍ର ସମ୍ମୁଖ୍ ରେ ପ୍ରଦୀପ ପ୍ରଜ୍ୱଳନ

କରି ବୈଠକକୁ ଆରମ୍ଭ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଭାପତି ସ୍ୱାଗତ ଭାଷଣ ଦେଇ ସଭକାର୍ଯ୍ୟକୁ ଆରମ୍ଭ କରିଥିଲେ । ବିଧାୟକ ନରସିଂହ ମାଡକାମୀ ୨୦୧୪ ମସିହା ପରେ ଭାଜପା ଦେଶରେ ନିଜ ଶାସନ ଭାର ଗ୍ରହଣ କରିବା ପରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣି କିଭଳି କୃଷି,ସ୍ୱାସ୍ଥ୍ୟ,ଗମନା ଗମନ ଓ ଖାଦ୍ୟ ନିରାପତ୍ତା କୁ ପ୍ରାଧାନ୍ୟ ଦେଇ ଦେଶକୁ ଆଗକୁ ବଢ଼ାଇ ଥିଲେ ମୋଦିଜୀ ଙ୍କ ନେତୃତ୍ୱରେ ଦେଶରୁ ନକ୍ସଲ ବାଦ୍ ର ମୂଳ ସମାପ୍ତି ଘଟିବା ସହ ଗ୍ରାମାଞ୍ଚଳ ଗୁଡ଼ିକ ଦେଶ ର ବିକାଶ ସହ ଯୋଡ଼ି ହୋଇ ପାରିଥିଲା । ରାଜ୍ୟରେ ବିଜେପି ସରକାର ର ଆଗମନ ତଥା ଡବଲ ଇଞ୍ଜିନ ସରକାର ରେ ଓଡ଼ିଶାର ବିକାଶରେ ନୂତନ ଅଧାୟ ଯୋଡ଼ି ହୋଇଥିଲା । ଚାଷୀଙ୍କ ହିତ ସାଧନ ପାଇଁ ଧାନର ମୂଲ୍ୟ ବୃଦ୍ଧି, ମା ଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା, ସଡ଼କ ପଥର ବିକାଶ,ରେଳ ପ୍ରକଳ୍ପ ର ଅଗ୍ରଗତି ପାଇଁ ଜମି ଅଧିଗ୍ରହଣ, ଗାଆଁ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ବିଧାୟକ ଆଦର୍ଶ ଗାଁ ଭ ଅନେକ ଯୋଜନା ମାନ କରିଥିବା ବେଳେ ୨୪ବର୍ଷର ବିଗତ ବିଜେଡି ସରକାର କେନ୍ଦ୍ର ଯୋଜନା ଗୁଡିକୁ ନିଜ ନାଁ ଦେଇ ରାଜ୍ୟ ବାସୀଙ୍କୁ ଭ୍ରମିତ କରିଥିଲା ସେ ବାବଦରେ ଅଭିଭାଷଣ ଦେଇଥିଲେ ।

ଏହି କ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଗଙ୍ଗା ସୋଡ଼ି ରାଜ୍ୟ ବିରୋଧୀ ଦଳ ଓ କେନ୍ଦ୍ର ବିରୋଧୀ କଂଗ୍ରେସ ର ଦେଶ ବିରୋଧୀ ନୀତିକୁ ନେଇ ଉଦ୍ବେଗ ପ୍ରକାଶ କରିବା ସହ ସାମୂହିକ ଭାବେ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା ସେବା ସଂକଳ୍ପ କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ପାଇଁ ସଦସ୍ୟଙ୍କୁ ଦାୟିତ୍ୱ ନ୍ୟସ୍ତ କରିବା ସହ ଏହାକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସରକାରୀ ସ୍ତରରେ ପାଳନ ହେବାକୁ ଥିବା କାର୍ଯକ୍ରମରେ ସହ ଯୋଗ କରିବାକୁ ଅନୁରୋଧ କରାଯାଇଥିଲା ।

---

## ହେମଗିରିରେ ନୂଆଁଖାଇ ଅବସରରେ କବାଡ଼ି ପ୍ରତିଯୋଗିତା



**ସୁନ୍ଦରଗଡ଼, ୧୫।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକ୍ ଏକ ଗଡଜାତ ଅଞ୍ଚଳ , ଏଠାରେ ରାଜାରାଜୁଡ଼ା ଅମଳରୁ ନବାର୍ଣ୍ଣ ଖାଇବା ପରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରିଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ । ବର୍ତ୍ତମାନ ସମୟରେ ପୂର୍ବତନ ଜମିଦାର ଯଜ୍ଞନରାୟଣ ସିଂଦେଓଙ୍କ ନାମରେ ନାମିତ ଯଜ୍ଞନାରାୟଣ ସାଂସ୍କୃତିକ ସଂଘ ପକ୍ଷରୁ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଅଛି । ଚଳିତ ବର୍ଷ ମଧ୍ୟ ମହା ଆଡମ୍ବରରେ ନୂଆଖାଇ ବଡ଼ ମାନଙ୍କର ଆଶୀର୍ବାଦ ପାଇବା ପରେ ଆରମ୍ଭ ହୋଇଥିଲା କବାଡ଼ି ଖେଳ । ଆୟୋଜକ କମିଟି ୧୬ ଟି ଦଳ ଖେଳାଳିଙ୍କୁ ନେଇ ପ୍ରତିଯୋଗିତା ଆରମ୍ଭ କରିଥିଲେ । ଉକ୍ତ କବାଡ଼ି ପ୍ରତିଯୋଗିତାରେ ଭାଗନେବା ପାଇଁ ଜିଲ୍ଲା ବାହାରୁ ତଥା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଠାରୁ ଖେଳାଳି ସମୂହ ଆସିଥିଲେ । ଏହି ଅବସରରେ ମୂଖ୍ୟ ଅତିଥି ରୂପେ ସଦର ବିଧାୟକ ଯୋଗେଶ କୁମାର ସିଂ ଉପସ୍ଥିତ ରହି ଆୟୋଜକ ଏବଂ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ରାଜପରିବାର ସଦସ୍ୟ କୁମାର ସାହେବ ସମେନ୍ଦ୍ର ସିଂ ଦେଓ, ବିଜେଡି ବ୍ଲକ ସଭାପତି ସୁକାନ୍ତ ପତି, କାଶୀନାଥ ରାଉତ, ଜୀବନ ରଞ୍ଜନ ପଟ୍ଟନାୟକ, ସୁନିଲ ପଣ୍ଡା, ବରୁଣକାନ୍ତ ବହିଦାର, ସୁମନ୍ତ ପଟ୍ଟନାୟକ, ଆନନ୍ଦ କୁଅଁର, ବିଜୟ ନାଏକ ବେହେରା, ପ୍ରମୋଦ ପତି, ପ୍ରକାଶ ବହିଦାର, ଶୈଳଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ବିଜେତାଙ୍କ ଦଳଙ୍କୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତାଙ୍କୁ ୨୦ ହଜାର ଟଙ୍କା ସହ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

---

# ରାଜରାସ୍ତାରେ ଅସହାୟ ୮୬ ବର୍ଷର ବୃଦ୍ଧ ଶିକ୍ଷକ

## ହଜାର ହଜାର ପିଲାଙ୍କ ଭବିଷ୍ୟତ ଗଢ଼ିଥିବା ଶିକ୍ଷକଙ୍କ ଜୀବନ ଅନ୍ଧାରରେ



**ବାଲିପାଟଣା, ୧୫।୯ (ସଂଚାର ବ୍ୟୁରୋ):** ବାଲିପାଟଣାର ଶ୍ରୀ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଜଗମୋହନ କାନୁନ୍‌ଗୋ, ଯିଏ ସମସ୍ତଙ୍କ ନିକଟରେ 'ଜଗବନ୍ଧୁ ସାର୍' ଭାବେ ପରିଚିତ, ଏବେ ୮୬ ବର୍ଷ ବୟସରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି।

ଦିନେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଥିବା ଏହି ଶିକ୍ଷକଙ୍କୁ ଅନେକ ସମୟରେ ବଜାର ରାସ୍ତାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସୁରକ୍ଷିତ ଭାବେ ବୁଲୁଥିବା ଦେଖିବାକୁ ମିଳୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଚା' କପେ ପାଇଁ ମଧ୍ୟ ଅନ୍ୟଙ୍କ ନିକଟରେ ହାତ ପାତିବାକୁ ପଡୁଥିବା ଅଭିଯୋଗ ହୋଇଛି।୧୯୯୭ ମସିହାରେ ଅବସର ନେଇଥିବା ଜଗବନ୍ଧୁ ସାର୍ ବର୍ତ୍ତମାନ ମାସକୁ ୩୦ ହଜାରରୁ ଅଧିକ ଟଙ୍କା ପେନସନ ପାଉଥିବା କୁହାଯାଉଛି। ତାଙ୍କ ପରିବାରରେ ଦୁଇ ପୁଅ ଓ ଦୁଇ ଝିଅ ଥିବାବେଳେ ଦୁଇ ଝିଅଙ୍କ ବିବାହ ହୋଇସାରିଛି। ପତ୍ନୀଙ୍କ ମୃତ୍ୟୁ ପରେ ସାନ ପୁଅ ମଧ୍ୟ ଅସୁସ୍ଥତା ଯୋଗୁଁ ଅନ୍ୟତ୍ର ରହି କାମ କରୁଥିବା ଜଣାପଡ଼ିଛି। ବଡ଼ ପୁଅଙ୍କ ବିରୋଧରେ ବୃଦ୍ଧ ବାପାଙ୍କ ପେନସନ ଟଙ୍କା ତାଙ୍କ ଏଟିଏମ୍ କାର୍ଡ ମାଧ୍ୟମରେ ଉଠାଇ ନେଉଥିବା ନେଇ ଅଭିଯୋଗ ରହିଛି।

ବାଲିପାଟଣା କଲେଜ ଛକ ନିକଟରେ ଥିବା ତାଙ୍କ ଘରଟି ମଧ୍ୟ ଦୀର୍ଘଦିନ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହି ଭଙ୍ଗା ଘରେ ହିଁ ସାର୍ ଜୀବନର ଶେଷ ପର୍ଯ୍ୟାୟ କାଟୁଛନ୍ତି। ଘର ପଛପଟେ ଜୟଦେବ ବିଧାୟକଙ୍କ କୋଠା ନିର୍ମାଣ ଚାଲିଥିବା ସତ୍ତ୍ୱେ ଜଣେ ବୃଦ୍ଧ ଶିକ୍ଷକଙ୍କ ଦୟନୀୟ ଅବସ୍ଥା ପ୍ରତି କାହାର ଦୃଷ୍ଟି ପଡୁନଥିବା ନେଇ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି।

ବାପାଙ୍କ ଅବସ୍ଥାକୁ ନେଇ ସାନ ପୁଅ ପ୍ରତ୍ୟୟ କିଶୋର (ବାପି) ଗତ ୬/୫/୨୦୨୬ରେ ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ଅନ୍ୟ ସାମ୍ବାଦିକଙ୍କ ସହାୟତାରେ ବାଲିପାଟଣା ଥାନାରେ ବଡ଼ ଭାଇଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା କୁହାଯାଇଛି। ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଘଟଣାରେ ପଦକ୍ଷେପ ନେବେ ବୋଲି କହିଥିଲେ ମଧ୍ୟ ଚାରି ମାସରୁ ଅଧିକ ସମୟ ପରେ ମଧ୍ୟ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ ହୋଇଛି। ଜଣେ ବୃଦ୍ଧ ଅବସରପ୍ରାପ୍ତ ଶିକ୍ଷକଙ୍କ ସୁରକ୍ଷା ବା ବରିଷ୍ଠ ନାଗରିକ ଙ୍କ ସୁରକ୍ଷା ଗଲା କୁଆଡ଼େ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଜୀବନଯାପନ ପାଇଁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି।

---

## ସ୍ୱଦେଶୀ ଶିଳ୍ପ ମହୋତ୍ସବ ଆରମ୍ଭ

**ବଲାଙ୍ଗିର,୧୫।୯ (ସଂଚାର ବ୍ୟୁରୋ):** ସୃଷ୍ଟି ହେଲପିଙ୍ଗ ହ୍ୟାଣ୍ଡ କଲ୍ୟାଣ ସଂଘ ତରଫରୁ ଆଜିଠାରୁ ଆରମ୍ଭ ହେଉଛି ସ୍ୱଦେଶୀ ଶିଳ୍ପ ମହୋତ୍ସବ। ସ୍ଥାନୀୟ କୋଶଲ କଳା ମଣ୍ଡଳ ପଡ଼ିଆରେ ଏକମାସ ପାଇଁ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ତଥା ବିକ୍ରୟ ମେଳାକୁ ସାଂସଦ ସଙ୍ଗୀତା ସିଂହଦେଓଙ୍କ ନୋମିନି ଦିନେଶ ଶର୍ମା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ହସ୍ତଶିଳ୍ପ, ଖଦି ପରି ଜିନିଷର ଚାହିଦା ବଢ଼ାଇବାକୁ ଏହି ମେଳା ଓ ବିକ୍ରୟ କେନ୍ଦ୍ରର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଭାରତର ବିଭିନ୍ନ ପ୍ରଦେଶରୁ ହସ୍ତତନ୍ତ, ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦ, ହସ୍ତଶିଳ୍ପ ଦ୍ରବ୍ୟ ଆସିଥିବା, ସୁଲଭ ମୂଲ୍ୟରେ ମିଳିବାକୁଥିବା ପରିଚାଳକ ବେଦ ପ୍ରକାଶ ତିୱାରୀ ଓ ପ୍ରେମରାମ ଦୁବେ ପ୍ରକାଶ କରିଛନ୍ତି।

---

## ଡିଏମଏଫ ଅନୁଦାନରେ ଗୋଟିଏ ନାଳରେ ତିନି ପ୍ରକଳ୍ପ କରି ଅର୍ଥ ହଡ଼ପ

**ଯାଜପୁର,୧୫।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଡିଏମଏଫ ଅନୁଦାନର ବ୍ୟାପକ ହଡପ ଏବଂ ଦୁରୁପଯୋଗ ଏବେ ସମଗ୍ର ରାଜ୍ୟରେ ଗୋର ଆଲୋଡନ ସଅଷ୍ଟି କରିଛି। ଏଠାରେ ଗୋଟିଏ ନାଳରେ ଡିଏମଏଫ ଅନୁଦାନରେ ତିନୋଟି ପୃଥକ ପୃଥକ ପ୍ରକଳ୍ପ ହୋଇଛି। ହେଲେ ଏହି ପ୍ରକଳ୍ପ ଗୁଡିକର କୌଣସି ସୁଫଳ ଲୋକେ ପାଉ ନାହାନ୍ତି। ଏଥିନେଇ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

ଯାଜପୁର ଜିଲ୍ଲାରେ ପାଣିକୋଇଲି ଅଞ୍ଚଳରେ ଥିବା ବ୍ରାହ୍ମଣୀ-ବୈତରଣୀ ଦୋଆବ ନଂ-୧୪ ଅଧୀନରେ ଥବା ନମଟିକିରୀ ନାଳ ପୁନରୁଦ୍ଧାର, ସୁରକ୍ଷା ପ୍ରାଚୀର ଓ ବନ୍ୟା ନିୟନ୍ତ୍ରଣ ନାମରେ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଥିବା କାଗଜପତ୍ରରେ ଦର୍ଶାଯାଇଛି। ହେଲେ ବାସ୍ତବରେ ଏତେ ପରିମାଣର ବିପୁଳ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥାରେ କୌଣସି ଆଖି ଦୃଶିଆ ପରିବର୍ତ୍ତନ ହୋଇନାହିଁ। ଏଠାରେ ୨୦ କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ବନ୍ୟା ସମୟରେ ସ୍ଥାନୀୟ ଲୋକଙ୍କ କୌଣସି ପ୍ରକାର କାର୍ଯ୍ୟରେ ଆସୁନାହିଁ।

ତଥ୍ୟ ଅନୁସାରେ ନମଟିକିରି ନାଳର ପୁନରୁଦ୍ଧାର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୯ କୋଟି ୮୬ ଲକ୍ଷ ଟଙ୍କା, ନାଳର ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ୪ କୋଟି ୯୧ ଲକ୍ଷ ଟଙ୍କା, ଲିଙ୍ଗେଶ୍ୱର ମନ୍ଦିରରୁ ନମଟିକିରୀ ନାଳ ପୁନରୁଦ୍ଧାର ପାଇଁ ୫ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହିପରି ସମୁଦାୟ ୨୦ କୋଟି ଟଙ୍କା ବ୍ୟୟ ହୋଇଛି। ଅପର ପକ୍ଷରେ ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଦାୟୀତ୍ୱ ରାଜ୍ୟ ଜଳସମ୍ପଦ ବିଭାଗ କିମ୍ବା ସ୍ଥାନୀୟ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନଦେଇ କେନ୍ଦ୍ରିୟ ଉଦ୍ୟୋଗ 'ଏନପିସିସି'କୁ ପ୍ରଦାନ କରାଯିବା ନେଇ ସନ୍ଦେହ ଘନୀଭୂତ ହୋଇଛି। ରାଜ୍ୟର ଦକ୍ଷ ବୈଷୟିକ ଟିମ ଥାଇ ମଧ୍ୟ କେଉଁ ଆଧାରରେ ପ୍ରକଳ୍ପଟି ଏକ କେନ୍ଦ୍ରିୟ ସଂସ୍ଥାକୁ ହସ୍ତାନ୍ତର କରାଗଲା, ତାହା ଅସ୍ପଷ୍ଟ ରହିଛି। ଡିଏମଏଫ ନିୟମାବଳୀ ଅନୁଯାୟୀ, ଖଣି ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ଓ ମାତୃ ପୁଷ୍ଟିହୀନତା ଦୂରୀକରଣ ଏବଂ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା କଥା। ମାତ୍ର ଅତ୍ୟାବଶ୍ୟକ ମୌଳିକ ସମସ୍ୟା ଥାଉ ଥାଉ କାହା ସ୍ୱାର୍ଥରେ ନାଳ ପୁନରୁଦ୍ଧାର ନାଁରେ କୋଟି କୋଟି ଖର୍ଚ୍ଚ କରାଗଲା, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି। ପ୍ରକଳ୍ପର ଅନୁମୋଦିତ ଡିପିଆର, ଟେଣ୍ଡର ମୂଲ୍ୟ, କାର୍ଯ୍ୟାଦେଶ, ମାପ ବହି (ଏମ ବୁକ) ଏବଂ ବିଲ ସହ ବାସ୍ତବ କାମକୁ ତୁଳନା କେଏ ସତ୍ୟାସତ୍ୟ ସମ୍ନାକୁ ଆସିପାରିବ ବୋଲି ଦାବି ହୋଇଛି।

---

# ୧୭ରୁ ବିଜେପିର ସେବା ସଂକଳ୍ପ ଅଭିଯାନ




**ଫୁଲବାଣୀ,୧୫।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସେବା ସମର୍ପଣର ୨୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୧୭ ସେପ୍ଟେମ୍ବର ୨୦୨୬ରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସମଗ୍ରକନ୍ଧମାଳ ଜିଲ୍ଲାରେ ସେବା ସଂକଳ୍ପ ଅଭିଯାନ ପାଳନ ହେବ ବୋଲି ଜିଲ୍ଲା ସଭାପତି ପଣ୍ଡିତ ବିସିମାଝୀଙ୍କ ଅଧ୍ୟକ୍ଷତାରେ କନ୍ଧମାଳ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀ ସ୍ଥାନୀୟ ପ୍ରଦକ୍ଷଣ ଗୃହଠାରେ କୁହାଯାଇଛି । ଏହି ସମ୍ମିଳନୀରେ ଏସ ଡି ସି ଚେୟାରମ୍ୟାନ ମାନଗୋବିନ୍ଦ ପ୍ରଧାନ,ସାଧାରଣ ସମ୍ପାଦକ ସଞ୍ଜିତ ମଣ୍ଡଳ,ସ୍ୱରୂପା ପଟ୍ଟନାୟକ,ଜିଲ୍ଲା ସଂଯୋଜକ ଦେବେନ୍ଦ୍ର କୁଦେଇ,ସାଧାରଣ ସମ୍ପାଦକ ସୁକାନ୍ତ ସାହୁ,ଯୁବ ମୋର୍ଚ୍ଚା ସଭାପତି ଦିବ୍ୟ ରଞ୍ଜନ ଡାକୁଆ,ନଗରସଭାପତି ଜଗନ୍ନାଥ ସାହୁଙ୍କ ସମେତ ଅନ୍ୟ କାର୍ଯ୍ୟ କର୍ତ୍ତା ମାନେ ଉପସ୍ଥିତ ଥିଲେ।

ଏହି ସମ୍ମିଳନୀ ରେ ଜିଲ୍ଲା ସଭାପତି କହିଛନ୍ତି ଯେ ଆମ ମାନ୍ୟବର ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଜୀଙ୍କ ନିର୍ଦ୍ଦେଶ ଅନୁସାରେ ବିଜେପି ପ୍ରତି ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ "ସେବା ପକ୍ଷ" ପାଳନ କରେ, କିନ୍ତୁ ଏଥର ଏକ ଆନନ୍ଦଦାୟକ ସଂଯୋଗ ୦୭ ଅକ୍ଟୋବର ୨୦୨୬ ରେ ପ୍ରଧାନମନ୍ତ୍ରୀ ଜଣେ ସାମ୍ବିଧାନିକ ମୁଖ୍ୟ (ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ) ଭାବରେ ଜନସେବାରେ ୨୫ ବର୍ଷ ପୂରଣ କରିବାକୁ ଯାଉଛନ୍ତି । ତେଣୁ, ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଜନସେବା ଏବଂ ସମର୍ପଣର ବାର୍ତ୍ତା ପହଁଚାଇବା ପାଇଁ ଆମେ ଏକ ମାସବ୍ୟାପୀ "ସେବା ସଂକଳ୍ପ ଅଭିଯାନ" ପାଳନ କରିବାକୁ ନିଷ୍ପତି ନେଇଛୁ । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର ସେବା, ସୁଶାସନ ଏବଂ କଲ୍ୟାଣକାରୀ ଯୋଜନା ଦ୍ୱାରା ଆସିଥିବା ପରିବର୍ତ୍ତନକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖକୁ ନେବା ଏବଂ "ବିକଶିତ ଭାରତ ୨୦୪୭"ର ସଂକଳ୍ପକୁ ସୁଦୃଢ଼ କରିବା ।

୭ ଅକ୍ଟୋବର ୨୦୨୬ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଜନସେବା ଏବଂ ସମର୍ପଣର ୨୫ ବର୍ଷ ପୂରଣ କରିବେ । ୦୭ ଅକ୍ଟୋବର ୨୦୦୧ ରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ ଏବଂ ବିଗତ ୨୫ ବର୍ଷ ମଧ୍ୟରେ ସେ ଜନସେବାକୁ ରାଷ୍ଟ୍ରସେବାରେ ରୂପାନ୍ତରିତ କରିବାର ନୀତି । ଦୃଷ୍ଟିକୋଣରୁ ଦେଖାଯାଇପାରେ, ଯାହାକୁ ସଂକଳ୍ପରୁ ସିଦ୍ଧିରେ ପରିଣତ କରିବା ପାଇଁ ନିରନ୍ତର ପ୍ରୟାସ କରାଯାଇଛି । ୮୦ କୋଟି ଲୋକଙ୍କୁ ମାଗଣା ରାସନ ଯୋଗାଇବା, ୧୦୦ କୋଟିରୁ ଅଧିକ ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଜନା ଅଧୀନକୁ ଆଣିବା ଏବଂ ୧୨ କୋଟି ଶୌଚାଳୟ ନିର୍ମାଣ ମାଧ୍ୟମରେ ୨୦୦ କୋଟି ମାଗଣା କୋଭିଡ-୧୯ ଟିକା ଦେବା ଏବଂ ଗରିବଙ୍କ ପାଇଁ ୪ କୋଟିରୁ ଅଧିକ ଘର ନିର୍ମାଣ କରିବା ସାଧାରଣ ସଫଳତା ନୁହେଁ । ଏଗୁଡ଼ିକ ସାଧାରଣ ପରିବର୍ତ୍ତନ ନୁହେଁ; ବରଂ ଏହା ସାଧାରଣ ଲୋକଙ୍କ ଜୀବନରେ ଆଣିବାକୁ ଚାହୁଁଥିବା ରୂପାନ୍ତର ଏବଂ ସେମାନଙ୍କ ଜୀବନଶୈଳୀକୁ ସୁଧାରିବାର ପ୍ରୟାସକୁ ଦର୍ଶାଏ ବୋଲି କହିଥିଲେ ।

ସଂଚାର SANCHAR
ବୁଧବାର ୧୬ ସେପ୍ଟେମ୍ବର ୨୦୨୬

# ସ୍ୱାସ୍ଥ୍ୟ




# ସୁସ୍ଥ ରହିବାର ସହଜ ଉପାୟ



ଆଜିର ବ୍ୟସ୍ତ ବହୁଳ ବିବ୍ରତ ବିଷାଦ ସାଙ୍ଗକୁ କ୍ଲାନ୍ତ କର୍ମମୟ ଜୀବନରେ ମଣିଷ ଯେତେବେଳେ ଅଶାନ୍ତିରେ ବାଟବଣା ହୋଇ ଘୂରିବୁଲୁଛି ଟିକେ ଶାନ୍ତି ପାଇବାକୁ ଆଜିର ଦୁନିଆରେ ଏକ ପ୍ରକାର ଅସମ୍ଭବ ହୋଇଯାଇଛି। ଏହି ଶାନ୍ତି ଟିକିଏ କିପରି ମଣିଷକୁ ମିଳିପାରିବ ସେଥିପାଇଁ ଜାପାନୀମାନେ ୫ଟି ଶୈଳୀକୁ ଅନୁସରଣ କରିଥାନ୍ତି। ଏହି ଅଭ୍ୟାସ ସବୁକୁ ଯଦି ଜଣେ ଧରି ଚାଲିବ ତେବେ କୌଣସି ଅଶାନ୍ତିର ବଶବର୍ତ୍ତୀ ହେବ ନାହିଁ। ଏହି ଅଭ୍ୟାସ ସବୁ କରିବାକୁ ହେଲେ ମନକୁ ପ୍ରଥମେ ଦୃଢ଼ କରିବା ଦରକାର। ତେବେ ଯାଇ ଜରେ ମାନସିକ ଓ ଶାରିରୀକ ସୁସ୍ଥ ଅନୁଭବ କରିପାରିବ।

ଶୋଗନାଇଃ ଆଜିର ସଭ୍ୟତାରେ ମଣିଷ ବେଳେବେଳ ନିଜ ନିୟନ୍ତ୍ରଣରେ ନଥିବା ସାମଗ୍ରୀ ପାଇବାକୁ ସଂଘର୍ଷ କରୁଛି କିନ୍ତୁ ପାଇପାରୁ ନାହିଁ। ସେଥିପାଇଁ ଏଥିପ୍ରତି ସମୟ ନଷ୍ଟ ନ କରି ମନକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇବା ଉଚିତ। ସରଳ ଭାଷାରେ ବୁଝାଇବାକୁ ଗଲେ ଲୋଭକୁ ଛାଡ଼ିବା ଉଚିତ।

ଶିରୀନ- ୟକୁଃ ଏକ ସୁନ୍ଦର ଶାନ୍ତ ପରିବେଶରେ କିଛି ସମୟ ନିଜ ଭିତରେ କାଟିବା। ସୋସିଆଲ୍ ମିଡିଆରୁ କିଛି ସମୟ ଦୂରେଇ ରଖିପାରିଲେ ଆମେ ମନାରେ ଶାନ୍ତି ଆଣି ପାରିବା।

ନେନବୁସ୍ସୁଃ ଏହା ଏକ ସରଳ ଏବଂ ଶକ୍ତିଶାଳୀ ଉପାୟ ଯାହା ମନକୁ ବାସ୍ତୁବାଦୀ ଚିନ୍ତାରୁ ସ୍ଥାନାନ୍ତରିତ କରିଥାଏ। ଈଶ୍ୱରଙ୍କ ଧ୍ୟାନ-ତପ-ଜପରେ ନିଜର କିଛି ସମୟ କାଟିବା ଦରକାର। ଏପରି ଦ୍ୱାରା ମନକୁ ହାଲୁକା ଲାଗେ ଓ ସକାରାତ୍ମକ ଚିନ୍ତାଧାରା ଆସିଥାଏ।

ଗମାନଃ ଯେକୌଣସି କାର୍ଯ୍ୟପ୍ରତି ମନକୁ ଦୃଢ଼ ପାଇବାର ଇଚ୍ଛା ଶକ୍ତି ରହିବା ଦରକାର। ସେଥିପାଇଁ ଗୋଟିଏ କାର୍ଯ୍ୟରେ ମନକୁ କେନ୍ଦ୍ରିତ କରି ନିଷ୍ପତ୍ତି ନେବା ଉଚିତ। ଯାହାଦ୍ୱାରା ଆମକୁ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାକୁ ସହଜ ହୋଇଥାଏ।

ଓ୍ୱବି-ସବିଃ ଜୀବନରେ ସବୁକିଛି କ୍ଷଣସ୍ଥାୟୀ। ଗୋଟଏ ଜିନିଷକୁ ମନ ଭିତରେ ରଖି ମନକୁ ଚାପଗ୍ରସ୍ତ କରନ୍ତୁନି। ସମୟ ସହିତ ମଣିଷକୁ ଚାଲିବାକୁ ପଡ଼ିଥାଏ। ସେଥିପାଇଁ ମନରେ ବାରମ୍ବାର ଗୋଟିଏ କଥା ପ୍ରତି ଘାରି ନ ହୋଇ ଅନ୍ୟ କାର୍ଯ୍ୟରେ ମନ ନିବେଶ କରିପାରିଲେ ମନକୁ ଶାନ୍ତି ମିଳିଥାଏ।

## ପେଟ ସମସ୍ୟା ଦୂର ପାଇଁ କଦଳୀ ଖାଆନ୍ତୁ

ସୁସ୍ଥ ରହିବାକୁ କିଏ ବା ନଚାହେଁ। ସୁସ୍ଥ ରହିଲେ ମଣିଷ ସବୁ କାର୍ଯ୍ୟ କରିବାକୁ ସମର୍ଥ ହେଇଥାଏ। ହେଲେ ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଉଛି ଯାହା ଫଳରେ ଲୋକେ ଦିନ କୁ ଦିନ ରୋଗାଗ୍ରସ୍ଥ ହେଉଛନ୍ତି। ହେଲେ ଆଜି ଆପଣଙ୍କୁ ଏପରି ଗୋଟିଏ ଫଳ ବିଷୟରେ କହିବୁ ଯାହାକୁ ଆପଣମାନେ ଖାଇଲେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବେ। ତେବେ ଆସନ୍ତୁ ଜାଣିବା ସେହି ଫଳର ନାମ କ'ଣ ?

ଏହି ଫଳର ନାମ ହେଉଛି 'କଦଳୀ'। ଏହି ଫଳଟିରେ କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ବି-୬, ଆଇରନ୍, ଫସଫରସ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ, ସୋଡିୟମ ଏବଂ ପୋଟାସିୟମ ଭଳି ଉପାଦାନ ପ୍ରଚୁର ପରିମାଣରେ ରହିଛି। ଏହି ଫଳକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଏଥି ସହ ଆସନ୍ତୁ ଜାଣିବା ଏହି ଫଳକୁ ଖାଇବାର ଲାଭ। କଦଳୀରେ ଥିବା ଉପାଦାନଗୁଡିକ ଆପଣଙ୍କ ଅନ୍ତନଳୀର ସ୍ୱାସ୍ଥ୍ୟକୁ ବହୁତ ପରିମାଣରେ ଉନ୍ନତ କରିପାରେ। ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ଫଳକୁ ଡାଏଟ ପ୍ଲାନରେ ମଧ୍ୟ ସାମିଲ୍ କରିପାରିବେ। ଏଥି ସହ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇଁ ମଧ୍ୟ କଦଳୀ ଖାଇପାରିବେ। ଆପଣ ଦିନସାରା କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଛନ୍ତି କି ? ତେବେ ଆପଣ ପ୍ରତିଦିନ ଖାଲି ପେଟରେ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀ ଖାଇ ଆପଣଙ୍କ ଦିନ ଆରମ୍ଭ କଲେ ଆପଣ ସାରା ଦିନ ଏନର୍ଜିଟିକ୍ ଅନୁଭବ କରିପାରିବେ। ଏହା ବ୍ୟତୀତ ଯଦି ଆପଣ ଆପଣଙ୍କର ଓଜନ କମ୍ କରିବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ଗୋଟିଏ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀରେ ମିଳୁଥିବା ଉପାଦାନଗୁଡିକ ଆପଣଙ୍କ ଶରୀରର ମେଟାବୋଲିଜିମ୍ ବୃଦ୍ଧି କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କଦଳୀକୁ ହାର୍ଟ ହେଲ୍ଥ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। କଦଳୀକୁ ସଠିକ୍ ପରିମାଣରେ ଖାଇବା ଦ୍ୱାରା ହୃଦ୍ ରୋଗର ଆଶଙ୍କା ହ୍ରାସ ପାଇପାରେ। ଏହା ବ୍ୟତୀତା, ଯଦି ଆପଣ ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିବାକୁ ଚାହୁଁଛନ୍ତି, ତେବେ ଆପଣ କଦଳୀ ମଧ୍ୟ ସେବନ କରିପାରିବେ। କଦଳୀ ଖାଲି ଶରୀରକୁ ସୁସ୍ଥ ରଖେନାହିଁ ବରଂ ତ୍ୱଚାରେ ମଧ୍ୟ ଚମକ ଆଣିଥାଏ। ଯଦି ଆପଣ ସବୁଦିନ ସକାଳୁ ଗୋଟିଏ କଦଳୀ ଖାଇବା ଅଭ୍ୟାସ୍ କରନ୍ତି, ତେବେ ଆପଣଙ୍କ ତ୍ୱଚା ଗ୍ଲୋ କରିବାକୁ ଆରମ୍ଭ ହେବ। ଏଥି ସହ ଅନେକ ଲୋକ ନିଜ ଡାଏଟ୍ ପ୍ଲାନରେ କଦଳୀକୁ ମଧ୍ୟ ସାମିଲ୍ କରିଥାନ୍ତି। ତେବେ ଆପଣ ସବୁଦିନ କଦଳୀ ଖାଆନ୍ତୁ ଦେଖିବେ ଆପଣ ସମ୍ପୂର୍ଣ୍ଣ ଫିଟ୍ ରହବେ ଏବଂ ଆପଣଙ୍କୁ ରିଲାକ୍ସ ମଧ୍ୟ ଲାଗିବ।



## ଗୋଲମରିଚ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର



ଗୋଲମରିଚକୁ ଆମେ ବିଭିନ୍ନ ଖାଦ୍ୟ ହେଉ ଅବା ଚା'ରେ ବ୍ୟବହାର କରିଥାଉ। ଏହାଦ୍ୱାରା ଶରୀରକୁ ଅନେକ ପ୍ରକାର ଫାଇଦା ମିଳିଥାଏ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନ୍ଫ୍ଲେମେଣ୍ଟାରୀ ଗୁଣ ସ୍କିନ ଏବଂ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କେବଳ ଗୋଲମରିଚ ନୁହେଁ ଏହାର ପାଣି ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବରଦାନ ସାବ୍ୟସ୍ତ ହୋଇପାରେ। ଗୋଲମରିଚ ପାଣି ପ୍ରସ୍ତୁତ କରିବା ପାଇଁ ଆପଣ ଏକ କପ୍ ପାଣିକୁ ଗରମ କରନ୍ତୁ। ଏଥିରେ ଟିକେ ଗୋଲମରିଚ ଗୁଣ୍ଡ ମିଶାନ୍ତୁ ଏବଂ ଏହାକୁ ଥରେ ଭଲ ଭାବରେ ଫୁଟାନ୍ତୁ ଏବଂ ଏହାକୁ ଛାଣି ପିଅନ୍ତୁ। ଆପଣ ଗୋଲମରିଚ ପାଣିର ସ୍ୱାଦ ବଢ଼ାଇବା ପାଇଁ ମହୁ କିମ୍ବା ଲେମ୍ବୁ ରସ ମଧ୍ୟ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା ଗୋଲମରିଚ ପାଣି ପିଇବାର କିଛି ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ।

ପେଟ ପାଇଁ ଲାଭଦାୟକ– ଗୋଲମରିଚ ପାଣି ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏସିଡ଼ିଟି ଭଳି ପେଟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ପୋଷକ ତତ୍ତ୍ୱ ଭରପୂର ପାନୀୟ ମଧ୍ୟ ପିଇପାରିବେ। ଯଦି ଆପଣ ନିଜ ଶରୀରକୁ ଡିଟକ୍ସାଇଫାଏ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଗୋଲମରିଚ ପାଣି ମଧ୍ୟ ପିଇବା ଆରମ୍ଭ କରିପାରିବେ। ଥଣ୍ଡା ଓ କାଶ– ଶୀତ ଋତୁରେ ଥଣ୍ଡା, କାଶ ଓ ଜର ଭଳି ସମସ୍ୟା ବହୁତ ବଢ଼ିଯାଇଥାଏ। ଗୋଲମରିଚ ପାଣି ପିଇବା ଦ୍ୱାରା ଏଭଳି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ବହୁ ପରିମାଣରେ ମୁକ୍ତି ମିଳିଥାଏ। ଆସ୍ଥମା ଏବଂ ବ୍ରୋଙ୍କାଇଟିସ୍ ଭଳି ଗୁରୁତର ସମସ୍ୟାରେ ପୀଡିତ ରୋଗୀମାନଙ୍କୁ ମଧ୍ୟ ଗୋଲମରିଚ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ଆପଣଙ୍କ ସୂଚନା ପାଇଁ କହିରଖୁଛୁ ଯେ ଗୋଲମରିଚ ପାଣିରେ ଥିବା ସମସ୍ତ ଔଷଧୀୟ ଗୁଣ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କେତେବେଳେ ପିଇବା ଅଧିକ ଲାଭଦାୟକ- ପ୍ରାୟତଃ ସକାଳେ ଖାଲି ପେଟରେ ଗୋଲମରିଚ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦିଆଯାଏ। ଗୋଲମରିଚ ପାଣି ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ତଥାପି, ଭଲ ଫଳାଫଳ ପାଇବା ପାଇଁ, ଆପଣ ଏକ ସୀମା ମଧ୍ୟରେ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ପାନୀୟକୁ ପିଇବା ଉଚିତ୍। ନଚେତ୍ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପରିବର୍ତ୍ତେ ନକାରାତ୍ମକ ପ୍ରଭାବ ପକାଇପାରେ।

## ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ସୁସ୍ଥ ରୁହନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଖାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ ଏବଂ ଶାନ୍ତ ମନରେ ଭୋଜନ କରନ୍ତୁ। ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ କିମ୍ବା ଆଇସକ୍ରିମ ଖାଆନ୍ତୁ ନାହିଁ। ଖାଇବାର ଠିକ୍ ପୂର୍ବରୁ ଏବଂ ପରେ ପାଣି ପିଅନ୍ତୁ ନାହିଁ। ଏହାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ), ଅଲ୍‌ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟ୍ରରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।

## ଗ୍ଲୋଇଂ ତ୍ୱଚା ପାଇଁ ଆଲୋଭେରା ଜେଲ୍



ଶୀତ ଋତୁରେ ଆମ ତ୍ୱଚାରେ ଅନେକ ପରିବର୍ତ୍ତନ ଘଟେ। ଏହି ଋତୁରେ ଚର୍ମର ଶୁଷ୍କତା ମଧ୍ୟ ବୃଦ୍ଧି ପାଇଥାଏ। ଏହି କାରଣରୁ, ଚର୍ମ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କା ବଢିଥାଏ। ତେଣୁ ଏହି ଋତୁରେ ସ୍କିନକୁ ମଶ୍ଚରାଇଜ୍ କରିବା ନିହାତି ଜରୁରୀ। ଶୀତଦିନେ ଚର୍ମର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗ୍ଲୋଇଂ ସ୍କିନ୍ ପାଇବା ପାଇଁ, ଆପଣ ଉପଯୁକ୍ତ ସ୍କିନ କେୟାର ରୁଟିନ ସହିତ ନିଜ ଡାଏଟର ବି ଯତ୍ନ ନେବା ଉଚିତ୍। ମୁହଁରୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନ କରିବାରେ ଆଲୋଭେରା ସାହାଯ୍ୟ କରିଥାଏ। ଥଣ୍ଡା ପାଗରେ ଚର୍ମରେ ଆର୍ଦ୍ରତା ବଜାୟ ରଖିବା ପାଇଁ ଆପଣ ଆଲୋଭେରା ଜେଲ୍ ପ୍ରୟୋଗ କରିପାରିବେ। ଆଣ୍ଟିଅକ୍ସିଡାଣ୍ଟ ସହିତ ଏହାର ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟି-ଫଙ୍ଗଲ୍ ଗୁଣ ମଧ୍ୟ ଥାଏ। ତେଣୁ ଏହାର ବ୍ୟବହାର ଚର୍ମ ସମ୍ବନ୍ଧୀୟ ସମସ୍ୟାକୁ ହ୍ରାସ କରିଥାଏ। କିନ୍ତୁ ଶୀତଦିନେ ଆଲୋଭେରା ଜେଲ୍ କିପରି ବ୍ୟବହାର କରାଯାଏ ତାହା ମଧ୍ୟ ଜାଣିବା ଉଚିତ୍। ତେବେ ଶୀତଦିନେ ଗ୍ଲୋଇଂ ସ୍କିନ୍ ପାଇଁ ଆଲୋଭେରା ଜେଲ୍ ସହିତ କେଉଁ ଜିନିଷଗୁଡିକ ମିଶାଇ ବ୍ୟବହାର କରିବା ଉଚିତ୍ ଆସନ୍ତୁ ଜାଣିବା।

ଆଲୋଭେରା ଏବଂ ବାଦାମ ତେଲର ମିଶ୍ରଣକୁ ପ୍ରୟୋଗ କଲେ ମୁହଁରେ ଥିବା ଅନେକ ଦିନର ଦାଗ କମିଯାଏ। ବାଦାମ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଇ ଥାଏ, ଯାହା ସ୍କିନକୁ ଗ୍ଲୋଇଂ କରିବାରେ ସାହାଯ୍ୟ କରିଥାଏ। ବାଦାମ ତେଲକୁ ଟିକେ ଆଲୋଭେରା ଜେଲରେ ମିଶାଇ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ। ଏହା ଆପଣଙ୍କ ତ୍ୱଚା ପାଇଁ ବହୁତ ଲାଭଦାୟକ ହେବ।

ଗ୍ଲୋଇଂ ସ୍କିନ୍ ପାଇଁ ଆଲୋଭେରା ଏବଂ ନଡିଆ ତେଲର ମିଶ୍ରଣ ମଧ୍ୟ ବହୁତ ଭଲ ହୋଇଥାଏ। ଆପଣଙ୍କୁ କହିରଖୁଛୁ ଯେ ନଡିଆ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ 'ଇ' ସହିତ ଅନେକ ମିନେରାଲସ ମଧ୍ୟ ମିଳିଥାଏ। ଏହାକୁ ପ୍ରୟୋଗ କରିବା ଦ୍ୱାରା ସ୍କିନ ଡ୍ରାଏ ହୋଇନଥାଏ। ଆପଣ ଏହାକୁ ବେକ, ହାତ ଏବଂ ପାଦରେ ମଧ୍ୟ ଲଗାଇ ପାରିବେ।

ଆପଣ ଆଲୋଭେରା ଜେଲରେ ହଳଦୀ ମିଶାଇ ଏହାକୁ ମୁହଁରେ ଲଗାଇ ପାରିବେ। ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟି-ଫଙ୍ଗଲ୍ ଗୁଣ ରହିଛି। ଏହାକୁ ପ୍ରୟୋଗ କରିବା ଦ୍ୱାରା କେବଳ ଗ୍ଲୋଇଂ ସ୍କିନ୍ ହୁଏ ନାହିଁ ବରଂ ଇନଫେକ୍ସନରୁ ମଧ୍ୟ ମୁକ୍ତି ମିଳିଥାଏ। ଆପଣ ଗାଧୋଇବା ପୂର୍ବରୁ ଆଲୋଭେରା ଜେଲ ସହିତ ମିଶ୍ରିତ ଏକ ଚାମଚ ହଳଦୀ ପ୍ରୟୋଗ କରିପାରିବେ। ଏହି ମିଶ୍ରଣକୁ ଅତି କମରେ ୧୦ ମିନିଟ୍ ପାଇଁ ପ୍ରୟୋଗ କରନ୍ତୁ। ତଥାପି, ଆଲୋଭେରା ଜେଲ ସହିତ କୌଣସି ପ୍ରକାରର ପରୀକ୍ଷଣ କରିବା ପୂର୍ବରୁ ସ୍କିନର ଏକ ପ୍ୟାଚ୍ ଟେଷ୍ଟ କରନ୍ତୁ। ଏହି ପ୍ୟାଚ୍ ଟେଷ୍ଟ ପରେ ଆପଣ ନିଶ୍ଚୟ ଜାଣିପାରିବେ ଆଲୋଭେରା ଆପଣଙ୍କ ସ୍କିନ ପାଇଁ ଠିକ ଅଛି କି ନାହିଁ।

### କିଛି ଦିନ ପରେ ଷାଣ୍ମାସିକ ପରୀକ୍ଷା

# ଛାତ୍ରଛାତ୍ରୀଙ୍କୁ ମିଳିଲାନି ସଂଶୋଧିତ ପାଠ୍ୟପୁସ୍ତକ

**ଜୟପୁର,୧୫।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲାରେ ଆଉ କିଛି ଦିନ ପରେ ଆରମ୍ଭ ହେବ ଅର୍ଦ୍ଧବାର୍ଷିକ ପରୀକ୍ଷା। କୋରାପୁଟ ଜିଲା ଏକ ଆଦୀବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାକାର ଛାତ୍ର ଛାତ୍ରୀଙ୍କ ପାଖରେ ଭୁଲ ପାଠ୍ୟପୁସ୍ତକରେ କିପରି ପାଠପଢ଼ି ପରୀକ୍ଷା ଦେବେ ତାହା ଏବେ ଆଶ୍ଚର୍ଯ୍ୟ କରିଛି। ପୁଣି ଦଶହରା ପୂଜା ଛୁଟି ମଧ୍ୟ ହେବା। ହେଲେ ଏଯାବତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମିଳିଲାନି ସଂଶୋଧିତ ପାଠ୍ୟପୁସ୍ତକ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିପାରିଲେ ନାହିଁ। ସରକାର ତଦନ୍ତ କଲେ ନିଲମ୍ବନ କଲେ ସବୁ କାର୍ଯ୍ୟାନୁଷ୍ଠାନ ନେଲେ ଠିକ କଥା କିନ୍ତୁ ଛାତ୍ର ଛାତ୍ରୀ ମାନେ ସଂଶୋଧିତ ପୁସ୍ତକ ପାଇଲେ ନାହିଁ। କେତେ ବାଟ ସଂଶୋଧନ ପ୍ରକ୍ରିୟା ଆଗେଇଲା। ପାଠ୍ୟପୁସ୍ତକ କେବେ ମିଳିବ। ଏସବୁର ଉତର କାହାରି ପାଖରେ ନାହିଁ। ସଂଶୋଧିତ ବହି ତ ଅଲଗା କଥା, ଏମିତିକି ଅନେକ ପିଲାଙ୍କ ପାଖରେ ସମ୍ପୂର୍ଣ୍ଣ ବହି ପହଞ୍ଚିନଥିବାର ଅଭିଯୋଗ ମଧ୍ୟ ଆସିଛି। ଏପଟେ ଅଭିଭାବକ କହିଲେଣି ଯେ, ପିଲାଙ୍କ ଭବିଷ୍ୟତ ସହ ଖେଳୁଛି ବିଭାଗ। ଶିକ୍ଷକମାନେ ମଧ୍ୟ ଚିନ୍ତାରେ ସଂଶୋଧିତ ବହି କେବେ ମିଳିବ।

ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରୁ ପ୍ରାଥମିକ ଶିକ୍ଷା ଅର୍ଥାତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହି ପରିବର୍ତ୍ତନ କରାଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଓଡ଼ିଶା କରିକୁଲମ ଫ୍ରେମ୍ୱାର୍କ ସ୍କୁଲ ଶିକ୍ଷା ୨୦୨୫ ଆଧାରରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଗଲା। ପ୍ରଥମତଃ ଶିକ୍ଷାବର୍ଷ ଆରମ୍ଭରୁ ବହି ବଣ୍ଟନ ହେବା କଥା ତାହା ହୋଇପାରିଲା ନାହିଁ। ଖରା ଛୁଟି ସରିଗଲା ପଛେ ପିଲାଙ୍କ ପାଖେ ବହି ପହଞ୍ଚି ପାରିଲା ନାହିଁ। ପ୍ରଥମ ଥର ନୂତନ ପାଠ୍ୟପୁସ୍ତକ ମୁଦ୍ରଣ ହୋଇଥିବାରୁ ସାମାନ୍ୟ ବିଳମ୍ବ ହେଉଛି ବୋଲି ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି। ଯେତିକି ବହି ବଣ୍ଟନ କରାଗଲା ସେହି ନୂଆ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟିକୁ ଧରିଲେ ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ। ଏହାକୁ ଖୋଦ୍ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ତଥା ଏସ୍ସିଇଆରଟି ମଧ୍ୟ ସ୍ୱୀକାର କଲା। ନିଜେ ୧୬୭୮ଟି ଭୁଲ୍ ଥିବା ଏକ ତାଲିକା ମଧ୍ୟ ଜାରି କରି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପାକୁ ପ୍ରଦାନ କରି ଭୁଲ୍ ସଂଶୋଧିତ କରି ପଢ଼ାଇବାକୁ କୁହାଯାଇଥିଲା। ଏହାପରେ ଖୋଲୁ ଖୋଲୁ ସାଂଘାତିକ ଭୁଲ୍ ଦେଖିବାକୁ ମିଳିଥଲା।

ଏହି ତ୍ରୁଟିକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇ ତଦନ୍ତ କମିଟି ଗଠନ କରି ଏହାର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ। ତଦନ୍ତ କମିଟିର ରିପୋର୍ଟ ଆଧାରରେ ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଗଲା। ଏଥିସହ ଆଉ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଗଲା। ଏପରିକି ସରକାର କ୍ରାଇମ ବ୍ରାଞ୍ଚକୁ ତଦନ୍ତ ଭାର ଦେଲେ, କ୍ରାଇମ ବ୍ରାଞ୍ଚ ଖୋଳତାଡ କରିବା ସହ ପୂର୍ବ ନିର୍ଦ୍ଦେଶକଙ୍କୁ ଗିରଫ ମଧ୍ୟ କଲା। ମୁଖ୍ୟମନ୍ତ୍ରୀ, ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ କମିଟିର ୧୪ଟି ସୁପାରିଶ କାର୍ଯ୍ୟକାରୀ କରାଯିବ ବୋଲି ନିର୍ଦ୍ଦେଶ ଦେଲେ।

ଏହାକୁ ମଧ୍ୟ ବିଭାଗ ସ୍ୱୀକାର କରି ସାମ୍ବାଦିକ ସମ୍ମିଳନୀରେ ପିଲାଙ୍କୁ ଖୁବ୍ଶୀଘ୍ର ସଂଶୋଧିତ ପୁସ୍ତକ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଲା। ହେଲେ ଏଯାବତ୍ ଏସବୁର କିଛି ଦେଖା ଦର୍ଶନ ନାହିଁ। ଅନ୍ୟପଟେ ବିଭାଗର ଏକାଡେମିକ୍ କ୍ୟାଲେଣ୍ଡର କହୁଛି, ଆସନ୍ତା ଅକ୍ଟୋବର ୧୭ରୁ ୨୬ ତାରିଖ ଯାଏ ଦଶହରା ଛୁଟି ରହିବ। ଏହା ପୂର୍ବରୁ ସେପ୍ଟେମ୍ବର ଶେଷ ସପ୍ତାହ ସୁଦ୍ଧା ଅର୍ଦ୍ଧବାର୍ଷିକ ପରୀକ୍ଷା ସାରିବାକୁ ଖୋଦ୍ ଓସେପା ମଧ୍ୟ ଗତ ୧ ତାରିଖରେ ଚିଠି କରିଛି।

ଏଠି ପ୍ରଶ୍ନ ଉଠୁଛି ଭୁଲ୍ ବହି ପଢ଼ି ପିଲା ପରୀକ୍ଷା ଦେବେ କିପରି। ଏମିତିକି ଅନେକ ସ୍କୁଲର ଛାତ୍ରଛାତ୍ରୀମାନେ ସମ୍ପୂର୍ଣ୍ଣ ବହି ମଧ୍ୟ ପାଇନାହାନ୍ତି ବୋଲି ଅଭିଯୋଗ ହୋଇଛି। ଲାଗୁଛି ଯେପରି ଭୁଲ୍ ବହିରେ ହିଁ ଏହି ଶିକ୍ଷାବର୍ଷ ବିତିଯିବ ବୋଲି ଅବିଭାବକ ମାନେ ଅଭିଯୋଗ କରିଛନ୍ତି। ତେଣୁ ରାଜ୍ୟ ସରକାର କ'ଣ ବିକଳ୍ପ ବ୍ୟବସ୍ଥା କରିଛନ୍ତି ତାହା ସୃଷ୍ଟ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ୧୮ ବାଇକ ଜବତ, ୨ ଗିରଫ

**ଗଞ୍ଜାମ,୧୫।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଆନ୍ତଃ ଜିଲ୍ଲା ବାଇକ ଚୋର ଗ୍ୟାଙ୍ଗର ପର୍ଦାଫାସ କରି ୧୮ଟି ଚୋରି ବାଇକ ଜବତ କରିଛି। ୨ ଜଣଙ୍କୁ ଗିରଫ ଓ ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେ.ଜେ.ବି.)ରେ ହାଜର କରାଯାଇଛି। ୧୨.୦୯.୨୦୨୬ରେ ମେଣ୍ଟୁ ଛକ, ପୁରୁଣା ବ୍ରହ୍ମପୁରର ୫୭ ବର୍ଷୀୟ ଅଭିଯୋଗକାରୀଙ୍କ ହିରୋ ଏଚଏଫ ଡିଲକ୍ସ ବାଇକ ଧୋବା ବନ୍ଧ ହୁଡା ପାର୍କରୁ ୦୭.୦୯.୨୦୨୬ ଭୋରରେ ଚୋରି ହୋଇଥିଲା। ଏନେଇ ବଡ଼ବଜାର ଥାନା କେସ ନଂ ୬୮୨/୨୦୨୬, ଧାରା ୩୩୧(୪)/୩୦୫(ଏ)/୬୧(୨)/୧୧୧(୨)(ଏ)/୧୧୧(୪)/୧୧୧(୬) ବିଏନଏସରେ ମାମଲା ରୁଜୁ ହୋଇଥିଲା। ଘଟଣାସ୍ଥଳ ଯାଞ୍ଚ, ସିସିଟିଭି ଓ ଗୁଇନ୍ଦା ସୂଚନା ଆଧାରରେ ସଂଗଠିତ ଗ୍ୟାଙ୍ଗର ପର୍ଦାଫାସ ହୋଇଛି। ଗିରଫ ଅଭିଯୁକ୍ତହେଲେ ଶଙ୍କର ଦାସ (୨୬), ପିତା ରମେଶ ଦାସ, ବାଇଙ୍ଗଣବାଡି, ସଦର ଥାନା- ରାହୁଲ ସାହୁ, (୧୯), ପିତା ବିପ୍ର ସାହୁ, ବାଇଙ୍ଗଣବାଡି କ୍ଷମୋଟ ୧୮ଟି ଚୋରି ବାଇକ ଓ ଅପରାଧରେ ବ୍ୟବହୃତ ୨ଟି ଗାଡି ଜବତ ହୋଇଛି। ରାହୁଲ ନିକଟରୁ ଏକ ହିରୋ ଏଚଏଫ ଡିଲକ୍ସ ମୋଟର ସାଇକେଲ, ୨ଟି ହିରୋ ଗ୍ଲାମର ଓ ହୋଣ୍ଡା ଆକ୍ଟିଭା ୩ଜି ଶଙ୍କର ନିକଟରୁ ହିରୋ ଏଚଏଫ ଡିଲକ୍ସ, ୨ଟି ଟିଭିଏସ ଏକ୍ସେଲ ୧୦୦ ଓ ୟାମାହା ଏମଟି ଡବ୍ଲୁବି ଜବତ ହୋଇଛି କ୍ଷପ୍ରଥମ ନାବାଳକ ନିକଟରୁ ହିରୋ ଏଚଏଫ ଡିଲକ୍ସ, ଟିଭିଏସ ଏକ୍ସେଲ ସୁପର, ହୋଣ୍ଡା ସାଇନ ଏସପି, ହିରୋ ପାସନ ପ୍ଲସ ଓ ହୋଣ୍ଡା ସାଇନଦ୍ୱିତୀୟ ନାବାଳକ ନିକଟରୁ ଟିଭିଏସ ଷ୍ଟାର, ବଜାଜ ଏନଏସ ୧୨୫, ବଜାଜ ସିଟି ୧୦୦, ବଜାଜ ପ୍ଲାଟିନା ଓ ହୋଣ୍ଡା ଆକ୍ଟିଭା-ଆଇଅପରାଧରେ ବ୍ୟବହୃତ ହିରୋ ଗ୍ଲାମର ଓ ଭେସପା ଭିଏକ୍ସଏଲ ସ୍କୁଟର ଜବତ ହୋଇଛି। ଦୁଇ ପ୍ରାପ୍ତ ବୟସ୍କଙ୍କୁ କୋର୍ଟ ଚାଲାଣ ଓ ଦୁଇ ନାବାଳକଙ୍କୁ ପିତାମାତାଙ୍କ ଉପସ୍ଥିତିରେ କାଉନସେଲିଂ ପରେ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି।

## ଅବନକେଲାରେ ୧୩ତମ ନୂଆଁଖାଇ ଭେଟଘାଟ-୨୦୨୬ ଉଦ୍‌ଘାଟିତ




**ସୁନ୍ଦରଗଡ଼,୧୫।୯ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ମିଳନ,ମମତା ଓ ମାଟିର ମହକ ମଧ୍ୟରେ ଅବନକେଲାରେ ନୂଆଁଖାଇ ଭେଟଘାଟ- ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଲୋକକଳା, ସଙ୍ଗୀତ ଓ ସାଂସ୍କୃତିକ ପରିବେଷଣରେ ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ସଂନ୍ଧ୍ୟାରେ ପୂଜା ଯୁବକବି ଫିରୋଜ କୁମାର ପଟେଲଙ୍କ ମଞ୍ଚ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ମଞ୍ଚରେ ଉପସ୍ଥିତ ରହି ନୂଆଁଖାଇ କୁ ମାଟିର ପର୍ବ ବୋଲି କହି ଅବନକେଲାର ନୂଆଁଖାଇ ମଞ୍ଚକୁ ଗ୍ରାମ ଏକତାର ପର୍ବ ବୋଲି କହିଥିଲେ ଓ ମଞ୍ଚ ଉପରୁ ନୂଆଁଖାଇ ଜୁହାର ଜଣାଇଥିଲେ। ରେମଣ୍ଡା ପଞ୍ଚାୟତର ସରପଞ୍ଚ ଚେମା ପ୍ରଧାନ, ସମିତି ସଭ୍ୟ ଜଟିଆ ମୁଣ୍ଡା ଓ ସମାଜସେବୀ ଉଦିତ କୁମାର ପଟେଲ ମଞ୍ଚରେ ରହି ନିଜ ନିଜ ନୂଆଖାଇ ବାର୍ତ୍ତା ଦେଇଥିଲେ। ନୂଆଁଖାଇର ଭେଟଘାଟ ସାଂସ୍କୃତିକ ଐତିହ୍ୟ ଓ ସାମୂହିକ ଏକତାର ଏକ ସୁନ୍ଦର ପ୍ରତିଫଳନ ପାଲଟିଥିଲା। ଗାଁର ବିଭିନ୍ନ ବର୍ଗର ଲୋକଙ୍କ ସମାଗମ ସହ ମଞ୍ଚରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ କଳା ଓ ସମ୍ବଲପୁରୀ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଚଳିତ ବର୍ଷର ଗଣେଶ ପୂଜା କମିଟିର ସଭାପତି ମନିଷ ପଟେଲ, ଉପ ସଭାପତି ନିମାଇଁ ପଟେଲ, ସମ୍ପାଦକ ଫିରୋଜ କୁମାର ପଟେଲ, ସହ-ସମ୍ପାଦକ ହିମାଂଶୁ ଗଡ଼ତିଆ ଓ କୋଷାଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଉତ୍ସବରେ ସମ୍ବଲପୁରୀ ଲୋକନୃତ୍ୟ, ଡାଲଖାଇ, ଲୋକଗୀତ, ଶିଶୁ କଳାକାରଙ୍କ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ମଞ୍ଚରେ ପଶ୍ଚିମ ଓଡ଼ିଶାର ଚର୍ଚ୍ଚିତ ଗାୟକ ସୁଶାନ୍ତ ଗଡ଼ତିଆ (ଉମା- ୨) ଓ ସାଥୀମାନଙ୍କ ପରିବେଷଣ ଦର୍ଶକଙ୍କ ମଧ୍ୟରେ ବିଶେଷ ଉତ୍ସାହ ଭରିଦେଇଥିଲା। ବଜାଗଜା ଓ ଗୀତର ମଧୁର ପରିବେଷଣରେ ମଧ୍ୟ ଦର୍ଶକ ମନୋରଞ୍ଜନର ଭରପୂର ମଜା ନେଇଥିଲେ।

ଏହି ଅବସରରେ ନୂଆଁଖାଇର ମୂଳ ଭାବନା ଭାଇଚାରା, ସମ୍ପର୍କ, ସମନ୍ୱୟ ଓ ନିଜ ମାଟି ପ୍ରତି ଗର୍ବ କୁ ନେଇ ଆଲୋଚନା ହୋଇ ଥିଲା। ଆୟୋଜକମାନେ କହିଥିଲେ, ନୂଆଁଖାଇ ଭେଟଘାଟ ମାଧ୍ୟମରେ ନୂଆ ପିଢ଼ିକୁ ନିଜ ଲୋକକଳା ଓ ପରମ୍ପରା ସହ ଯୋଡ଼ିବାର ଏକ ସୁଯୋଗ ସୃଷ୍ଟି ହୋଇଛି। "ମାଟି, ମଣିଷ ଓ ସଂସ୍କୃତିକୁ ଏକାଠି କରିବା ହିଁ ନୂଆଁଖାଇର ସତ୍ୟ ସନ୍ଦେଶ" ବୋଲି ଭେଟଘାଟ ଅବନକେଲା ର ସାଂସ୍କୃତିକ ଏକତାର ଏକ ନୂଆ ଅଧ୍ୟାୟ ଯୋଡ଼ିଛି।

## ଗଣେଶ ପୂଜା ପାଇଁ ଜୟପୁରରେ ଉତ୍ସବର ମାହୋଲ

**ଜୟପୁର,୧୫।୯ (ସଂଚାର ବ୍ୟୁରୋ):** ଜୟପୁରରେ ଗଣେଶ ପୂଜାକୁ ନେଇ ଉତ୍ସବର ମାହୋଲ। ବିଭିନ୍ନ ପୂଜା ମଣ୍ଡପରେ ଭିନ୍ନ ଭିନ୍ନ ରୂପରେ ଦର୍ଶନ ଦେଉଛନ୍ତି ଗଜାନନ। କେଉଁଠି ଖଜୁରୀରେ ନିର୍ମିତ ମୂର୍ତ୍ତି ତ ଆଉ କେଉଁଠି ରୁଦ୍ରାକ୍ଷରେ ସଜେଇଛନ୍ତି ବିଘ୍ନହର୍ତାଙ୍କୁ। ନିଆରା ସାଜସଜ୍ଜା ସାଙ୍ଗକୁ ଭକ୍ତିମୟ ପରିବେଶ। ଜୟପୁର ମିଲ୍ ଷ୍ଟ୍ରିଟ୍ ରେ ନିଆରା ରୂପରେ ଦର୍ଶନ ଦେଉଛନ୍ତି ଗଜାନନ। ୩୫ କିଲୋରୁ ଅଧିକ ଖଜୁରୀରେ ନିର୍ମିତ ହୋଇଛି ଗଣେଶଙ୍କ ମୂର୍ତ୍ତି। ଦୀର୍ଘ ୨୬ ବର୍ଷ ଧରି ଏହି ସାହିବାସିନ୍ଦାମାନେ ଗଣେଶ ପୂଜା କରିଆସୁଛନ୍ତି। ସେହିଭଳି ଜୟପୁର ସାମନ୍ତରା ସାହିରେ ମଧ୍ୟ ନିଆରା ସାଜସଜ୍ଜା। ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ଗୁପ୍ତେଶ୍ୱରଙ୍କ ଧାମର ଅବିକଳ ରୂପରେ ସଜାଯାଇଛି ପୂଜା ମଣ୍ଡପ। ଯାହା ଭକ୍ତଙ୍କୁ ଆକୃଷ୍ଟ କରୁଛି। ଜୟପୁର ସୌରା ସାହିରେ ରୁଦ୍ରାକ୍ଷରେ ନିର୍ମିତ ହୋଇଛି ଗଜାନନଙ୍କ ମୂର୍ତ୍ତି। ୨୨ ହଜାରରୁ ଅଧିକ ପଞ୍ଚମୁଖୀ ରୁଦ୍ରାକ୍ଷରେ ଏହି ମୂର୍ତ୍ତିକୁ ପ୍ରସ୍ତୁତ କରାଯାଇଛି। ଭକ୍ତଙ୍କୁ ମଧ୍ୟ ପଞ୍ଚମୁଖୀ ରୁଦ୍ରାକ୍ଷ ଭେଟି ଦିଆଯାଉଛି। ଏଠାରେ ପ୍ରସ୍ତୁତ ହୋଇଛି ୨୧ କିଲୋର ବିଶାଳ ଲଡୁ। ଲଡୁ ପାଇଁ କୁପନ୍ ବ୍ୟବସ୍ଥା କରାଯାଇଛି। ପୂଜା ଶେଷ ଦିନ ଲଟେରୀ ମାଧ୍ୟମରେ ଭକ୍ତଙ୍କୁ ଏହି ଲଡୁ ପ୍ରଦାନ କରାଯିବ। ଜୟପୁରର ବିଭିନ୍ନ ପୂଜା ମଣ୍ଡପରେ ଗଜାନନଙ୍କ ଏହି ନିଆରା ରୂପ ଏବେ ଭକ୍ତଙ୍କ ମନ ମୋହୁଛି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ନା ପ୍ରହସନ

**ଘଟଗାଁ,୧୫।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦେଶ ଅନୁଯାୟୀ ଗତ ଏକ ସପ୍ତାହରୁ ଅଧିକ ହେବ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ନିଶା ନିବାରଣ ଲାଗି ହାତରେ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ବାହାରି ଛକ ବଜାର ବସଷ୍ଟାଣ୍ଡ ଇତ୍ୟାଦି ଜନଗହଳି ସ୍ଥାନରେ ନିଶା ସେବନ ଦ୍ୱାରା କୁପ୍ରଭାବ ଶିକାର ହୋଇ ନିଜର ସହିତ ପରିବାର ଦୁଃଖ ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି। ବିଭିନ୍ନ ଥାନା ଗୁଡିକରେ ମଧ୍ୟ ବରିଷ୍ଠ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ସଚେତନତା ସଭା କରାଯାଉଛି। ତେବେ ବାସ୍ତବତାକୁ ଦେଖିଲେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ନୁହେଁ ଏହା ଏକ ପ୍ରହସନ ଭଳି ମନେ ହେଉଛି।



ବିଭିନ୍ନ ବିଦ୍ୟାଳୟ ଗୁଡିକରେ ନିଶା ନିବାରଣ ସଚେତନ ଅଭିଯାନ ଚାଲୁଥିଲେ ସୁଦ୍ଧା ଜିଲ୍ଲାର ଅନେକ ଗାଁ ଗୁଡିକରେ ରନ୍ଧା ଦେଶୀ ମହୁଲି ମଦ ପ୍ରସ୍ତୁତ କରି ଆଖପାଖ ଗାଁ ଗୁଡିକୁ ଚାଲାଣ କରାଯାଉଛି। ଗାଁ ଗୁଡିକରେ ମହୁଲି ମଦ ବିକ୍ରି କରି ବ୍ୟବସାୟୀ ମାଲେ ମାଲ ହେଉଥିବା ବେଳେ ଅନେକ ଘରେ ପାରିବାରିକ କଳହ ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପକ୍ଷରେ ନିଶା ଦ୍ରବ୍ୟ ସେବନ ଯୋଗୁଁ ଅନେକ ପିଲା ଅନାଥ ହେବା ସଙ୍ଗେ ସଙ୍ଗେ ମହିଳା ମାନେ ବିଧବା ହେଉଛନ୍ତି। ତାଙ୍କୁ ସାହାଯ୍ୟ କରିବା ପାଇଁ ପରିବାର ମଙ୍ଗଳ, ବିଧବା ଭତ୍ତା ଭଳି ଅନେକ ଯୋଜନାରେ ରାଜସ୍ୱ ହାନି ହେଉଛି।

ସାଧାରଣରେ ଆଲୋଚନା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନିଶା ନିବାରଣ ସଚେତନ କାର୍ଯ୍ୟକ୍ରମ କରୁଥିବା ବେଳେ ନିଶା କାରବାର ବ୍ୟବସାୟ କରୁଥିବା ବ୍ୟବସାୟୀ ନିର୍ଭୟରେ ମାଦକ ଦ୍ରବ୍ୟ ବିକ୍ରି କରୁଛନ୍ତି। ଫଳରେ ଚୋରି, ଡକାୟତି, ବଳାତ୍କାର ଭଳି ଘଟଣା ବଢ଼ି ଚାଲିବା ସଙ୍ଗେ ସଙ୍ଗେ ଶୃଙ୍ଖଳା ବ୍ୟବସ୍ଥା ଉଜୁଡି ଯାଉଛି। ଅବଶ୍ୟ ଅନେକ ସମୟରେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ ହେଉଥିଲେ ସୁଦ୍ଧା ସଫଳତା ମିଳୁ ଥିଲେ ମଧ୍ୟ ଆସାମୀଙ୍କୁ ଧରିବାରେ ବିଫଳ ହେଉଛନ୍ତି। ଉକ୍ତ ଘଟଣା ଗୁଡିକୁ ଲକ୍ଷ୍ୟ କଲେ ମନେ ହେଉଛି ନିଶା ନିବାରଣ ସଚେତନତା କାର୍ଯ୍ୟକାରୀ ନୁହେଁ ବରଂ ଏହା ଏକ ପ୍ରହସନ।

# କେନାଲ ଜାମ ଯୋଗୁଁ ବଦଳିଲା ଗତିପଥ

### ଜନଜୀବନ ବିପନ୍ନ, ନିଦାବିଷ୍ଟ କ୍ଷୁଦ୍ର ଜଳସେଚନ ବିଭାଗ

**ଚମ୍ପୁଆ,୧୫।୯ (ସଂଚାର ବ୍ୟୁରୋ):** ବିଭାଗୀୟ ଉଦାସୀନତା ଓ ଦୂରଦୃଷ୍ଟି ଅଭାବରୁ ଚମ୍ପୁଆ ଏନଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ବାରିକ ସାହିରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ସାହେବ ବନ୍ଧରୁ ବହିଯାଉଥିବା ମୁଖ୍ୟ କେନାଲଟି ଦୀର୍ଘ ଦିନ ଧରି ସଫା କରାଯାଉ ନଥିବାରୁ ଏହା ଏବେ ଲତା ଓ ଆବର୍ଜନାରେ ଜାମ ହୋଇ ପଡ଼ିଛି। ଫଳରେ ସାମ୍ପ୍ରତିକ ଲଗାଣ ବର୍ଷାରେ ବନ୍ୟା ଜଳ କେନାଲ ମଧ୍ୟ ଦେଇ ଗତି କରି ନପାରି ନିଜର ଗତିପଥ ବଦଳାଇ ଦେଇଛି। କେନାଲର ଏହି ପରିବର୍ତ୍ତିତ ସ୍ରୋତ ଏବେ ସ୍ଥାନୀୟ ବାସିନ୍ଦାଙ୍କ ଘରବାରି ପ୍ଲଟ ନମ୍ବର ୧୪୮୬/୪୦୮୧ ଓ ୧୪୮୬ ମଧ୍ୟରେ ପ୍ରବେଶ କରି ବୈତରଣୀ ନଦୀରେ ମିଶୁଛି। କେନାଲରେ ନିୟମିତ ତୀବ୍ର ଜଳ ପ୍ରବାହ ଯୋଗୁଁ ଦୁଇ କଡ଼ରେ ବ୍ୟାପକ ମୃତ୍ତିକା କ୍ଷୟ ହେବାରେ ଲାଗିଛି। ଫଳରେ ନିକଟରେ ଥିବା ବାସଗୃହ ଗୁଡ଼ିକ ପ୍ରତି ପ୍ରବଳ ବିପଦ ସୃଷ୍ଟି ହୋଇଛି।

ବନ୍ୟା ଜଳର ପ୍ରଖର ସ୍ରୋତ ଯୋଗୁଁ ସେଠାରେ ସୃଷ୍ଟି ହୋଇଥିବା ଭଗ୍ନ ଖାଇରୁ ବଡ଼ ବଡ଼ ଅତଡ଼ା ଖସିବାରେ ଲାଗିଛି, ଯାହାଦ୍ୱାରା ଖାଇଟି ନିଜର କାୟା ବିସ୍ତାର କରି ଚାଲିଛି। ଏହି ଅତଡ଼ା ଖସିବା ଫଳରେ ଖାଇ କୂଳରେ ଥିବା ଏକ ବିରାଟ ସିମୁଳି ଗଛ ଏବଂ ଏକ ଜାମୁ ଗଛ ନିକଟସ୍ଥ ବାସଗୃହ ଉପରେ ଭାଙ୍ଗି ପଡ଼ିଛି। ଏହା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଗୃହର ଆଂଶିକ କ୍ଷତି ଘଟିଥିବା ବେଳେ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି।

ଏହି କେନାଲଟି କ୍ଷୁଦ୍ର ଜଳ ସେଚନ ବିଭାଗ ଅଧୀନରେ ଥିବା ବେଳେ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଆଜି ଏଭଳି ପରିସ୍ଥିତି ଉପୁଜିଛି। ସ୍ଥାନୀୟ ଅଧିବାସୀମାନେ ବାରମ୍ବାର ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବିଭାଗର ଏଭଳି ନିଷ୍କ୍ରିୟତା ଓ ନିରବଦ୍ରଷ୍ଟା ସାଜିବା ମନୋଭାବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର କେନାଲ ସଫା କରାଯାଇ ମୃତ୍ତିକା କ୍ଷୟ ରୋକିବାକୁ ସୁରକ୍ଷା ପ୍ରାଚୀର ନିର୍ମାଣ ନକଲେ, ଆଗକୁ ବଡ଼ ଧରଣର ଧନଜୀବନ ହାନି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ ଏଥି ପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ବରିଷ୍ଠ କଂଗ୍ରେସ ନେତା ଦାମୋଦର ମହାନ୍ତିଙ୍କ ପରଲୋକ



**ଧାମନଗର,୧୫।୯ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଅଧିନ ରମେଶ୍ୱରପୁର ଗ୍ରାମର ମୁରବି ସମାଜସେବୀ,ପରୋପକାରୀ ମିଷ୍ଟ ଭାସି ବରିଷ୍ଠ କଂଗ୍ରେସ ନେତା ଦାମୋଦର ମହାନ୍ତି (୭୨)ଙ୍କ ପରଲୋକ ଘଟିଛି। ତାଙ୍କର ବିୟୋଗ ଆମ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ସେ ଦୀର୍ଘ ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିବା ଜଣାପଡିଛି। ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମରଶରୀର ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ,ସମିତି ସଭ୍ୟ,ଖବର ପାଇ କଂଗ୍ରେସ ଦଳର ବରିଷ୍ଠ ନେତାଙ୍କ ସମେତ ବିଭିନ୍ନ ଦଳର ନେତୃ ମଣ୍ଡଳୀ ସ୍ୱର୍ଗତ ମହାନ୍ତିଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ପଞ୍ଚାୟତରେ ଶୋଭାଯାତ୍ରା କରାଯାଇ ଗ୍ରାମର ଏକ ମଶାଣିରେ ଶବ ସତ୍କାର କରାଯାଇଛି।

## ନୀଳଗିରିରେ ଏସ୍‌ଏଫ୍‌ଆଇର ନୂତନ ବ୍ଲକ କମିଟି ଗଠିତ



**ବାଲିଆପାଳ,୧୫।୯ (ସଂଚାର ବ୍ୟୁରୋ):** ଭାରତର ଛାତ୍ର ଫେଡେରେସନ୍ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଆଜି ନୀଳଗିରିରେ ନୂତନ ବ୍ଲକ କମିଟି ଗଠନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଏକ ୧୩ ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା। ନୂତନ କମିଟିର ଆବାହକ ଭାବେ ରଶ୍ମିତା ସିଂ ଏବଂ ସହଆବାହକ ଭାବେ ବିଶ୍ୱଜୟୀ ସିଂ ଓ ହରପ୍ରିୟା ସିଂ ନିର୍ବାଚିତ ହୋଇଛନ୍ତି। ବୈଠକରେ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀ ସତ୍ୟଜିତ ଦାସ ଆଲୋଚନା କରିଥିଲେ। ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ଅଧିକାର ଓ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସେ ମତ ରଖିଥିଲେ।

ସେହିପରି ଏସ୍‌ଏଫ୍‌ଆଇର ରାଜ୍ୟ ସଭାପତି ଶ୍ରୀ ଚନ୍ଦନ କାମିଲା ସଂଗଠନର ଉଦ୍ଦେଶ୍ୟ ଓ ଇତିହାସ, ଛାତ୍ରଛାତ୍ରୀଙ୍କ ଅଧିକାର ଏବଂ ଶିକ୍ଷା ସମ୍ପର୍କିତ ବିଭିନ୍ନ ଦାବୀ ଓ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ବ୍ଲକ କମିଟି ଗଠନ ମାଧ୍ୟମରେ ନୀଳଗିରି ଅଞ୍ଚଳରେ ଛାତ୍ର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ଶିକ୍ଷା ସମ୍ପର୍କିତ ପ୍ରସଙ୍ଗ ଯଥା ନୀଳଗିରି ବ୍ଲକରେ ଖାଲି ପଡ଼ିଥିବା ଥିବା ସମସ୍ତ ସରକାରୀ ସ୍କୁଲ କଲେଜରେ ଶିକ୍ଷକ ନିଯୁକ୍ତି, ଶିକ୍ଷାନୁଷ୍ଠାନ ଗୁଡିକର ଭିତିଭୂମି, ଗୁଣାତ୍ମକ ଶିକ୍ଷା ଆଦି ଅନେକ ଦାବୀ ଉପରେ ଆଗାମୀ ଦିନରେ ସଂଗଠିତ ଭାବେ କାର୍ଯ୍ୟ କରାଯିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସମାଜସେବୀ ବିଜୟୀ କୁମାର ପାତ୍ର, ଯୋଗାନନ୍ଦ ଦାସ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ରୁପାଲୀ ସିଂ, ପ୍ରତୀକ୍ଷା ସିଂ, ନରେଶ ସିଂ, ଶ୍ରୀମାନ ସିଂ, ସାରା ସିଂ, ତପସ୍ୱିନୀ ସିଂ, ସ୍ନେହଲତା ସିଂ, ସୁହାଗି ସିଂ, ଭବାନୀପ୍ରିୟା ସିଂ, ରେବିକା ସିଂ ବ୍ଲକ କମିଟିରେ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

# ପାର୍ବଣ ପାଇଁ ବାଲିକୁଦା ପୁଲିସର କଡ଼ା ପ୍ରସ୍ତୁତି

### ଭସାଣିରେ ଡିଜେ ସମ୍ପୂର୍ଣ୍ଣ ନିଷେଧ, ନିୟମ ଉଲ୍ଲଂଘନ କଲେ ଜବତ ହେବ ଡିଜେ

**ବାଲିକୁଦା,୧୫।୯ (ସଂଚାର ବ୍ୟୁରୋ):** ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଜଗତସିଂହପୁର ଜିଲ୍ଲା ବାଲିକୁଦା ପୋଲିସ ପକ୍ଷରୁ ପ୍ରସ୍ତୁତି ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନଙ୍କୁ ଡାକି ପୋଲିସ ପକ୍ଷରୁ ବିଭିନ୍ନ ନିୟମ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଛି। ପାର୍ବଣ ଉତ୍ସବରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ ଏହା ବଦଳରେ ବ୍ରାସ୍ ବ୍ୟାଣ୍ଡ ବ୍ୟବହାର କରିପାରିବେ ବୋଲି ଥାନାର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏଥିସହିତ ସମ୍ପୂର୍ଣ୍ଣ ଡିଜେ ସେଟ୍‌ଅପ୍ ବ୍ୟବହାର ନକରି ସୀମିତ ଭାବେ ଚାରିଟି



ସ୍ପିକରରେ ସ୍ୱଳ୍ପ ଶବ୍ଦରେ ଧ୍ୱନି ବ୍ୟବହାର କରିବାକୁ ବିଭିନ୍ନ ପୂଜା କମିଟିକୁ ପରାମର୍ଶ ଦିଆଯାଇଛି।

ଅତ୍ୟଧିକ ଶବ୍ଦ ପ୍ରଦୂଷଣ ଯୋଗୁଁ ବୟସ୍କ ବ୍ୟକ୍ତି ଓ ହୃଦ୍‌ରୋଗୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଶବ୍ଦ ନିୟନ୍ତ୍ରଣ ଉପରେ ପୋଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ, ବାଲିକୁଦା ଅଞ୍ଚଳରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ୨୨ ଜଣଙ୍କ ନାମରେ ବିଏନଏସଏସ୍ ଧାରା ୧୨୯ ଅନୁଯାୟୀ ନୋଟିସ୍ ଜାରି କରାଯାଇଛି। ଗଣେଶ ପୂଜା ଓ ପାର୍ବଣ ଋତୁରେ ଯେପରି କୌଣସି ପ୍ରକାର ଅପରାଧିକ କାର୍ଯ୍ୟକଳାପ କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି ବୋଲି ଥାନାର ଭାରପ୍ରାପ୍ତ ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।

ଭସାଣି ଉତ୍ସବ ସମୟରେ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ନକରିବାକୁ ପୂଜା କମିଟି ଓ ଯୁବକମାନଙ୍କୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହିତ ନିର୍ଦ୍ଦେଶ ଉଲ୍ଲଂଘନ କରି ଡିଜେ ବ୍ୟବହାର କଲେ ସମ୍ପୃକ୍ତ ଡିଜେ ଜବତ କରାଯିବା ସହ ପୂଜା କମିଟି ର ସଭାପତି, ସମ୍ପାଦକ ଏବଂ କର୍ମକର୍ତା ମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲିକୁଦା ପୋଲିସ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି। ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହିତ ଆଗାମୀ ପାର୍ବଣ ଋତୁ ପାଳନ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପୂଜା କମିଟି ଓ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦିଆଯାଇଛି।

# ସରକାରୀ କ୍ୱାର୍ଟର ଛାଡୁନାହାନ୍ତି ଅବସରପ୍ରାପ୍ତ ଅଧିକାରୀ

### କାର୍ଯ୍ୟରତ କର୍ମଚାରୀ ଭଡ଼ା ଘରେ, ଆବାସ ଆବଣ୍ଟନ ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ

**ଝାରସୁଗୁଡ଼ା,୧୫।୯ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସରକାରୀ କ୍ୱାର୍ଟର ଆବଣ୍ଟନ ବ୍ୟବସ୍ଥାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କ୍ୱାର୍ଟର ଅଭାବରୁ ଜିଲ୍ଲାରେ କାର୍ଯ୍ୟରତ ଅନେକ ଅଧିକାରୀ ଓ କର୍ମଚାରୀ ଭଡ଼ା ଘରେ ରହୁଥିବା ବେଳେ କେତେକ ଅବସରପ୍ରାପ୍ତ ଅଧିକାରୀ ଅବସର ପରେ ମଧ୍ୟ ସରକାରୀ ଆବାସ ଦଖଲରେ ରଖିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଝାରସୁଗୁଡ଼ାରେ ଦୀର୍ଘବର୍ଷ ଧରି ରାଜସ୍ୱ ବିଭାଗରେ କାର୍ଯ୍ୟରତ ଥିବା ଜଣେ ଅଧିକାରୀ ଅବସର ଗ୍ରହଣ କରିବାର ପ୍ରାୟ ତିନି ମାସ ପରେ ମଧ୍ୟ ଏକ ସରକାରୀ କ୍ୱାର୍ଟର ଖାଲି କରିନଥିବା ଅଭିଯୋଗ ରହିଛି। ଏହି କ୍ୱାର୍ଟରକୁ କେତେକ ଜମି ଦଲାଲଙ୍କ ଯାତାୟାତ ଓ ସମାଗମସ୍ଥଳ ଭାବେ ବ୍ୟବହାର କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ସତ୍ୟତା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଅନ୍ୟପକ୍ଷରେ, ରାଜସ୍ୱ ବିଭାଗ ଅଧୀନରେ ଥିବା କେତେକ ସରକାରୀ କ୍ୱାର୍ଟର ଅଣକର୍ମଚାରୀଙ୍କ ଦଖଲରେ ଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଫଳରେ ସରକାରୀ ଆବାସ ପାଇବାକୁ ଯୋଗ୍ୟ ଥିବା କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ କ୍ୱାର୍ଟର ନପାଇ ବାହାରେ ଭଡ଼ା ଘରେ ରହୁଥିବା କୁହାଯାଉଛି। ଏହାଠାରୁ ଅଧିକ ଚର୍ଚ୍ଚାର ବିଷୟ ହୋଇଛି ଜଣେ ଅବସରପ୍ରାପ୍ତ ଅଧିକାରୀ ସରକାରୀ କ୍ୱାର୍ଟରରେ ରହିବା ସହ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ଅଭିଯୋଗ। ସରକାରୀ ଆବାସ ଦଖଲରେ ରହି ଘରୋଇ ସଂସ୍ଥାରେ ମୋଟା ଅଙ୍କର ଦରମାରେ କାର୍ଯ୍ୟ କରିବା ଘଟଣାକୁ ନେଇ ସରକାରୀ ଅଧିକାରୀ ଓ କର୍ମଚାରୀ ମହଲରେ ଚର୍ଚ୍ଚା ଜୋର ଧରିଛି।

ସରକାରୀ କ୍ୱାର୍ଟର ଆବଣ୍ଟନ ଏବଂ ଅବସର ପରେ ଆବାସ ଖାଲି କରିବା ସମ୍ପର୍କରେ ନିର୍ଦ୍ଦିଷ୍ଟ ନିୟମ ରହିଛି। ଏପରିସ୍ଥଳେ ନିୟମ ଅନୁଯାୟୀ ସମୟସୀମା ମଧ୍ୟରେ କ୍ୱାର୍ଟର ଖାଲି ନହେବା ଘଟଣାକୁ ନେଇ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠିଛି। କାର୍ଯ୍ୟରତ କର୍ମଚାରୀ କ୍ୱାର୍ଟର ଅଭାବରୁ ବାହାରେ ଭଡ଼ା ଘରେ ରହୁଥିବା ବେଳେ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଦଖଲରେ ସରକାରୀ ଆବାସ ରହିବା ଆବାସ ଆବଣ୍ଟନ ବ୍ୟବସ୍ଥାର ସ୍ୱଚ୍ଛତା ନେଇ ସନ୍ଦେହ ସୃଷ୍ଟି କରିଛି। ତେବେ ଜିଲ୍ଲା ପ୍ରଶାସନ ଏହି ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି ଏବଂ ସରକାରୀ କ୍ୱାର୍ଟରଗୁଡ଼ିକୁ ପ୍ରକୃତ ହକଦାରଙ୍କୁ ଆବଣ୍ଟନ କରାଯାଉଛି କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଯୁବ ସାମ୍ବାଦିକ ରିଙ୍କୁ ପଟନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ବୋରିଗୁମ୍ମା,୧୫।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଯୁବ ସାମ୍ବାଦିକ ସ୍ୱର୍ଗତ ରିଙ୍କୁ ପଟନାୟକଙ୍କ ଅକାଳ ବିୟୋଗ ସମଗ୍ର ବୋରିଗୁମ୍ମା ଅଞ୍ଚଳକୁ ମର୍ମାହତ କରିଛି । ଜଣେ ଦକ୍ଷ, ନିଷ୍ଠାପର ଓ ମିଷ୍ଟଭାଷୀ ସାମ୍ବାଦିକ ଭାବେ ପରିଚିତ ରିଙ୍କୁଙ୍କ ବିୟୋଗରେ ସାମ୍ବାଦିକ ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀର ନିକଟରେ ସାମ୍ବାଦିକମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ଆଜି ସମସ୍ତେ ଭାବବିହ୍ୱଳ ପରିବେଶ ମଧ୍ୟରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ, କେ. ସାକିଲ ଦୋରା, ରଞ୍ଜନ କୁମାର ମିଶ୍ରଙ୍କ ସମେତ ବ୍ଲକର ବି. ସିଂହପୁର, କୁମୁଲି, କାମତା, କାଠରଗଡାରୁ ସାମ୍ବାଦିକମାନେ ଯୋଗଦେଇଥିଲେ। ଏହାଛଡ଼ା ବୋରିଗୁମ୍ମା ପ୍ରେସ କ୍ଲବର ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବକ୍ତାମାନେ ସ୍ୱର୍ଗତ ରିଙ୍କୁଙ୍କ କର୍ମନିଷ୍ଠା, ଦାୟିତ୍ୱବୋଧ ଓ ଜନସମ୍ପର୍କ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଥିଲେ। ସାମ୍ବାଦିକ ଓ ସାଧାରଣ ଲୋକଙ୍କ ସହ ତାଙ୍କର ସରଳ ଓ ସୁନ୍ଦର ବ୍ୟବହାର ସଦା ସ୍ମରଣୀୟ ରହିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ସ୍ଥାନୀୟ ଡାକ ବଙ୍ଗଳା ପରିସରରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।